ବର୍ଷ-୨୪, ସଂଖ୍ୟା-୨୭୭
ଭୁବନେଶ୍ୱର
୧୦ ନଭେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 277
Bhubaneswar
10 November, 2024 Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ୨୪ରେ 'ସୁଭଦ୍ରା' ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା

**ଭୁବନେଶ୍ୱର,୯।୧୧ (ମହାଭାରତ):** ଲଣ୍ଡନ ଗସ୍ତ ଶେଷ କରି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ 'ସୁଭଦ୍ରା' ଯୋଜନାକୁ ନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବଡ଼ ଘୋଷଣା କରିଛନ୍ତି। ସେ କହିଛନ୍ତି, ଆଗାମୀ ୨୪ ତାରିଖରେ ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଟଙ୍କା ମିଳିବ। ଏହି ଦିନ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ମହିଳା ହିତାଧିକାରୀଙ୍କୁ 'ସୁଭଦ୍ରା' ଯୋଜନାରେ ୫ ହଜାର ଟଙ୍କା ଦିଆଯିବ। ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ ବୋଲି ଆଜି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।

ଆଜି ଗଣମାଧ୍ୟମ ପ୍ରତିନିଧିଙ୍କ ସହ ଆଲୋଚନା ବେଳେ ସେ କହିଛନ୍ତି, ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇସାରିଥିବା ବେଳେ ବ୍ଲକସ୍ତରରେ ଖାରଜ ତାଲିକା ପ୍ରସ୍ତୁତ ହୋଇଛି। ଏହା ମଧ୍ୟରେ ବ୍ୟାଙ୍କ,ଆଧାର କାର୍ଡରେ ଥିବା ତ୍ରୁଟି ସଂଶୋଧନ କରିନେଲେ ସେମାନଙ୍କୁ ଏହି ପର୍ଯ୍ୟାୟରେ ସାମିଲ କରାଯିବ। ନଚେତ ବାଦ ପଡ଼ିଥିବା ମହିଳାମାନଙ୍କୁ ଆସନ୍ତା ପର୍ଯ୍ୟାୟରେ ସାମିଲ କରିବାକୁ ଟାର୍ଗେଟ ରଖାଯାଇଛି। ଜଣେ ବି ଯୋଗ୍ୟ ହିତାଧିକାରୀ ଏହି ଯୋଜାନରୁ ବଞ୍ଚିତ ହେବେନି। ସମସ୍ତ ହକଦାରଙ୍କୁ ଟଙ୍କା ପ୍ରଦାନ କରାଯିବ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା।

ଆସନ୍ତା ୨୪ ତାରିଖରେ ସୁନ୍ଦରଗଡ଼ ଜିଲ୍ଲାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଟଙ୍କା ପ୍ରଦାନ କରାଯିବ। ଏହି



କାର୍ଯ୍ୟକ୍ରମରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଜୁଏଲ ଓରାମ ପ୍ରମୁଖ ଉପସ୍ଥିତ ରହିବେ ବୋଲି ସୂଚନା ଦେଇଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଗତ ସେପ୍ଟେମ୍ବର ୧୭ ତାରିଖରେ ରାଜ୍ୟରେ ସୁଭଦ୍ରା ଯୋଜନାର ଶୁଭାରମ୍ଭ ହୋଇଥିଲା। ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଯୋଗ ଦେଇ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଉକ୍ତ ଦିନ ପ୍ରଥମ କିସ୍ତିର ପ୍ରଥମ ପର୍ଯ୍ୟାୟରେ ରାଜ୍ୟର ୨୫ ଲକ୍ଷ ମହିଳାଙ୍କୁ ସୁଭଦ୍ରା ଟଙ୍କା ମିଳିଥିଲା।

ଏହାପରେ ଦ୍ୱିତୀୟ ପର୍ଯ୍ୟାୟରେ ପ୍ରାୟ ୩୫ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ଗତ ୯ ତାରିଖରେ ମିଳିଥିଲା ପ୍ରଥମ କିସ୍ତି ଟଙ୍କା। ଏଯାବତ ପ୍ରାୟ ୬୦ ଲକ୍ଷ ମହିଳା ସୁଭଦ୍ରା ଯୋଜନାର ପ୍ରଥମ କିସ୍ତି ଟଙ୍କା ପାଇ ସାରିଲେଣି। ରାଜ୍ୟ ସରକାର କୋଟିଏରୁ ଅଧିକ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ସାମିଲ କରି ଟଙ୍କା ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ଆସନ୍ତା ମାର୍ଚ୍ଚ ୮ ତାରିଖରେ ଦ୍ୱିତୀୟ କିସ୍ତି ଟଙ୍କା ପ୍ରଦାନ କରାଯିବା ନିମନ୍ତେ ଘୋଷଣା କରାଯାଇଥିବାରୁ ତା' ପୂର୍ବରୁ ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସୁଭଦ୍ରା ଯୋଜନାରେ ମୋଟ ୧ କୋଟି ୨ ଲକ୍ଷ ହିତାଧିକାରୀ ପଞ୍ଜିକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଲକ୍ଷ ହିତାଧିକାରୀଙ୍କୁ ପ୍ରଥମ କିସ୍ତି ଟଙ୍କା ଦିଆଯାଇସାରିଛି। ବିଭିନ୍ନ କାରଣରୁ ୨ ଲକ୍ଷ ୬୭ ହଜାର ଆବେଦନ ଖାରଜ ହୋଇଯାଇଛି।

ଏନେଇ ଉପମୁଖ୍ୟମନ୍ତ୍ରୀ କହିଛନ୍ତି, ବିଭିନ୍ନ ତ୍ରୁଟି କାରଣରୁ ଆବେଦନ ପତ୍ର ରିଜେକ୍ଟ ହୋଇଛି। ରିଜେକ୍ଟ ତାଲିକା ଜିଲ୍ଲାପାଳଙ୍କ ଜରିଆରେ ବ୍ଲକକୁ ପଠାଯାଇଛି। ଆଧାର କାର୍ଡ, ବ୍ୟାଙ୍କ ତ୍ରୁଟି ସଂଶୋଧନ କଲେ ଏହି ପର୍ଯ୍ୟାୟରେ ଟଙ୍କା ମିଳିବ। ସଂଶୋଧନ କରିବାରେ ବିଳମ୍ବ ହେଲେ ପରବର୍ତ୍ତୀ ପର୍ଯ୍ୟାୟରେ ମିଳିବ ଯ ଜଣେ ବି ଯୋଗ୍ୟ ହିତାଧିକାରୀ ସୁବିଧାରୁ ବଞ୍ଚିତ ହେବେ ନାହିଁ ବୋଲି ସେ କହିଛନ୍ତି।

# ୧୫ରେ ଓଡ଼ିଶା ଆସିବେ ମୋଦି

**ଭୁବନେଶ୍ୱର,୯।୧୧ (ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୁଣି ଓଡ଼ିଶା ଗସ୍ତରେ ଆସିବେ। ସେ ଆସନ୍ତା ୧୫ ତାରିଖରେ ଦିନିକିଆ ଓଡ଼ିଶା ଗସ୍ତରେ ଆସିବେ ବୋଲି ସୂଚନା ଦେଇଛନ୍ତି ରାଜ୍ୟ ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାୟକ। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଉରକେଲାରେ ଆୟୋଜିତ 'ଜନଜାତି ଗୌରବ ଦିବସ' କାର୍ଯ୍ୟକ୍ରମରେ ଯୋଗ ଦେବେ। ସୂଚନା ଅନୁଯାୟୀ, ନଭେମ୍ବର ୧୫ ତାରିଖରେ ପଡୁଛି ସହିଦ ବୀରସା



ମୁଣ୍ଡାଙ୍କ ଜନ୍ମତିଥି। ଏହି ଦିନ ଜନଜାତି ଗୌରବ ଦିବସ ପାଳିତ ହେବ। ଏହି ଏକ ବର୍ଷବ୍ୟାପୀ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉଦଘାଟନ କରିବେ। ଏହା ୧୫ରୁ ଆରମ୍ଭ ହୋଇ ଏକ ବର୍ଷ ଯାଏ ଚାଲିବ।

# ଆଜି ଅଁଳା ନବମୀ ଓ ରାଧା ପାଦ ଦର୍ଶନ

**ପୁରୀ,୯।୧୧(ମହାଭାରତ):** ଆଜି ପବିତ୍ର ଅଁଳା ନବମୀ। ପୁରୀ ସାକ୍ଷୀଗୋପୀନାଥ ମନ୍ଦିରରେ ଅନୁଷ୍ଠିତ ହେବ ରାଧାରାଣୀ ପାଦ ଦର୍ଶନ। ଏଥିପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ। ସାକ୍ଷୀଗୋପୀନାଥ ମନ୍ଦିରର ରଙ୍ଗ କାମ ଶେଷ ହୋଇଥିବାବେଳେ ମନ୍ଦିରକୁ ସୁନ୍ଦର ଭାବରେ ସଜା ଯାଇଛି। ଅଁଳା ନବମୀରେ ରାଧାରାଣୀଙ୍କ ଓଡ଼ିଆଣୀ ବେଶକୁ ନେଇ ଭକ୍ତଙ୍କ ମଧ୍ୟରେ ଢେର ଉତ୍ସାହ। ଓଡ଼ିଆଣୀ ବେଶରେ ଦର୍ଶନ ଦେବେ ମାଆ। ରାଧାରାଣୀ ଓ ନଟବର ବେଶରେ ଦର୍ଶନ ଦେବେ ପ୍ରଭୁ ସାକ୍ଷୀ ଗୋପୀନାଥ। ରାତି ଗୋଟାଏରୁ ମନ୍ଦିର ଖୋଲାଯାଇ ମଙ୍ଗଳ ଆଳତି ଓ ଅବକାଶ ନୀତି ଆଦି କରାଯାଇ ସୁସଜ୍ଜିତ ବେଶ କରାଯିବ। ସୁବର୍ଣ୍ଣ ଅଳଙ୍କାରରେ ସଜ୍ଜିତ ହେବେ ମାଆ। ରାଧାରାଣୀ ଓ ପ୍ରଭୁ ସାକ୍ଷୀ ଗୋପୀନାଥ। ରାଧାପାଦ ଦର୍ଶନ ପାଇଁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହେବ।

# ପୂର୍ବତନ ବିଧାୟକଙ୍କ ସ୍ତ୍ରୀଙ୍କ ମୃତଦେହ ଶ୍ମଶାନରୁ ଜବତ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଭୁବନେଶ୍ୱର ସତ୍ୟନଗର ଶ୍ମଶାନରେ ହାଇଡ୍ରାମା ଦେଖିବାକୁ ମିଳିଛି। ଅର୍ଦ୍ଧଦଗ୍ଧ ମୃତଦେହକୁ ନେଇ ସନ୍ଦେହ ବଢୁଛି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ତେବେ ସବୁଠୁ ବଡ଼ କଥା ହେଉଛି ଏହା କୌଣସି ସାଧାରଣ ମୃତଦେହ ନୁହେଁ ଏହା ବ୍ରହ୍ମଗିରିର ପୂର୍ବତନ ବିଧାୟକ ଅଜୟ କୁମାର ଜେନାଙ୍କ ସ୍ତ୍ରୀ ଅଶ୍ରୁକଣା ପ୍ରଧାନଙ୍କ ମୃତଦେହ। ଯାହାକୁ ନେଇ ବିବାଦ ଦେଖାଦେଇଛି। ମୃତଦେହ ବ୍ୟବଚ୍ଛେଦ ନ କରି, କାହାକୁ ନଜଣାଇ ତାଙ୍କ ବୋହୂ ସତ୍କାର କରୁଥିବା ବେଳେ ଖବରପାଇ ସମ୍ପର୍କୀୟ ଓ ପୋଲିସ ସତ୍ୟନଗର ମଶାଣିରେ ପହଞ୍ଚିଥିଲେ। ବୋହୂ



କାହାକୁ ନଜଣାଇ ଶାଶୁ ତଥା ଅଶ୍ରୁକଣାଙ୍କ ମୃତଦେହ ସତ୍କାର କରୁଥିବା ବେଳେ ଉତ୍ତେଜନା ଦେଖାଦେଇଛି। ପରେ ପୋଲିସ ମୃତଦେହକୁ ଜବତ କରିଛି। ତେବେ ସମ୍ପତ୍ତି ପାଇଁ ବୋହୂ ଶାଶୁଙ୍କୁ ମାରି ଦେଇଥିବା ସମ୍ପର୍କୀୟ ଅଭିଯୋଗ ଆଣିଥିବା ବେଳେ ବୋହୂ ମଧ୍ୟ ପାଲଟା ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି, ସମ୍ପର୍କୀୟ ସମ୍ପତ୍ତି ପାଇଁ ମିଛ କହୁଛନ୍ତି। ଘରେ ଶାଶୁଙ୍କ ସମ୍ପର୍କୀୟ ଲୋକ ଅନେକ ବର୍ଷ ଧରି ମତେ ନିର୍ଯାତନା ଦେଇ ଆସୁଥିଲେ। ତେଣୁ ସିଏ କାହାକୁ କିଛି ନକହି ଶେଷକୃତ୍ୟ କରୁଥିବା କହିଛନ୍ତି। ଅନ୍ୟପଟେ ବୋହୂ ଶାଶୁଙ୍କୁ ନିର୍ଯାତନା ଦେଉଥିବା ଅଭିଯୋଗ ଆଣିଛନ୍ତି ମୃତକଙ୍କ ସାନଭଉଣୀ। ଘଟଣାସ୍ଥଳରେ ଖାରବେଳନଗର ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

# ହୋମ ଗାର୍ଡ ନିଯୁକ୍ତି ଉପରେ ଥିବା ରହିତାଦେଶ ପ୍ରତ୍ୟାହୃତ

**ଭୁବନେଶ୍ୱର,୯।୧୧ (ମହାଭାରତ):** ରାଜ୍ୟରେ ହୋମ ଗାର୍ଡଙ୍କ ନିଯୁକ୍ତି ଉପରେ ଥିବା ରହିତାଦେଶକୁ ପ୍ରତ୍ୟାହୃତ କରିଛନ୍ତି ରାଜ୍ୟ ସରକାର। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏହି ବ୍ୟାନ୍ ପ୍ରତ୍ୟାହୃତ ହୋଇଛି। ଏହାଦ୍ୱାରା ରାଜ୍ୟରେ ଖାଲିଥିବା ହୋମ ଗାର୍ଡ ପଦବୀ ଖୁବ୍ ଶୀଘ୍ର ପୂରଣ ହୋଇ ପାରିବ। ସୂଚନା ଯୋଗ୍ୟ ଯେ ରାଜ୍ୟରେ ସମୁଦାୟ ହୋମ ଗାର୍ଡ ପଦବୀ ସଂଖ୍ୟା ୧୭,୬୭୫ ଥିବା ବେଳେ ୧୫,୩୦୬ ଜଣ ହୋମ ଗାର୍ଡ କାର୍ଯ୍ୟରତ ଅଛନ୍ତି। ୨୩୬୯ ପଦବୀ ଖାଲି ଅଛି। ଏହି ନିଷ୍ପତ୍ତି ଦ୍ୱାରା ଖାଲି ଥିବା ପଦବୀ ଗୁଡ଼ିକ ଆବଶ୍ୟକତା ଅନୁଯାୟୀ ପୂରଣ କରାଯାଇ ପାରିବ।

# ଆଇଏଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଆଇଏଏସ୍ ସ୍ତରରେ ଅଦଳବଦଳ କରିଛନ୍ତି ରାଜ୍ୟ ସରକାର। ଏନେଇ ଶନିବାର ସାଧାରଣ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଶକ୍ତି ଓ ଯୋଗାଣ ବିଭାଗ ସହ ବଦଳିଛନ୍ତି ଅବକାରୀ ବିଭାଗର ସଚିବ। ଆଜି ସାଧାରଣ ପ୍ରଶାସନ ପକ୍ଷରୁ ପାଇଥିବା ବିଜ୍ଞପ୍ତି ଅନୁସାରେ ଏସ୍ଆରସି ଓ ରାଜସ୍ୱ ବିଭାଗର ଦାୟିତ୍ୱ ତୁଲାଉଥିବା ଦେଓରଞ୍ଜନ ସିଂହଙ୍କୁ ବନ ଉନ୍ନୟନ ନିଗମର ଅଧ୍ୟକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥି ସହିତ ଶକ୍ତି




ବିଭାଗ ସଚିବ ପଦରୁ ହେମନ୍ତ ଶର୍ମାଙ୍କ ବଦଳି କରାଯାଇ ତାଙ୍କ ସ୍ଥାନରେ ପ୍ରମୁଖ ସଚିବ ବିଶାଳ ଦେବଙ୍କୁ ଶକ୍ତି ବିଭାଗ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ବୀର ବିକ୍ରମ ଯାଦବଙ୍କୁ ଖାଦ୍ୟ ଯୋଗାଣ ସଚିବ ପଦରୁ ଅପସାରଣ କରାଯାଇ ତାଙ୍କ ସ୍ଥାନରେ ସଂଜୟ ସିଂହଙ୍କୁ ଖାଦ୍ୟ ଯୋଗାଣ ବିଭାଗର ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥି ସହିତ ସେ ସୂଚନା ଓ ଲୋକସଂପର୍କ ବିଭାଗର ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇବେ। ସେହିପରି କ୍ରୀଡ଼ା ସଚିବ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ଭାସ୍କର ଜ୍ୟୋତି ଶର୍ମାଙ୍କୁ ଓପିଟିସିଏଲ୍ ସିଏମ୍ଡି ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥି ସହିତକେନ୍ଦ୍ରୀୟ ଡେପୁଟେସନରୁ ଫେରିଥିବା ଗିରିଶ ଏସ୍ଏନ୍ଙ୍କୁ ପଞ୍ଚାୟତିରାଜ ସଚିବ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ସେହିପରି ହସ୍ତତନ୍ତ ଓ ବୟନ ଶିଳ୍ପ ବିଭାଗର ସଚିବ ପଦରୁ ଅରବିନ୍ଦ ପାଢୀ ଏବଂ ଅବକାରୀ କମିଶନର ପଦରୁ ସୁଶୀଲ କୁମାର ଲୋହାନୀଙ୍କୁ ଅପସାରଣ କରାଯାଇ ସ୍ୱତନ୍ତ୍ର ସଚିବ ଗୁହା ପୁନମ ତାପସ କୁମାରଙ୍କୁ ଏହି ଦୁଇ ବିଭାଗ ଦାୟିତ୍ୱ ପ୍ରଦାନ କରାଯାଇଛି।

# ୨୬ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍

**ଜୟପୁର,୯।୧୧(ମହାଭାରତ):** କୋରାପୁଟ ଜିଲ୍ଲାର ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ୨୬ ଜଣ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଥିବା ୨୬ ଡାକ୍ତରଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରି ଆସନ୍ତାକାଲି ସୁଦ୍ଧା ଲିଖିତ ଭାବେ ଜବାବ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ମିଳିଥିବା ସୂଚନା ଅନୁସାରେ ଜୟପୁର ସ୍ଥିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଡାକ୍ତରମାନେ ନିୟମିତ ଆସୁନଥିବା ଅଭିଯୋଗ ହେଉଥିଲା। ଆଉ ଏହାରି ମଧ୍ୟରେ ଗତ ୬ ତାରିଖ ଦିନ ଜୟପୁରରେ ଅନୁଷ୍ଠିତ ହୋଇଥିଲା ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ ରିଭ୍ୟୁ ବୈଠକ। ଏହି ବୈଠକରେ ଡାକ୍ତରଖାନାର ୨୬ ଡାକ୍ତର ଯୋଗଦେଇନଥିଲେ। ଏତେ ସଂଖ୍ୟକ ଡାକ୍ତର ବୈଠକରେ ଅନୁପସ୍ଥିତ ରହିବାରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଅସନ୍ତୋଷ ପ୍ରକାଶ କରିଥିଲେ। ଯାହାପରେ ଆଜି ସମସ୍ତ ଡାକ୍ତରଙ୍କୁ ଆସନ୍ତା ୧୦ ତାରିଖ ସୁଦ୍ଧା ଲିଖିତ ଜବାବ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି।

# ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ବନ୍ଦ ହେବ ନାହିଁ

**ଭୁବନେଶ୍ୱର,୯।୧୧ (ମହାଭାରତ):** ରାଜ୍ୟର କୌଣସି ବିଦ୍ୟାଳୟରେ ଛାତ୍ରଛାତ୍ରୀମାନଙ୍କ ପାଇଁ ମଧ୍ୟାହ୍ନ ଭୋଜନ ବନ୍ଦ ହେବ ନାହିଁ ବୋଲି ଗଣଶିକ୍ଷା ବିଭାଗ ଶାସନ ସଚିବ ଶାଳିନୀ ପଣ୍ଡିତ କହିଛନ୍ତି। ଆଜି ରାଜ୍ୟର ସମସ୍ତ ଜିଲ୍ଲାରେ ପୁଷ୍ଟିକର, ନିରାପଦ ମଧ୍ୟାହ୍ନ ଭୋଜନ ପରିଚାଳନା ନେଇ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭାଗୀୟ କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ଅଧିକାରୀ ତଥା ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ରଘୁରାମ ଆର୍ ଆୟାରଙ୍କ ସମେତ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ନେଇ ଆଭାସୀ ମାଧ୍ୟମରେ ଏକ ଜରୁରୀକାଳିନ ବୈଠକ ଅନୁଷ୍ଠିତ ହୋଇଯାଇଛି।



ଉକ୍ତ ବୈଠକରେ ବିଭାଗୀୟ କମିଶନର ତଥା ଶାସନସଚିବ ଜିଲ୍ଲାମାନଙ୍କୁ ପିଏମ୍-ପୋଷଣ ଅନ୍ତର୍ଗତ ଆର୍ଥିକ ଅନୁଦାନ ଯୋଗାଇ ଦିଆଯାଉଥିବା ନେଇ ସୂଚନା ଦେଇଛନ୍ତି। ପୋଷଣୀୟ ଚାଉଳ ଓ ଉନ୍ନତମାନର ଖାଦ୍ୟ ସାମଗ୍ରୀ ବ୍ୟବହାର କରିବା ସହ ନିରନ୍ତର ଭାବରେ ଛାତ୍ରଛାତ୍ରୀମାନଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇଦେବା ପାଇଁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି କମିଶନର ତଥା ଶାସନ ସଚିବ। ଏଥିସହିତ କୌଣସି ପରିସ୍ଥିତିରେ ମଧ୍ୟାହ୍ନ ଭୋଜନ ବନ୍ଦ ନ କରିବାକୁ ଜିଲ୍ଲା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଶ୍ରୀମତୀ ପଣ୍ଡିତ। ପୁଷ୍ଟିକର ମଧ୍ୟାହ୍ନ ଭୋଜନ ପ୍ରତିଟି ଶିଶୁର ଅଧିକାର। ମଧ୍ୟାହ୍ନ ଭୋଜନ ଆମ ସମସ୍ତଙ୍କର ପ୍ରାଥମିକ ଦାୟିତ୍ୱ। ଏହା କିଭଳି ନିରାପଦ, ସ୍ୱଚ୍ଛ, ସୁରକ୍ଷିତ ହେବା ସହ ବିନା କୌଣସି ସମସ୍ୟାରେ ପ୍ରତିଦିନ ଛାତ୍ରଛାତ୍ରୀମାନଙ୍କୁ ମିଳିବ ସେ ନେଇ ସମସ୍ତଙ୍କୁ ସମ୍ବେଦନଶୀଳ ହେବାକୁ ପଡ଼ିବ ବୋଲି ସେ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସଂଯୋଜକ ଅଧିକାରୀ (ପିଏମ୍-ପୋଷଣ) ରଘୁରାମ ଆର୍ ଆୟାର ମଧ୍ୟ ଶିକ୍ଷା ଅଧିକାରୀମାନଙ୍କ ସହ ମଧ୍ୟାହ୍ନ ଭୋଜନ ପରିଚାଳନା କିପରି ସରଳ ଓ ନିରାପଦ ହୋଇପାରିବ ସେ ନେଇ ଆଲୋଚନା କରିଥିଲେ। ପିଏମ୍-ପୋଷଣ ଅନ୍ତର୍ଗତ ସମସ୍ତ ସରକାରୀ ଓ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟଗୁଡ଼ିକରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ଛାତ୍ରଛାତ୍ରୀଙ୍କୁ ମଧ୍ୟାହ୍ନ ଭୋଜନ ଯୋଗାଇ ଦିଆଯାଉଛି।

# ଘଞ୍ଚ ଜଙ୍ଗଲକୁ ଗଲା ବାଘୁଣୀ ଯମୁନା

**ବାରିପଦା,୯।୧୧(ମହାଭାରତ):** ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜରରେ ଥିବା ବାଘୁଣୀ 'ଯମୁନା'କୁ ଶନିବାର ବନ ବିଭାଗ ପକ୍ଷରୁ ଶିମିଳିପାଳ ଅଭୟାରଣ୍ୟର କୋର ଘଞ୍ଚ ଜଙ୍ଗଲରେ ଛଡ଼ାଯାଇଛି। ଯମୁନା ଉପରେ ବନ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ନଜର ରଖିବେ ବୋଲି ଶିମିଳିପାଳ ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ନେଇଛନ୍ତି। ସୂଚନା ଯୋଗ୍ୟ, ଗତ କିଛି ଦିନ ତଳେ ଶିମିଳିପାଳ ଅଭୟାରଣ୍ୟ ଏନ୍‌କ୍ଲୋଜରରେ ବୁଲୁଥିବା ମହାବଳ ବାଘୁଣୀ 'ଯମୁନା' ଏକ ବାର୍ହାକୁ ଶିକାର କରି ଖାଇଥିଲା।

# ଦୁଇ ମାଓବାଦୀଙ୍କ ଆତ୍ମସମର୍ପଣ

**ମାଲକାନଗିରି,୯।୧୧(ମହାଭାରତ):** ସୀମାନ୍ତ ଛତିଶଗଡର ସୁକମା ପୁଲିସ ନିକଟରେ ଦୁଇ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ପୁଲିସ ଦ୍ୱାରା ଆରମ୍ଭ ହୋଇଥିବା ଆତ୍ମନିର୍ଭରଶୀଳ ନୀତି ଏବଂ ଘରକୁ ଫେରିଆସ ଯୋଜନାରେ ନକ୍ସଲ ସଂଗଠନ ଛାଡି ମୁଖ୍ୟସ୍ରୋତରେ ସାମିଲ ହେଲେଣି। ଏହି ପରିପ୍ରେକ୍ଷୀରେ ଆଜି ପୁଲିସ ଏବଂ ସିଆରପିଏଫ ଅଧିକାରୀଙ୍କ ସମ୍ମୁଖରେ ନକ୍ସଲ ସଂଗଠନର ବଞ୍ଜାମ ରାମା ଏବଂ ଦିରଦୋ ପୋଜ୍ଜା ନାମକ ଦୁଇ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ସଂଗଠନରେ ରହି ବହୁ ହିଂସାରେ ସାମିଲ ଥିଲେ। ପୁଲିସ ତରଫରୁ ଦୁଇ ଜଣ ମାଓବାଦୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା ସହ ଆତ୍ମନିର୍ଭରଶୀଳ କରାଯିବ।

କେନ୍ଦ୍ର ଓ ରାଜ୍ୟ ସରକାର ୨୦୨୬ ସୁଦ୍ଧା ନକ୍ସଲ ମୁକ୍ତ ଭାରତ ଗଠନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ମାଓବାଦୀଙ୍କୁ ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଏକାଧିକ ପଦକ୍ଷେପ



ନେଇଛନ୍ତି। ହିଂସା ପରିତ୍ୟାଗ କରି ମୁଖ୍ୟସ୍ରୋତେ ସାମିଲ ହେଉଥିବା ନକ୍ସଲମାନଙ୍କୁ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ କରାଯାଉଛି। ଏହା ପୂର୍ବରୁ ଗତମାସ ୧୯ ତାରିଖରେ ତେଲେଙ୍ଗାନାର ଭଦ୍ରାଦୀ କୋଥାଗୁଡ୍ମ ଜିଲ୍ଲା ପୁଲିସ ଓ ୧୪୧ ସିଆରପିଏଫ ଅଧିକାରୀଙ୍କ ନିକଟରେ ୩ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ଆତ୍ମସମର୍ପଣ କରିଥିବା ମାଓବାଦୀ ମାନେ ହେଲେ ଛତିଶଗଡ଼ର ବିଜାପୁର ଜିଲ୍ଲାର ପୋଡିୟମ ମାଙ୍ଗୁ ଓରଫ ଡିଭେଣ୍ଡର (୨୬), ତେଲେଙ୍ଗାନାର ମାଡିଭି ଆଡାଇମ ଓରଫ ଅନୁଷା (୨୩) ଏବଂ ଆନ୍ଧ୍ରପ୍ରଦେଶର କୁଦାମ ସୋମାଲି (୨୨)। ଏହି ତିନି ଜଣ ୨୦୧୮-୧୯ ମସିହାରେ ତେଲେଙ୍ଗାନା ରାଜ୍ୟ କମିଟିର ବିକେ-ଏଏସଆର ଡିଭିଜନରେ ସାମିଲ ହୋଇଥିଲେ। ପରେ ପଦନ୍ନୋତି ପାଇଥିଲେ। ଏମାନଙ୍କ ନାମରେ ସରକାର ୪ ଲକ୍ଷ ଟଂକାର ପୁରସ୍କାର ରାଶି ଘୋଷଣା କରିଥିଲେ।

# ଚଳିତ ଶିକ୍ଷାବର୍ଷରୁ ରାଜ୍ୟରେ ଜାତୀୟ ଶିକ୍ଷା ନୀତି

**ଭୁବନେଶ୍ୱର,୯।୧୧ (ମହାଭାରତ):** ଉଚ୍ଚ ଶିକ୍ଷା କ୍ଷେତ୍ରରେ ୨୦୨୪-୨୫ ଶିକ୍ଷା ବର୍ଷରେ ଜାତୀୟ ଶିକ୍ଷା ନୀତି ୨୦୨୦ କାର୍ଯ୍ୟକାରୀ କରିବାକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ନିଷ୍ପତ୍ତି ଘୋଷଣା କରିଛନ୍ତି।

ଓଡ଼ିଶା ସରକାର ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ ଏବଂ ଅନୁବନ୍ଧିତ ମହାବିଦ୍ୟାଳୟ ଗୁଡିକରେ ଏହି ନୂତନ ଶିକ୍ଷାନୀତି ପ୍ରବର୍ତ୍ତନ ପାଇଁ ଅନୁମୋଦନ ଦେଇଛନ୍ତି। ଏହି ପଦକ୍ଷେପ ରାଜ୍ୟର ଶିକ୍ଷା ପ୍ରଣାଳୀରେ ଅନେକ ପରିବର୍ତ୍ତନ ଆଣିବାକୁ ଉଦ୍ଦିଷ୍ଟ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡିଶାରେ ଚାରି ବର୍ଷର ସ୍ନାତକ କୋର୍ସ ଆରମ୍ଭ ହେବାକୁ ଯାଉଛି, ଯେଉଁଥିରେ ପ୍ରତ୍ୟେକ ବର୍ଷ ପରେ ଯୋଗ୍ୟ ଛାତ୍ରମାନଙ୍କୁ ସାର୍ଟିଫିକେଟ୍, ଡିପ୍ଲୋମା, ଡିଗ୍ରି, ଏବଂ ଡିଗ୍ରି ଅନର୍ସ୍ ପ୍ରଦାନ କରା ଯିବ। ୟୁ.ଜି.ସି. ଦ୍ୱାରା ପ୍ରଦତ୍ତ କ୍ରେଡିଟ୍ ଫ୍ରେମ୍‌ୱର୍କ ଆଧାରରେ ରାଜ୍ୟସ୍ତରୀୟ କ୍ରେଡିଟ୍ ଫ୍ରେମ୍‌ୱର୍କ ପ୍ରସ୍ତୁତ ହୋଇଅଛି ଏବଂ ଏଥିରେ ଦକ୍ଷତା ବିକାଶ ଏବଂ ଇଂଟର୍ଣ୍ଣସିପ ପାଇଁ ସୁଯୋଗ ପ୍ରଦାନ ସହିତ ଉପଯୁକ୍ତ କ୍ରେଡିଟ ପ୍ରଦାନ କରାଯାଇଅଛି। କମ୍ୟୁନିଟି ସର୍ଭିସ୍ ଓ ଏକ୍ସଟ୍ରା କରିକୁଲାର ଆକ୍ଟିଭିଟି, ଏନ.ସି.ସି. ଏନ.ଏସ.ଏସ. ଇତ୍ୟାଦି ପାଇଁ ମଧ୍ୟ କ୍ରେଡିଟ ପ୍ରଦାନ କରାଯିବ। ଏତଦ୍ୱାରା ଛାତ୍ର ଛାତ୍ରୀ ମାନେ ନିଜ ସ୍ୱେଚ୍ଛା ରେ ତାଙ୍କର ବିଷୟ ଗୁଡିକ ଚୟନ କରି ଏକାଧିକ ଥର ପାଇଁ ଉଚ୍ଚ ଶିକ୍ଷା ଅନୁଷ୍ଠାନ ମାନଙ୍କରେ ପ୍ରବେଶ ଓ ପ୍ରସ୍ଥାନ ସହିତ ୭ ବର୍ଷ ଭିତରେ ତାଙ୍କର ଡିଗ୍ରୀ କୋର୍ସ କୁ ପୂର୍ଣ୍ଣ କରିପାରିବେ।

ନୂତନ ଶିକ୍ଷା ନୀତି ୨୦୨୦ ଅନୁସାରେ ଓଡିଶାର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ଅଧିକ ଗୁଣାତ୍ମକ, ସ୍ୱାୟତ୍ତ ଏବଂ ସମାବେଶୀ କରିବାକୁ ପଦକ୍ଷେପ ନିଆଯାଉଛି। ଏଥିରେ ଭିନ୍ନ ଯୋଜନାମାନଙ୍କ ମାଧ୍ୟମରେ ଅନୁସନ୍ଧାନ ଓ ନୂତନତାକୁ ବଢ଼ାଇବା, ପ୍ରାକ୍ଟିକାଲ୍ ଆଧାରିତ ଶିକ୍ଷାକୁ ଓ ଶିଳ୍ପ ସହିତ ଇଂଟର୍ନସିପ୍ ଆଦି ଦ୍ୱାରା ନିପୁଣତା ବଢ଼ାଇବା ଲକ୍ଷ୍ୟ କରାଯାଉଛି। ପାଠ୍ୟକ୍ରମକୁ ଅଧିକ ରୋଜଗାର ଭିତ୍ତିକ ଏବଂ ଶିଳ୍ପ ଆବଶ୍ୟକତା ଅନୁଯାୟୀ କରାଯିବ।

ଏଥିପାଇଁ ବର୍ତ୍ତମାନ ରେ ୪୦ଟି ସ୍ନାତକ ମୂଳ ବିଷୟ ପାଇଁ ବିସ୍ତୃତ ମଡେଲ୍ ସିଲାବସ୍ ସହିତ ୨ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ, ୧୧୨ଟି ମଲ୍ଟି ଡିସିପ୍ଲିନାରୀ ପାଠ୍ୟକ୍ରମ, ୧୪ଟି ଧନ୍ଦା ମୂଳକ ପାଠ୍ୟକ୍ରମ, ୫୬ଟି ମୂଲ୍ୟ ଯୁକ୍ତ ପାଠ୍ୟକ୍ରମ ଏବଂ ୮୪ଟି ଦକ୍ଷତା ବୃଦ୍ଧି ପାଠ୍ୟକ୍ରମ ଅନୁମୋଦନ କରାଯାଇଛି।

ଏହା ଦ୍ୱାରା ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ବିଶ୍ୱ ବିଦ୍ୟାଳୟ ଗୁଡିକ ନୂତନ ସିଲାବସ୍ ଓ କ୍ରେଡିଟ୍ ଫ୍ରେମ୍‌ୱର୍କ ଅନୁଯାୟୀ ଜାତୀୟ ଶିକ୍ଷାନୀତି ଲାଗୁ କରିପାରିବେ।

## ଅଳସୀ ଚିଲା

ବ୍ରେକଫାଷ୍ଟ ସମସ୍ତଙ୍କ ଜୀବନରେ ବହୁତ ମହତ୍ତ୍ୱ ରଖିଥାଏ । ହେଲଦି ଏବଂ ଟେଷ୍ଟ ବ୍ରେକଫାଷ୍ଟ ଆପଣଙ୍କ ପୂରା ଦିନକୁ ହିଁ ଖୁସିରେ ଖୁସିରେ ନେଇଯାଇଥାଏ । ଏମିତିରେ ଆଜି ଆମେ ଆପଣଙ୍କ ପାଇଁ ନେଇ ଆସିଛୁ 'ଅଳସୀ ଚୀଲା' ରେସିପି । ଏହି ରେସିପି ଆପଣଙ୍କ ପାଇଁ ସ୍ୱାଦିଷ୍ଟ ହେବା ସହିତ ସ୍ୱାସ୍ଥ୍ୟକର ମଧ୍ୟ । ତେବେ ଆସନ୍ତୁ ଜାଣିବା ଏହାକୁ କେମିତି କରିବେ ପ୍ରସ୍ତୁତ ।

ଆବଶ୍ୟକୀୟ ସାମଗ୍ରୀ : ଗହମ ଅଟା-ଏକ କପ୍, ଅଳସୀ ଅଟା- ୧/୪କପ୍, ଦହି-୧/୨ କପ୍, ଅଦା ପେଷ୍ଟ- ୧ଛୋଟ ଚାମଚ, କଞ୍ଚା ଲଙ୍କା- ଗୋଟିଏ, ଗୋଲମରୀଚ- ୧/୪ଛୋଟ ଚାମଚ, ଧନିଆ ପତ୍ର- ୩ ଟେବୁଲ ଚାମଚ, ଲୁଣ- ସ୍ୱାଦ ଅନୁସାରେ

**ପ୍ରସ୍ତୁତ ପ୍ରଣାଳୀ :** ଅଳସୀର ଚୀଲା ପ୍ରସ୍ତୁତ କରିବା ପାଇଁ ଏକ ବଡ ପାତ୍ରରେ ଗହମ ଏବଂ ଅଳସୀର ଅଟାକୁ ପକାଇ ଚଲାଇ ଦିଅନ୍ତୁ । ଏହାପରେ ଏହାକୁ ଏକ ପାତ୍ରରେ ରଖି ସେଥିରେ ପୂର୍ବରୁ ରଖିଥିବା ଦହି ପକାଇ ମିଶାଇ ଦିଅନ୍ତୁ । ଏହାପରେ ଅଳ୍ପ ପାଣି ପକାଇ ମିକ୍ସ କରନ୍ତୁ । ଏହି ମିଶ୍ରଣକୁ ଭଲଭାବେ ଚଲାନ୍ତୁ ଯାହାଦ୍ୱାରା କୌଣସି ବିଣ୍ଡାର ରହବି ନାହିଁ । ଏହି ଘୋଳକୁ ଦୋଷା ଘୋଳ ଭଳି ଗାଢା ରଖନ୍ତୁ । ଏଥିରେ କଟା କଞ୍ଚା ଲଙ୍କା, ପିଆଜ, ଧନିଆ ପତ୍ର, କାଟି ରଖିଥିବା ଅଦା ଏବଂ ଗୋଲମରୀଚ ପକାଇ ମକ୍ସଲର କରନ୍ତୁ । ଏହାପରେ ଗ୍ୟାସରେ ତାୱା ବସାନ୍ତୁ । ତାୱା ଗରମ ହେଲେ ସେଥିରେ ଏହି ଘୋଳକୁ ପକାନ୍ତୁ । ଏହାର ଦୁଇ ପାଖ ଭଲଭାବେ ସୁନେଲୀ ରଙ୍ଗ ହେବା ପର୍ଯ୍ୟନ୍ତ ଓଲଟ ପାଲଟ କରନ୍ତୁ। ଏବେ ଆପଣଙ୍କର ପ୍ରସ୍ତୁତ ହୋଇଯାଇଛି ଅଳସୀ ଚୀଲା । ଆପଣ ଏହାକୁ ଧନିଆ ଚଟଣୀ କିମ୍ବା ଟମାଟୋ ସସ୍ ସହିତ ଖାଇପାରିବେ ।



ଖବର

# ଡିସେମ୍ବର ୫ରେ ରିଲିଜ୍ ହେବ ହେବ 'ପୁଷ୍ପା ୨' ଦି ରୁଲ



ଆଉ ଅଳ୍ପ ଦିନ ବାକି। ଶେଷ ହେବ ଦର୍ଶକଙ୍କ ଅପେକ୍ଷା । ବଡ ପରଦାରେ ରିଲିଜ୍ ହେବ 'ପୁଷ୍ପା ୨ ଦି ରୁଲ୍' । ସାଉଥ୍ ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ ଚଳିତ ବର୍ଷର ବହୁ ପ୍ରତୀକ୍ଷିତ ଚଳଚ୍ଚିତ୍ର ମଧ୍ୟରୁ 'ପୁଷ୍ପା ୨' ଗୋଟିଏ। ଏହି ଫିଲ୍ମକୁ ଦର୍ଶକ ବେଶ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ଡିସେମ୍ବର ୫ ତାରିଖରେ ଏହି ଚଳଚ୍ଚିତ୍ର ସାରା ବିଶ୍ୱରେ ମୁକ୍ତିଲାଭ କରିବ । ପୂର୍ବରୁ ଏହି ଚଳଚ୍ଚିତ୍ର ପାଇଁ ଦର୍ଶକ ଅନେକ ଦିନରୁ ଅପେକ୍ଷା କରିଥିବା ବେଳେ 'ପୁଷ୍ପା ୨ ଦି ରୁଲ୍' ର ଏକ ନୂଆ ପୋଷ୍ଟର ରିଲିଜ୍ ହୋଇଛି । ଏହାର ପ୍ରିମିୟର୍ ଶୋ' ପାଇଁ ୮ ଶହରୁ ଅଧିକ ସ୍ଥାନରେ ୨୦,୦୦୦ ଟିକେଟ୍ ବିକ୍ରି ହୋଇଛି ଯ ଯାହାର ମୂଲ୍ୟ ୪.୫ କୋଟିରୁ ମଧ ଅଧିକ।ସୁକୁମାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ପ୍ରାୟ ୫୦୦ କୋଟି ଟଙ୍କା ବଜେଟରେ 'ପୁଷ୍ପା ୨ ଦି ରୁଲ୍'କୁ ତିଆରି କରାଯାଇଛି ଏବଂ ଏହି ଚଳଚ୍ଚିତ୍ରରେ ସୁପରଷ୍ଟାର ଅଲ୍ଲୁ ଅର୍ଜୁନ, ରଶ୍ମିକା ମନ୍ଦାନା ଓ ଫରଦ ଫାସିଲ ମୁଖ୍ୟ ଭୂମିକାରେ ନଜର ଆସିବେ। ଚଳିତ ବର୍ଷ ରିଲିଜ୍ ହେବାକୁ ଥିବା ଏହା ସବୁଠାରୁ ବଡ ଚଳଚ୍ଚିତ୍ର ବୋଲି କୁହାଯାଉଛି ।ନିକଟରେ ଫିଲ୍ମ'ପୁଷ୍ପା ୨ ଦି ରୁଲ୍'ର ନୂଆ ପୋଷ୍ଟର ରିଲିଜ୍ ହୋଇଥିଲା। ନୂଆ ପୋଷ୍ଟରରେ ଅଭିନେତା ଅଲ୍ଲୁ ଅର୍ଜୁନ୍ ନିଜର ସିଗ୍ନେଚର୍ ପୁଷ୍ପା ଲୁକ୍ରେ ନଜର ଆସିଛନ୍ତି। ନୂଆ ପୋଷ୍ଟରରେ ଅଲ୍ଲୁ ଅର୍ଜୁନ୍ ନିଜର 'ପୁଷ୍ପା' ଲୁକ୍ରେ ଖୁବ୍ ଗମ୍ଭୀର, ବିଦ୍ରୋହୀ ଓ ଭରପୁର ଆତ୍ମବିଶ୍ୱାସ ସହ ବସିଥିବା ଦେଖାଯାଉଛନ୍ତି । ଅଲ୍ଲୁ ଅର୍ଜୁନଙ୍କ ଫିଲ୍ମ ପୁଷ୍ପା -ପାର୍ଟ୧କୁ ଦର୍ଶକଙ୍କ ଖୁବ୍ ଭଲପାଇବା ମିଳିଥିଲା । ପୁଷ୍ପାର ଲୋକପ୍ରିୟତା ଦେଖି ଅଲ୍ଲୁ ଅର୍ଜୁନଙ୍କ ପ୍ରଶଂସକମାନେ ଉତ୍ସାହର ସହିତ ଫିଲ୍ମର ପାର୍ଟ ୨କୁ ଅପେକ୍ଷା କରିଛନ୍ତି।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ



ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ। ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ (ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

## ଶୀତଦିନେ ତ୍ୱଚା ପାଇଁ ବରଦାନ



ତ୍ୱଚା ପାଇଁ ଖିର ସର ଆଶୀର୍ବାଦ ଅଟେ। ଏଥିରେ ଥିବା ପୋଷକ ତତ୍ତ୍ୱ ଆମ ମୁହଁର ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ମୁହଁର ବିଭିନ୍ନ ସମସ୍ୟାକୁ ମଧ ଦୂର କରିଥାଏ।

ଯଦି ଆପଣଙ୍କ ତ୍ୱଚାର ଚମକ ହ୍ରାସ ପାଇଯିବା ଭଳି ଅନୁଭବ ହେଉଛି ତେବେ ସରରେ କିଛି ମହୁ ମିଶାଇ ଲଗାନ୍ତୁ। ଏପରି କରିବା ଦ୍ୱାରା ନିଜେ ଏହାର ଚମତ୍କାରିତା ଅନୁଭବ କରିବେ। ଏହାକୁ ନିୟମିତ ମୁହଁରେ ଲଗାଇଲେ ବହୁ ଦାମୀ କ୍ରିମ ତୁଳନାରେ ଏହା ତ୍ୱଚାର ଚମକକୁ ଖୁବ ଶୀଘ୍ର ବୃଦ୍ଧି କରିଥାଏ।

ଖିର ସରକୁ ନିୟମିତ ମୁହଁରେ ଲଗାଇଲେ ତ୍ୱଚାର ରଙ୍ଗ ମଧ ଗୋରା ହୋଇଥାଏ।

ବହୁ ଯୁବତୀ ଓ ମହିଳା ମୁହଁରେ ଥିବା ବିଭିନ୍ନ ପ୍ରକାରର ଦାଗ ଓ କଳା ଦାଗ ପାଇଁ ଚିନ୍ତିତ ରହିଥାଆନ୍ତି। ଏହି ସମସ୍ୟାରୁ ମୁକ୍ତି ପାଇବାକୁ ହେଲେ ସରରେ ଅଳ୍ପ ଲେମ୍ବୁ ରସ ମିଶାଇ ଏହାକୁ ମୁହଁରେ ଲଗାଇ କିଛି ସମୟ ରଖି ଧୋଇ ଦିଅନ୍ତୁ।

ନିୟମିତ କିଛି ପରିମାଣରେ ଖିର ସରକୁ ମୁହଁରେ ଲଗାଇ ମାଲିସ କରନ୍ତୁ। ଏଭଳି କରିବା ଦ୍ୱାରା ମୁହଁ ଉଜ୍ଜ୍ୱଳ ହେବା ସହ ତ୍ୱଚାରରେ ଥିବା ଦୂଷିତ ପଦାର୍ଥ ବାହାରି ଯାଇଥାଏ।

# ସତର୍କ ନହେଲେ ମଣିଷକୁ ଶୀଘ୍ର ବାର୍ଦ୍ଧକ୍ୟ ଆସିପାରେ



ବୟସାଧିକ ବା ଏଜିଂର ସମସ୍ୟା ଉପରେ ବିଜୟ ହାସଲ କରିବା ପାଇଁ ଲୋକେ ନିଜର ଲାଇଫ୍ ଷ୍ଟାଇଲ୍ରେ ପରିବର୍ତ୍ତନକୁ ସ୍ୱୀକାର କରି ନେଲେଣି। ରେଗୁଲାର ଏକ୍ସସରସାଇଜ୍, ତ୍ୱଚାର ଯତ୍ନ ନେବା, ପର୍ଯ୍ୟାପ୍ତ ନିଦ ଓ ଆରାମ ନେବା ଆପଣଙ୍କୁ ଦୀର୍ଘ ସମୟ ଧରି ଯୁବା ରଖିବାର ଭଲ ଉପାୟ। କିନ୍ତୁ ଆପଣ କଣ ଜାଣନ୍ତି ଆମେ ଖାଉଥିବା କିଛି ଜିନିଷ, ଯାହାକି ଆପଣଙ୍କୁ ବୃଦ୍ଧାବସ୍ଥାକୁ ନେଇଯାଏ। ବିଶେଷଜ୍ଞଙ୍କ ମତରେ ଅତ୍ୟଧିକ ସୁଗର ସେବନ କରୁଥିବା ଲୋକଙ୍କ ମଧ୍ୟରେ ଏଜ୍ ରିଲେଟେଡ୍ ରୋଗ ସମସ୍ୟା ଅଧିକ ହୋଇଥାଏ ।

ହାଇ ସୁଗର ଡାଏଟ୍ରେ ସମସ୍ୟା- ଟଫ୍ଟସ୍ ୟୁନିଭର୍ସିଟିର ଗବେଷକମାନେ କୁହନ୍ତି ହାଇ ସୁଗର ଫୁଡ୍ ମଣିଷର ବୟସ ସହ ଜଡ଼ିତ ରୋଗ ଗୁଡ଼ିକ ପାଇଁ ବିଷାକ୍ତ ଜିନିଷ (ଟକ୍ସିସ୍) ନିର୍ମାଣ କରିଥାଏ। ଏହାସହ ଏହି ବିଷାକ୍ତ ଜିନିଷକୁ ନଷ୍ଟ କରିବାକୁ ଥିବା ଶାରୀରିକ କ୍ଷମତାକୁ ମଧ ନଷ୍ଟ କରିଥାଏ। ଏହି ପ୍ରକାର ହାଇ ସୁଗର ଫୁଡ୍ ଆମର ସ୍ୱାସ୍ଥ୍ୟ ଉପରେ ପ୍ରହାର ସଦୃଶ ହୋଇଥାଏ ।

ହାଇ ସୁଗରରେ ହେଉଥିବା ରୋଗ – ଟଫ୍ଟସ୍ ୟୁନିଭର୍ସିଟିର ଗବେଷକମାନେ କହିଛନ୍ତି, ଶରୀରରେ ସୁଗର ଅଧିକ ମାତ୍ରାରେ ଥିଲେ ବୟସ ସହ ଜଡ଼ିତ ରୋଗ ପାଇଁ ସମସ୍ୟା ବୃଦ୍ଧି ପାଇଥାଏ। ହାଇ ସୁଗର ଫୁଡ୍ରେ କାର୍ଡିଓ ଭାସ୍କୁଲାର ରୋଗ୍, ଡାଇବେଟିସ୍ ଓ ଏଜ୍ ରେଗୁଲେଟେଡ୍ ମସ୍କୁଲାର ଡିଜେନେରେସନ ସମସ୍ୟା ସୃଷ୍ଟି ହୋଇଥାଏ। ମସ୍କ୍ୟୁଲାର ଡିଜେନେରେସନ ଏକ ଏମିତି ରୋଗ ଯାହା ମଣିଷକୁ ଅନ୍ଧ ବି କରିପାରେ। ଶରୀରର ପୁରା ମେକାନିଜିମ ଉପରେ ଖରାପ ପ୍ରଭାବ – ଆମର ଶରୀରରେ ୬୨ ପ୍ରୋଟିନ୍ ଯେତେ କମ୍ ହେବ, ହାନିକାରକ ସେତେ ଅଧିକ ଜମିବ। ହାଇ ସୁଗର ଡାଏଟ୍ କେବଳ ଶରୀରକୁ କ୍ଷତିକୁ ବଢ଼ାଇଥାଏ। ୬୨ର ଫଙ୍କନ ଉପରେ ମଧ ବହୁତ ଖରାପ ପଡ଼ିପାରେ। ହାଇ ସୁଗରରେ ଟକ୍ସିନ୍ର ପରିମାଣ ବଢ଼ିଥାଏ, ଏହାସହ ଶରୀରକୁ ସୁରକ୍ଷା ଦେଉଥିବା ମେକାନିଜିମ୍ ମଧ ପ୍ରଭାବିତ ହୋଇଥାଏ।

ସୁଗର ସ୍ଥାନରେ ଫ୍ୟାଟ୍ ରିପ୍ଲେସ କରିବାର ଭୁଲ୍ରୁ ନିବୃତ୍ତଉରୁହନ୍ତୁ – ଏଲନ ଟେଲଙ୍କର କହିବା ହେଲା ଏମିତି ନୁହେଁକି ଶରୀରକୁ ସୁଗର ଜମା ଆବଶ୍ୟକ ନୁହେଁ, ଯେକୌଣସି ପ୍ରକାରର ସୁଗର ସେବନ ବନ୍ଦ କରିଦେବା ମଧ ଆବଶ୍ୟକ ନାହିଁ। କୌଣସି ପ୍ରକାରର ସେବନ ବନ୍ଦ କରିବା ମଧ ଆବଶ୍ୟକ ନାହିଁ। ସୁଗର ଡାଏଟ୍ ସ୍ଥାନରେ ଫ୍ୟାଟି ଫୁଡ୍କୁ ପରିବର୍ତ୍ତନ କରିବା ବି ବଡ଼ ଭୁଲ୍ ହେବ। ଯଦି ଡାଏଟ୍କୁ ବାଲାନ୍ସ ରଖନ୍ତି ତ ଏଥିରେ ଅନେକ ପ୍ରକାରର ଫଳ ଓ ପରିବା ରହିବା ଜରୁରୀ।

ହାଉ ସୁଗର ଫୁଡ୍ ଠାରୁ ରକ୍ଷା ପାଇବା ପାଇଁ କିଛି ଖାଦ୍ୟକୁ ଖାଇବା ବନ୍ଦ କରିଦେବା ଉଚିତ୍। ମାଂସ, କ୍ୟାଚଅପ୍, ପ୍ୟାକବନ୍ଦ ଜୁସ୍, କୋଲଡ ଡ୍ରିଙ୍କ ବା ଏନର୍ଜି ଡ୍ରିଙ୍କସ, ଚକୋଲେଟ୍ ମିକ୍ସସ, ଗ୍ରେନୋଲା, ଫ୍ଲେଓ୍ୱର୍ଡ କଫି, ଆଇସ୍ ଟି, କେନ୍ ସୁପ୍ ବା ପ୍ରିମେଡ୍ସୁପ୍, ପ୍ରୋଟିନ୍ ବାର, ଭିଟାମିନ୍ ଓ୍ୱାରତ ଓ କେନ୍ ଫ୍ରୁଟ୍ରେ ସୁଗର ଅତ୍ୟଧିକ ମାତ୍ରାରେ ଥାଏ ।

ଅଧିକ ଷ୍ଟାର୍କ ଫୁଡ୍ – ଡାକ୍ତରଙ୍କ କହିବାନୁସାରେ,ସୁଗର କଣ୍ଟ୍ରୋଲ କରୁଥିବା ଲୋକକୁ ଅତ୍ୟଧିକ ଷ୍ଟାର୍କ ଥିବା ଜିନିଷ ଠାରୁ ଦୂରେଇ ରହିବା ଉଚିତ୍ । ଏମିତି ଲୋକ ଆଳୁ, ଫୁଲକୋବି, ମକ୍କା, ମଟର, ମସୁର ଡାଲି ଆଦିରୁ ଦୂରେଇ ରହିବା ଉଚିତ।

## ଝୋଟି ଓ ଚିତା ପକାଇଲେ ଘରର ସମୃଦ୍ଧି ହୁଏ

ଆମେ ସମସ୍ତେ ମାଣବସା ଗୁରୁବାର ଝୋଟି ବିଷୟରେ ଅଳ୍ପ ବହୁତ ଜାଣିଛୁ। ତେବେ ମାଣବସା ଗୁରୁବାର ଝୋଟି ବାଦ୍ ଆମ ରାଜ୍ୟରେ ଆହୁରି ଅନେକ ପୂଜା ପର୍ବରେ ଭିନ୍ନ ଭିନ୍ନ ଆକୃତିର ଝୋଟି ଦିଆଯାଇଥାଏ। ସେଥିମଧ୍ୟରୁ କେତୋଟି



ଅନନ୍ତ ବ୍ରତ ମଣ୍ଡଳ



ଛନ୍ଦପିଢ଼ା ପଦ୍ମ ଚିତା



ଗଦାପଦ୍ମ ଚିତା

ଚିତା ବିଷୟରେ ଉଲ୍ଲେଖ କରିବକୁ ଚେଷ୍ଟା କରିଛୁ। ସେଥିମଧ୍ୟରୁ ଗୋଟିଏ ହେଉଛି

ଗଦାପଦ୍ମ ଚିତା : ମାଘ ମାସରେ ତୁଳସୀ ଗଛ ମୂଳେ ଗଦାପଦ୍ମ ଚିତା ଅଙ୍କାଯାଏ। ବିଶ୍ୱାସ କରାଯାଏ ମାଘ ମାସରେ ପୂଜା କୋଠରୀ ଏବଂ ଦ୍ୱାର ଆଗରେ ଗଦାପଦ୍ମ ଚିତା ପକାଇବା ଦ୍ୱାରା ଘରର ଶ୍ରୀ ବୃଦ୍ଧି ପାଇଥାଏ ।

ଛନ୍ଦ ପିଢ଼ାପଦ୍ମ : ଆଉ ଗୋଟିଏ ଚିତା ହେଉଛି ଛନ୍ଦ ପିଢ଼ାପଦ୍ମ। ଏହି ଝୋଟି ବୃତ୍ତାକାର ହୋଇଥିଲେ ମଧ ଜ୍ୟାମିତିକ ଡିଜାଇନ୍ର ଝଲକ ଅତି ସ୍ପଷ୍ଟ। କିଛି କିଛି ଓଡ଼ିଆ ଘରେ ନାଗ ଚତୁର୍ଥୀ ଦିନ ଘର ଆଗରେ ଅଙ୍କା ଯାଇଥାଏ ଛନ୍ଦ ପିଢ଼ାପଦ୍ମ ଚିତା। କେହି କେହି ତୁଳସୀ ଚଉରା ମୂଳରେ ଏହି ଚିତା ପକାଇ ଥାଆନ୍ତି। ତେବେ ଏହି ଚିତା କେବଳ ଅରୁଆ ଚାଉଳ ପିଠଉରେ ନୁହେଁ, ବରଂ ରଙ୍ଗବେରଙ୍ଗୀ ମୁରୁଜରେ ମଧ ପଡ଼ିଥାଏ । ଏହାର ବିଭିନ୍ନ ଶୈଳୀ ଥିଲେ ମଧ କେନ୍ଦ୍ର ଭାଗରେ ଯାହା ଅଙ୍କା ଯାଇଥାଏ ତାହା ହିଁ ଏହି ଚିତାର ମୂଳ ଆକର୍ଷଣ । ଗୋଟିଏ ଉପରେ ଆଉ ଗୋଟିଏ ପଦ୍ମ ପାଖୁଡ଼ା ଆକୃତିର ରେଖାଚିତ୍ରର ସମାହାର ଏହି ଝୋଟିର ବିଶେଷତ୍ୱ।

ଅନନ୍ତ ବ୍ରତ ମଣ୍ଡଳ : ଉପରୋକ୍ତ ଦୁଇଟି ଚିତା ବ୍ୟତୀତ ଓଡ଼ିଶାର ଗାଁ ଗହଳିରେ ଏବେ ବି ପଡୁଥିବା ଝୋଟି ମଧ୍ୟରେ ଅନନ୍ତ ବ୍ରତ ମଣ୍ଡଳ ଅନ୍ୟତମ। ଭାଦ୍ରବ ମାସରେ ଅନନ୍ତ ବ୍ରତ ଦିନ ଏହି ଝୋଟି ପଡ଼ିଥାଏ। ଏହି ଝୋଟିରେ ଅନନ୍ତନାଗଙ୍କୁ ଦର୍ଶା ଯାଇଥାଏ। ଝୋଟି ମଧ୍ୟରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ମଧ ଅଙ୍କା ଯାଇଥାଏ। ଅନନ୍ତବ୍ରତ ମଣ୍ଡଳରେ ପ୍ରଥମେ ଢାଉରେ ରଙ୍ଗ କରାଯାଇ ତାହା ଉପରେ ଅରୁଆ ଚାଉଳର ଝୋଟି ପକାଯାଏ। ଏହି ଚିତା ଏମିତି ଭାବେ ଅଙ୍କା ଯାଇଥାଏ ଯେମିତି ଅନନ୍ତନାଗଙ୍କର ମୁଣ୍ଡ ଏବଂ ଲାଞ୍ଜ ଗୋଟିଏ ଜାଗାରେ ଆସି ମିଶିଥିବେ ।

ବେଲପତ୍ରି ମଣ୍ଡଳ ଚିତା : ଆଉ ଗୋଟିଏ ପ୍ରକାରର ଚିତା ହେଉଛି ବେଲପତ୍ରି ମଣ୍ଡଳ ଚିତା। ଶିବରାତ୍ରି ଅବସରେ ପଞ୍ଚବର୍ଣ୍ଣୀ ମୁରୁଜରେ ଅଙ୍କା ଯାଇଥାଏ ବେଲପତ୍ରି ମଣ୍ଡଳ ଚିତା। ବିଶ୍ୱାସ କରାଯାଏ ମହାଶିବରାତ୍ରି ଦିନ ଯଦି ଜଣେ ନିଃସନ୍ତାନ ମହିଳା ବେଲପତ୍ରି ମଣ୍ଡଳ ଚିତା ଆଙ୍କି ରାତି ସାରା ପଞ୍ଚାକ୍ଷରି ମନ୍ତ୍ର ଜପ କରିଥାନ୍ତି ତେବେ ତାଙ୍କର ସନ୍ତାନ ପ୍ରାପ୍ତି ହୋଇଥାଏ। ଏହି ଚିତା ବ୍ୟତୀତ ଆଉ ଯେଉଁ ସବୁ ଝୋଟି ପଡ଼ିଥାଏ ତାହା ମଧ୍ୟରେ ଶଙ୍ଖ ମଣ୍ଡଳ, ମଣ୍ଡଳ ପଦ୍ମ, କବାଟ ପଦ୍ମ ଅନ୍ୟତମ। ଦୋଳପୂର୍ଣ୍ଣିମା ଦିନ ଶଙ୍ଖ ମଣ୍ଡଳ ଅଙ୍କନ କରାଯାଉଥିବା ବେଳେ ଚତୁର୍ମାସ୍ୟା ଗୁରୁବାରରେ ଘରର ମୁଖ୍ୟ କବାଟରେ ଅଙ୍କା ଯାଇଥାଏ କବାଟ ପଦ୍ମ। ସେହିପରି ଗୁରୁବାର ଲକ୍ଷ୍ମୀପୂଜାରେ କବାଟ ଓ ଚଟାଣରେ ମଣ୍ଡଳ ପଦ୍ମ ଅଙ୍କାଯାଏ।

## ‘ମୋ ବସ୍’ ଏମ୍‌ଡିଙ୍କୁ ଭର୍ତ୍ସନା

**କଟକ,୯।୧୧ (ମହାଭାରତ):** ହାଇକୋର୍ଟରେ ହାଜର ହେଲେ ‘ମୋ ବସ୍’ର ଏମଡି ଥିରୁମାଲା ନାଏକ। କ୍ୟାପିଟାଲ ରିଜନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ପକ୍ଷରୁ ଦାଖଲ ହୋଇଥିବା ସତ୍ୟପାଠକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ହାଇକୋର୍ଟ। ଏ ନେଇ ‘ମୋ ବସ୍’ ଏମ୍‌ଡ଼ିଙ୍କୁ କଡା ଭର୍ତ୍ସନା କରିଛନ୍ତି କୋର୍ଟ। ଲୋକଙ୍କ ସୁରକ୍ଷା ଓ ଦୁର୍ଘଟଣା ରୋକିବା ପାଇଁ କ’ଣ ପଦକ୍ଷେପ ନେଇଛ ବୋଲି ପ୍ରଶ୍ନ କରିଛନ୍ତି ହାଇକୋର୍ଟ। ‘ମୋ ବସ୍’ ଡ୍ରାଇଭର ଗାଡି ଚଳନା କରିବା ପୂର୍ବରୁ ମଦ୍ୟପାନ ଯାଞ୍ଚ ହେଉଛି ନା ନାହିଁ ପ୍ରଶ୍ନ କରିଥିଲେ। ‘ମୋ ବସ୍’ ଯୋଗୁ ଦୁର୍ଘଟଣାର ଶିକାର ହୋଇଥିବା ବ୍ୟକ୍ତିଙ୍କୁ ଉପଯୁକ୍ତ ଚିକିତ୍ସା ଓ କ୍ଷତିପୂରଣ ଦିଆଯାଇଛି କି ନାହିଁ? ସେ ନେଇ ସତ୍ୟପାଠ ଦାଖଲ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ‘ମୋ ବସ୍’ ଏମ୍‌ଡ଼ି ଥିରୁମାଲା ନାୟକ ଓ ଓଏସ୍ଆରଟିସିର ଏମ୍‌ଡ଼ି ଦୀପତେଶ ପଟ୍ଟନାୟକ ଉଭୟ ଭର୍ଚୁଆଲରେ ହାଜର ହୋଇଥିଲେ।

## ବିମାନ ଚାଳନା ବୃତ୍ତିରେ ମହିଳାଙ୍କୁ ସାମିଲ ପାଇଁ ପରାମର୍ଶ



**ଭୁବନେଶ୍ୱର,୯।୧୧ (ମହାଭାରତ):** ବିମାନ ଚଳାଚଳ କ୍ଷେତ୍ରରେ ମହିଳାଙ୍କୁ ଅଧିକ ପ୍ରୋତ୍ସାହିତ କରାଯିବ, ବିମାନ ଚାଳନା କ୍ଷେତ୍ରରେ ୫୦ପ୍ରତିଶତ ମହିଳାଙ୍କୁ ଅଂଶଗ୍ରହଣ କରିବା ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଇଛନ୍ତି ବୋଲି ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମତବ୍ୟକ୍ତ କରିଛନ୍ତି। ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ବିମାନ ଚାଳନା କ୍ଷେତ୍ରରେ ମହିଳାଙ୍କ ପ୍ରବେଶ ନେଇ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ଜେନା ଉପରୋକ୍ତ ମର୍ମରେ ରାଜ୍ୟରେ ବହୁସଂଖ୍ୟାରେ ମହିଳା ବୈମାନିକ ସୃଷ୍ଟି ହେବା ଉପରେ ଗୁରୁତ୍ୱ ଦେଇଥିଲେ। ବିଶ୍ୱବିଦ୍ୟାଳୟ ବାଣିଜ୍ୟ ଓ ପରିବହନ ବିଭାଗ ଓ ଓମେନ୍ ଇନ୍ ଆଭିଏସନ୍ ଇଣ୍ଡିଆ (ଡବ୍ଲୁଏଆଇ) ସଂଗଠନର ମିଳିତ ଆନୁକୂଲ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ବିମାନ ଚଳାନା କ୍ଷେତ୍ରକୁ ବୃତିଗତ ଭାବେ ଆପଣାଇବା ପାଇଁ ଉତ୍ସାହିତ କରିଥିଲେ। ସେମାନଙ୍କୁ ବିମାନ ଚାଳନା କ୍ଷେତ୍ରରେ ଦକ୍ଷତା ବିକାଶ, କ୍ଷେତ୍ରୀୟ ଜ୍ଞାନ ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ନେଇ ସଚେତନ କରାଯାଇଥିଲା। ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଶ୍ରୀମତୀ ଉଷା ପାଢ଼ୀ କାର୍ଯ୍ୟକ୍ରମରେ ଯୋଗଦେଇ ବୈମାନିକ ବୃତି ପାଇଁ ନିର୍ଦ୍ଧାରିତ ଏକ ନିର୍ଦ୍ଦେଶ ପୁସ୍ତିକା ଉନ୍ମୋଚନ କରିବା ସହ ବିମାନ ଚାଳନା ପାଇଁ ମହିଳାମାନଙ୍କ ସକାଶେ ଆକାଶ ସୀମିତ ନୁହେଁ ବରଂ ଆରମ୍ଭ ମାତ୍ର ବୋଲି କହିଥିଲେ। ପାରମ୍ପରିକ ଲିଙ୍ଗଗତ ବୈଷମ୍ୟ ଦୂରକରି ଏ କ୍ଷେତ୍ରରେ ମହିଳାମାନଙ୍କ ଅଧିକ ପ୍ରବେଶ ପାଇଁ ରାଜ୍ୟ ସରକାର ପଦକ୍ଷେପ ନେଉଛନ୍ତି ବୋଲି ଶ୍ରୀମତୀ ପାଢ଼ୀ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀମତୀ ରଶ୍ମିତା ପଣ୍ଡା, ଡବ୍ଲୁଏଆଇ ସଂଗଠନ ସଭାପତି ଶ୍ରୀମତୀ ରାଧା ଭାଟିଆଙ୍କ ସମେତ ସୋନା ମୁଦିର୍, ଯସ୍ମିନ୍ ପରିଛା ଓ ସୋନିଆ କପିଳା ପ୍ରମୁଖ ବୈମାନିକ ବୃତି ନିମନ୍ତେ ପରାମର୍ଶ ଦେଇଥିଲେ। ଏହି ଅବସରରେ ଛାତ୍ରୀମାନଙ୍କ ମଧ୍ୟରେ ଏକ ପ୍ରବନ୍ଧ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଢେଙ୍କାନାଳ ଜିଲ୍ଲା ବିରାଶାଳ ଠାରେ ରାଜ୍ୟ ସରକାରଙ୍କ ପକ୍ଷରୁ ଆରମ୍ଭ ହେଉଥିବା ବିମାନ ଚାଳନା କେନ୍ଦ୍ରକୁ କ୍ରିୟାଶୀଳ କରିବା ଲକ୍ଷ୍ୟରେ ସେଠାରେ ବିସ୍ତୃତ ବିମାନ ଚାଳନା ତାଲିମ ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି।

## ‘ଯୁଗ ପ୍ରବର୍ତ୍ତକ’ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

**ଭୁବନେଶ୍ୱର,୭।୧୧ (ସ୍ୱାଧିକାର ନ୍ୟୁଜ):** “କଳା ଓ ସାହିତ୍ୟ ପରସ୍ପର ପରିପୂରକ। ସମାଜ ପରିବର୍ତ୍ତନରେ ଏହା ସେତୁସମ ସଂଯୋଗକାରୀ ଭୂମିକା ନିର୍ବାହ କରେ। ମଣିଷ ଜୀବନର ବ୍ୟଥା ଓ ଶୋଷଣ, କଷଣକୁ ଚିତ୍ରଶିଳ୍ପୀର ରଂଗତୁଳୀ ନିଖୁଣଭାବେ ଚିତ୍ରଣ କରୁ” ବୋଲି ସ୍ଥାନୀୟ ଗୀତଗୋବିନ୍ଦ ଭବନଠାରେ କଳା ଓ ସାହିତ୍ୟ ସମାରୋହର ମୁଖ୍ୟ ଅତିଥିଭାବେ ଯୋଗଦାନ କରି ପ୍ରଥିତ ଯଶାକବି ଓ ବୈଜ୍ଞାନିକଡକ୍ଟର ଆଶୁତୋଷ ପରିଡ଼ା ମତବ୍ୟକ୍ତ କରିଛନ୍ତି। କଳା କେବଳ କଳା ପାଇଁ ନୁହେଁ ସାମାଜିକ ପ୍ରତିବଦ୍ଧତା ବଜାୟରଖୁ ବୋଲି ଡକ୍ଟର ପରିଡ଼ା କହିଥିଲେ।





ଗଣ ସାଂସ୍କୃତିକ ମଂଚ ଓ ଯୁଗ ପ୍ରବର୍ତ୍ତକ ସାହିତ୍ୟ ପତ୍ରିକା ପକ୍ଷରୁ ଜୟଦେବ ଭବନ ପରିସରରେ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀକୁ ଶିଳ୍ପୀଗୁରୁ ବିଜୟ କୁମାର ପରିଡ଼ା ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପତ୍ରିକାର ସମ୍ପାଦକ ରାଜେନ୍ଦ୍ର ବର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କଳା ଓ ସାହିତ୍ୟ ସମାରୋହ ତଥା ପ୍ରଦର୍ଶନୀର ଉଦ୍‌ଘାଟନୀ ଉତ୍ସବରେ ପ୍ରୋଗ୍ରେସିଭ୍ କଲ୍‌ଚରାଲ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ରାଜ୍ୟ ଆବାହିକା ତଥା ବିପ୍ଳବୀ ନାରୀନେତ୍ରୀ ଛବି ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗଦାନ କରି ସମାଜ ପରିବର୍ନରେ ଯୁଗେ ଯୁଗେ ଚିତ୍ରକଳାର ଭୂମିକା ଉପରେ ଆଲୋକପାତ କରି କହିଲେ “କଳା ଓ ସାହିତ୍ୟ ସମାଜର ବଂଚିତ ବର୍ଗଙ୍କ ଦୈନ୍ୟ ଓ ଯନ୍ତ୍ରଣାକୁ ଅତିସୂକ୍ଷ୍ମ ଭାବେ ପ୍ରକାଶ କରୁ।” ପୂର୍ବତଟ ରେଳପଥର ଅବସର ପ୍ରାପ୍ତ ବରିଷ୍ଠ ଅଧିକାରୀ ତଥା ବିଶିଷ୍ଟ କବି ଓ ଲେଖକ ନିରାକାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପତ୍ରିକାର ସହସମ୍ପାଦିକା ତଥା ଗାଳ୍ପିକା ପ୍ରଭାସିନୀ ରାଉଳ, କବି ଶୁଭ୍ରାଶ୍ରୀ ଦାସ ଓ ଶ୍ରୀନିବାସ ଦାସମଞ୍ଚ ପରିଚାଳନା କରିଥିଲେ। ଏହି ଚିତ୍ରକଳା ପ୍ରଦର୍ଶନୀରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ୨୦୦ରୁ ଉର୍ଦ୍ଧ୍ୱ ଚିତ୍ରଶିଳ୍ପୀ ଅଂଶଗ୍ରହଣ କରିଛନ୍ତି। ନଭେମ୍ବର ୬ରୁ ୯ ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ।

## ଗୋପାଷ୍ଟମୀରେ ଗୋପୂଜନ କଲେ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ



**ଭୁବନେଶ୍ୱର,୯।୧୧ (ମହାଭାରତ):** ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଗୋମାତାଙ୍କ ଅବଦାନ ଅତୁଳନୀୟ। ଆମ ସନାତନ ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଗୋସେବା କଲେ କୋଟି ଦେବାଦେବୀଙ୍କ ଆଶୀର୍ବାଦ ପ୍ରାପ୍ତ ହୋଇଥାଏ। ଦେଶରେ ଗୋହତ୍ୟାକୁ ସମ୍ପୂର୍ଣ୍ଣ ବନ୍ଦ କରିବା ପାଇଁ ସବୁ ମହଲରେ କାର୍ଯ୍ୟ ହେବା ଆବଶ୍ୟକ ବୋଲି ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମତବ୍ୟକ୍ତ କରିଥିଲେ। ଆଜି ପବିତ୍ର କାର୍ତିକ ମାସର ଗୋପାଷ୍ଟମୀ ତିଥିରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ସରକାରୀ ବାସଭବନରେ ଦୁଇ ଗୋମାତାଙ୍କୁ ଭବ୍ୟ ପୂଜାର୍ଚ୍ଚନା କରିଛନ୍ତି। ଆନ୍ଧ୍ରପ୍ରଦେଶର ପୁଙ୍ଗାନୁର ଠାରୁ ଆସିଥିବା ଦୁଇ ଗୋମାତାଙ୍କ ନାମକରଣ କରାଯାଇଛି ‘ସୁରଭି’ ଓ ‘କ୍ରୀଷ୍ଣା’। ସେମାନଙ୍କ ପୂଜନ ଓ ସେବା କରିବା ସହ ଗୃହପ୍ରବେଶକୁ ସ୍ୱାଗତ କରି ମନ୍ତ୍ରୀ ଶ୍ରୀ ମଲ୍ଲିକ ଏହାକୁ ଏକ ସୌଭାଗ୍ୟ ଭାବେ ଅଭିହିତ କରିଛନ୍ତି। ମନ୍ତ୍ରୀ ଶ୍ରୀ ମଲ୍ଲିକ ବାଲେଶ୍ୱର ଜିଲ୍ଲା ସୋରସ୍ଥିତ ଗୋଶାଳାର ଶତବାର୍ଷିକୀ ମହୋତ୍ସବରେ ଯୋଗଦାନ କରିଥିଲେ। ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଗହଣରେ ମନ୍ତ୍ରୀ ଶ୍ରୀ ମଲ୍ଲିକ ଗୋଶାଳାର ସ୍ମରଣିକା ‘ନନ୍ଦିନୀ’ ଉନ୍ମୋଚନ କରିବା ସହ ଗୋସେବା ପ୍ରତି ସମର୍ପିତ ସ୍ୱେଚ୍ଛାସେବୀ ଓ ଗୋପାଳକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ସେବାପରାୟଣତା ଓ ଗୋପୂଜନ ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବ ବୋଲି ମନ୍ତ୍ରୀ କହିଛନ୍ତି।

## ଆଇଆଇଟି ଭୁବନେଶ୍ୱର ପକ୍ଷରୁ ବାର୍ଷିକ କ୍ରୀଡ଼ା ମହୋତ୍ସବ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ବାର୍ଷିକ କ୍ରୀଡା ମହୋତ୍ସବ ‘ଅଶ୍ୱମେଧ’ ୨ ରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅଶ୍ୱମେଧର ଚତୁର୍ଥ ସଂସ୍କରଣରେ ଫୁଟଫଲର ଏକ ଅନ୍ତର୍ଭୁକ୍ତି, ପ୍ରତିଯୋଗିତା, ଇଭେଣ୍ଟ ଏବଂ ଇ-କ୍ରୀଡ଼ାର ଆୟୋଜନ ଏହାକୁ ଓଡିଶାର ସବୁଠାରୁ ବଡ କଲେଜସ୍ତରୀୟ କ୍ରୀଡ଼ା ଉତ୍ସବରେ ପରିଣତ କରିଥିଲା। ଏହି ଉତ୍ସବରେ ବାସ୍କେଟବଲ୍, ଟେବୁଲ୍ ଟେନିସ୍, ଲନ୍ ଟେନିସ୍, ଚେସ୍, ଭାରୋତ୍ତୋଳନ, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ଏବଂ ଅନ୍ୟାନ୍ୟ କ୍ରୀଡା ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ପୂର୍ବ ଜୋନର ପ୍ରାୟ ୨୩ ଟି କଲେଜ ଏବଂ ଶିକ୍ଷାନୁଷ୍ଠାନର ୭୫୦ ରୁ ଅଧିକ ଖେଳାଳିଙ୍କ ଅଂଶଗ୍ରହଣର ସାକ୍ଷୀ ରହିଥିଲା।ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଉଦ୍ଘାଟନୀ ସମାରୋହରେ ଯୋଗ ଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କ୍ରୀଡ଼ା ମନୋଭାବ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିନ୍-ଛାତ୍ର ବ୍ୟାପାର ପ୍ରଫେସର ରାଜେଶ ରୋଶନ ଦାଶ, ଷ୍ଟୁଡେଣ୍ଟ ଜିମଖାନାର ସଭାପତି ଡକ୍ଟର କୋଦଣ୍ଡରାମ ମଙ୍ଗିପୁଡି ଏବଂ ଫ୍ୟାକଲ୍ଟି ଆଡ୍‌ଭାଇଜର-ସ୍ପୋର୍ଟ୍ସ ଆଣ୍ଡ୍ ଗେମ୍ସ ଡକ୍ଟର ବଙ୍କିମ ଚନ୍ଦ୍ର ମଣ୍ଡଳ ମଧ ଯୋଗ ଦେଇଥିଲେ। ଫେଷ୍ଟର ମୁଖ୍ୟ ସଂଯୋଜକ ଶ୍ରୀ ଅଭିଷେକ ଜାଖର ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବ ବର୍ଷ ପରି ଆଇଆଇଟି ଭୁବନେଶ୍ୱର ମଧ ଦୁଇ ଦିନିଆ ଇଭେଣ୍ଟ ଶେଷରେ ଚାମ୍ପିଅନସିପ୍ ଟ୍ରଫି ବଜାୟ ରଖିଥିଲେ।

## ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ ଚିପ୍ ଡିଜାଇନ ଡିପ୍ଲୋମା ପାଠ୍ୟକ୍ରମ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଏକ ନୂତନ ସହଯୋଗ କ୍ରମରେ ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱର ଏବଂ ଏମଓଏସଆର୍ଟ୍ ଲ୍ୟାବ୍ସ ମିଳିତ ଭାବେ ସେମିକଣ୍ଡକ୍ଟର ଟେକ୍ନୋଲୋଜି ଏବଂ ଚିପ୍ ଡିଜାଇନ୍ କ୍ଷେତ୍ରରେ ଏକ ଅଭିନବ ପ୍ରଫେସନାଲ ଡିପ୍ଲୋମା ପ୍ରୋଗ୍ରାମ ଆରମ୍ଭ କରିଛନ୍ତି। ସେମିକଣ୍ଡକ୍ଟର ଟେକ୍ନୋଲୋଜି, ଆନାଲଗ୍ ଡିଜାଇନ୍, ଡିଜିଟାଲ୍ ଡିଜାଇନ୍, ଡିଜାଇନ୍ ଯାଂଚ, ଶାରୀରିକ ଡିଜାଇନ୍, ଲେଆଉଟ୍ ଡିଜାଇନ୍, ବୈଧତା, ପରୀକ୍ଷା ଏବଂ ମାପ ସହିତ ଭିଏଲଏସଆଇର ବିଭିନ୍ନ ବିଶେଷତ୍ୱରେ ସମୃଦ୍ଧ କରି ଛାତ୍ରଛାତ୍ରୀଙ୍କୁ ଶିଳ୍ପ-ପ୍ରସ୍ତୁତ କରିବା ପାଇଁ ଏହି ପାଠ୍ୟକ୍ରମର ଲକ୍ଷ୍ୟ ରହିଛି। ଏହି ପରିପ୍ରେକ୍ଷୀରେ, ୫ ନଭେମ୍ବର ୨୦୨୪ ରେ ଉଭୟ ସଂସ୍ଥା ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଆଇଆଇଟି ଭୁବନେଶ୍ୱର ତରଫରୁ ପ୍ରଫେସର ଦିନକର ପାସଲା, ଡିନ୍-ପ୍ରାୟୋଜିତ ଅନୁସନ୍ଧାନ ଏବଂ ଶିଳ୍ପ ପରାମର୍ଶଦାତା ତଥା ଏମଓଏସଆର୍ଟ୍ ଲ୍ୟାବ୍ସ ପକ୍ଷରୁ ସିଇଓ ରାଜେଶ ଗୁପ୍ତା ଏହି ବୁଝାମଣାପତ୍ର ସ୍ୱାକ୍ଷର କରିଥିଲେ। ଏହି ଅବସରରରେ, ଅନ୍ୟମାନଙ୍କ ମଧରେ ଡିନ୍-ଜାରି ଶିକ୍ଷା ପ୍ରଫେସର ଭି. ପାଣ୍ଡୁରଙ୍ଗା; ଡିନ୍- ଆଲୁମିନି ଆଫେୟାର୍ସ ଏବଂ ଆନ୍ତର୍ଜାତୀୟ ସମ୍ପର୍କ ପ୍ରଫେସର ପ୍ରଶାନ୍ତ କୁମାର ସାହୁ, ପାଠ୍ୟକ୍ରମ ସଂଯୋଜକ ପ୍ରଫେସର ବିଜୟ ଶଙ୍କର ପଶୁପୁରେଡ୍ଡି ଏବଂ ଅନ୍ୟ ବରିଷ୍ଠ ଅଧ୍ୟାପକ ଓ କର୍ମଚାରୀବୃନ୍ଦ ଉପସ୍ଥିତ ଥିଲେ। ପାଠ୍ୟକ୍ରମଟି ତିନୋଟି ବିସ୍ତୃତ ମଡ୍ୟୁଲକୁ ନେଇ ଗଠିତ। ଏହା ଲଂଚପ୍ୟାଡ୍ ମଡ୍ୟୁଲ୍ ସହିତ ଆରମ୍ଭ ହୋଇଥାଏ, ଯାହାକି ଛାତ୍ରମାନଙ୍କୁ ଆଇସି ଲାଇଫ୍ ସାଇକେଲ୍ ଏବଂ ଭିଏଲଏସଆଇ ଶିଳ୍ପ ଦୃଶ୍ୟ ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇବା ସହିତ ଭିଏଲଏସଆଇର ଉପକ୍ରମ ଶୀର୍ଷକ ଶିକ୍ଷା ପ୍ରଦାନ କରିଥାଏ। ଏହି ମଡ୍ୟୁଲ୍ ଅନୁସରଣ କରି ଛାତ୍ରମାନେ ପରବର୍ତ୍ତୀ ପର୍ଯ୍ୟାୟ ପାଇଁ ଯୋଗ୍ୟତା ପାଇବା ପାଇଁ ଏକ ପ୍ରବେଶିକା ପରୀକ୍ଷା ଦେବେ। ସଫଳ ପ୍ରାର୍ଥୀମାନେ ଫାଉଣ୍ଡେସନ ମଡ୍ୟୁଲକୁ ଅଗ୍ରଗତି କରିବେ, ଯାହା ଏକ ସେମିଷ୍ଟାର ଲମ୍ବା କାର୍ଯ୍ୟକ୍ରମ ଯେଉଁଥିରେ ପାଂଚଟି ପାଠ୍ୟକ୍ରମ ରହିଛି ଯାହା ଚିପ୍ ଡିଜାଇନ୍ ଏବଂ ଟେକ୍ନୋଲୋଜିର ବିଭିନ୍ନ କ୍ଷେତ୍ରରେ ମୌଳିକତାକୁ ଅନ୍ତର୍ଭୁକ୍ତ କରେ।

ଏହି ବିଷୟ ଶୀର୍ଷକ ମୌଳିକ ଧାରଣାଗୁଡ଼ିକୁ ଶିକ୍ଷା ଦେବା ସହିତ, ଛାତ୍ରଛାତ୍ରୀମାନେ ଏହି ଧାରଣାଗୁଡ଼ିକୁ ଡିଜାଇନ୍ ଏବଂ ସିମୁଲେସରେ ଆର୍ଟ ଏଡିଏ ଉପକରଣ ବ୍ୟବହାର କରି ପ୍ରୟୋଗ କରିବାରେ ସାହାଯ୍ୟ କରିବେ। ଏହା ପରେ ସ୍ପେସିଆଲାଇଜେସନ୍ ମଡ୍ୟୁଲ୍, ଏକ ସେମିଷ୍ଟାର ଲମ୍ବା କାର୍ଯ୍ୟକ୍ରମ, ଯେଉଁଠାରେ ଛାତ୍ରମାନେ ସେମାନଙ୍କ ମନୋନୀତ ବିଶେଷତ୍ୱରେ ତିନୋଟି ପାଠ୍ୟକ୍ରମ ଏବଂ ଏକ ମିନି ପ୍ରୋଜେକ୍ଟ କରିବେ। ‘ଦେଶରେ ସେମିକଣ୍ଡକ୍ଟର ଇକୋସିଷ୍ଟମ୍ ଗଠନ ପାଇଁ ସରକାର ଏବଂ ଶିଳ୍ପଗୁଡ଼ିକ ଅତି ନିକଟତର ଭାବେ କାର୍ଯ୍ୟ କରିବା ସହିତ, ଏହା ଭିଏଲଏସଆଇ ଇଂଜିନିୟରମାନଙ୍କ ପାଇଁ ଅନେକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି ଏବଂ ତେଣୁ ଆମେ ବିଶ୍ୱାସ କରୁ ଯେ ଏହି କାର୍ଯ୍ୟକ୍ରମକୁ ସମଗ୍ର ଦେଶରେ ଛାତ୍ରଛାତ୍ରୀମାନଙ୍କୁ ଶିଳ୍ପ ପ୍ରସ୍ତୁତ ନିଜକୁ ଉନ୍ନତ କରିବାରେ ସାହାଯ୍ୟ କରିବା ପାଇଁ ଉପଯୁକ୍ତ ସମୟ ଅଟେ ବୋଲି ଏମଓଏସଆର୍ଟ ଲ୍ୟାବ୍ସର ସିଟିଓ ଡକ୍ଟର କୃଷ୍ଣ କାନ୍ତ ଆଭାଲୁର କହିଛନ୍ତି।

## ସ୍କାଉଟ୍ ଗାଇଡ୍‌ର ପ୍ରତିଷ୍ଠା ଦିବସ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଭାରତ ସ୍କାଉଟସ୍ ଓ ଗାଇଡ଼ସ୍‌ର ପ୍ରତିଷ୍ଠା ଦିବସ ରୂପେ ପ୍ରତିବର୍ଷ ପାଳିତ ହୋଇଆସୁଅଛି। ବିଶେଷ କରି ଚଳିତ ବର୍ଷ ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସାରା ବିଶ୍ୱରେ ଆନନ୍ଦ ଉଲ୍ଲାସରେ ଏହି ପ୍ରତିଷ୍ଠା ଦିବସଟିକୁ ପାଳିତ ହେବା ସହ ଏହି ଦିବସଟିକୁ ସ୍ମରଣୀୟ କରିବା ପାଇଁ ରାଜ୍ୟର ସବୁ ଜିଲ୍ଲାରେ ପ୍ରାୟ ଏକଲକ୍ଷରୁ ଉର୍ଦ୍ଧ୍ୱ କବ୍, ବୁଲ୍‌ବୁଲ୍, ସ୍କାଉଟ ଗାଇଡ୍, ରୋଭର ଏବଂ ରେଞ୍ଜରମାନେ ରାଜ ରାସ୍ତାରେ ସଚେତନତା ରାଲି କରିବା ସହିତ ସ୍କାଉଟ ଏବଂ ଗାଇଡ୍‌ର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ସ୍ୱତନ୍ତ୍ର ଭାବେ ତିଆରି ହୋଇଥିବା ଲୋଗୋଟିକୁ ସମସ୍ତଙ୍କୁ ପ୍ରଦାନ କରିଥିଲେ। ସେହିପରି ରାଜ୍ୟ କାର୍ଯ୍ୟାଳୟରେ ବିଭିନ୍ନ ଜିଲ୍ଲାରୁ ୪୦୦ରୁ ଉର୍ଦ୍ଧ୍ୱ ସ୍କାଉଟ, ଗାଇଡ୍, ରୋଭର, ରେଞ୍ଜର ମାନେ ସକାଳୁ ରାଜ୍ୟ କାର୍ଯ୍ୟାଳୟରୁ ବାହାରି ରାମ ମନ୍ଦିର ପାର୍ଶ୍ୱ ଦେଇ ଏକ ସଚେତନତା ରାଲି କରି ଏହି ଦିବସଟିକୁ ମହାସମାରୋହରେ ପାଳନ କରିଛନ୍ତି।

## ଡିଏଭି କଳିଙ୍ଗନଗର ପକ୍ଷରୁ ‘ଇପିଫନିସ୍’ ପ୍ରଦର୍ଶିତ



**ଭୁବନେଶ୍ୱର,୯।୧୧ (ମହାଭାରତ):** ଛାତ୍ରଛାତ୍ରୀମାନଙ୍କ ଲୁକ୍‌କାୟିତ ପ୍ରତିଭାର ପରିସ୍ଫୁଟନ ନିମନ୍ତେ ଡିଏଭି କଳିଙ୍ଗନଗରରେ ତୃତୀୟ ଠାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ବାର୍ଷିକ ପ୍ରକଳ୍ପ ‘ଇପିଫନିସ୍’ ପ୍ରଦର୍ଶିତ ହୋଇଯାଇଛି। ଏହାକୁ ଭୁବନେଶ୍ୱରସ୍ଥିତ ଗଣିତ ଓ ପ୍ରୟୋଗ ପ୍ରତିଷ୍ଠାନ, ଭୁବନେଶ୍ୱର ନିର୍ଦ୍ଦେଶକ ଡ. ଯଶୋବନ୍ତ ଜେନା ମୁଖ୍ୟଅତିଥି ରୂପେ ଯୋଗ ଦେଇ ଉଦ୍‌ଘାଟନ କରିବା ସହ ଛାତ୍ରଛାତ୍ରୀଙ୍କର ଅନ୍ତର୍ନିହିତ ପ୍ରତିଭାକୁ ବିକଶିତ କରିବାରେ ଏହା ଏକ ମାଧ୍ୟମ ବୋଲି କହିଥିଲେ। ଏହି ପ୍ରଦର୍ଶନୀରେ ୪୦୦ରୁ ଉର୍ଦ୍ଧ୍ୱ ପିଲାଙ୍କ ଦ୍ୱାରା ୧୪ଟି ବିଷୟରେ ପ୍ରସ୍ତୁତ ହୋଇଥିବା ୨୧୦ରୁ ଉର୍ଦ୍ଧ୍ୱ ପ୍ରକଳ୍ପକୁ ପ୍ରଦର୍ଶିତ ହୋଇଥିଲା। ବିଦ୍ୟାଳୟ ଚେୟାରମ୍ୟାନ ମଦନ ମୋହନ ପଣ୍ଡା ସ୍ୱାଗତ ଭାଷଣ ଦେବା ସହ ପିଲାମାନଙ୍କୁ ବିଜ୍ଞାନମନସ୍କ ହେବା ପାଇଁ ଉତ୍ସାହିତ କରିଥିଲେ। ବିଭିନ୍ନ ବିଷୟ ବିଷାରଦ ମାନଙ୍କ ଦ୍ୱାରା ପ୍ରକଳ୍ପଗୁଡ଼ିକୁ ନିରୀକ୍ଷଣ କରାଯାଇ ମୂଲ୍ୟାଙ୍କନ କରାଯାଇଥିଲା। ଅଧ୍ୟକ୍ଷ ବଳରାମ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ପ୍ରକଳ୍ପ ପ୍ରଦର୍ଶନୀକୁ ଅଭିଭାବକମାନେ ପରିଦର୍ଶନ କରିବା ସହ ଛାତ୍ରଛାତ୍ରୀମାନଙ୍କ ପ୍ରଚେଷ୍ଟାକୁ ଭୁରି ଭୁରି ପ୍ରଶଂସା କରିଥିଲେ।

## କର ଫାଉଣ୍ଡେସନ୍ ତରଫରୁ ଜାତୀୟ କ୍ୟାନସର ଦିବସ ଉପଲକ୍ଷେ ସଚେତନତା

**ଭୁବନେଶ୍ୱର,୯।୧୧ (ମହାଭାରତ):** ସାମାଜିକ ସ୍ୱେଚ୍ଛାସେବୀ ଅନୁଷ୍ଠାନ ‘କର ଫାଉଣ୍ଡେସନ୍’ ତରଫରୁ ଜାତୀୟ କ୍ୟାନସର ଦିବସ ଉପଲକ୍ଷେ ସଚେତନତାମୂଳକ କାର୍ଯ୍ୟକ୍ରମ ଭୁବନେଶ୍ୱରସ୍ଥିତ କମଳା ନେହେରୁ କଲେଜ ପରିସରରୁ ବାହାରି ଶିଶୁଭବନ ଓ ରାଜମହଲ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ। ଜଣାଶୁଣା ଅଭିନେତା ତଥା କର ଫାଉଣ୍ଡେସନର ଅଧ୍ୟକ୍ଷ ଚନ୍ଦନ କର ଅନେକ ଦିନରୁ ନିଶା ନିବାରଣ ଉପରେ ଅନେକ କାର୍ଯ୍ୟକ୍ରମ କରିବା ସହ ନିଶା ସଚେତନତା ପାଇଁ ‘ଆସକ୍ତ’ ଭଳି ଏକ ସଚେତନତା ଧର୍ମୀ ଚଳଚ୍ଚିତ୍ର କରିଥିଲେ। ଏହାକୁ ବଜାୟ ରଖି ଆଜି ଚନ୍ଦନ କରଙ୍କ ନେତୃତ୍ୱରେ ଜାତୀୟ କ୍ୟାନସର ଆୱାରନେସ୍ ଦିବସରେ ନିଶାକୁ ନା, ନିଶା ସେବନ କ୍ୟାନସରର କାରଣ, ନିଶା ଛାଡନ୍ତୁ ଜୀବନ ବାଛନ୍ତୁ ପ୍ରଭୃତି ସ୍ଲୋଗାନ ଥିବା ଟି-ସାର୍ଟ ପିନ୍ଧି ଛାତ୍ରଛାତ୍ରୀମାନେ ଜନସାଧାରଣ ମାନଙ୍କୁ ସଚେତନତା କରାଇଥିଲେ। ଭାରତବର୍ଷରେ କ୍ୟାନସରର ପ୍ରମୁଖ କାରଣ ନିଶା ସେବନ ବୋଲି ଗଣନା କରାଯାଏ, ତେଣୁ ଯୁବ ସମାଜ ନିଜକୁ ନିଶାଠାରୁ ବହୁ ଦୂରରେ ରଖିବା ସହିତ ଅନ୍ୟମାନଙ୍କୁ ମଧ୍ୟ ନିଶାଠାରୁ ଦୂରେଇ ରଖିବାର ପ୍ରୟାସ କରିବା ଦରକାର ବୋଲି ସାମାଜିକ କର୍ମୀ ମୀର ଅହମ୍ମଦ ଅଲ୍ଲୀ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ କମଳାନେହେରୁ ମହିଳା ମହାବିଦ୍ୟାଳୟର ହୋମ୍‌ସାଇନ୍ସ ବିଭାଗର ମୁଖ୍ୟ ମଧୁସ୍ମିତା ଦାସ, ଅଭିନେତ୍ରୀ ସୁରଭି ପ୍ରିୟଦର୍ଶନୀ, ସାମାଜିକ କର୍ମୀ ବିନ୍ଦୁଜା ଉପାଧ୍ୟାୟ, ହାସ୍ୟ ଅଭିନେତା ଜ୍ଞାନ ବାରିକ, ପ୍ରଜ୍ଞା ମହାନ୍ତି, ଦିବ୍ୟାଙ୍ଗନା ସାହୁ, ମନସ୍ମୃତି, ଗୁଞ୍ଜନ, ଶ୍ରାବଣୀ, ମିଲି, ପ୍ରିୟଙ୍କା, ସରୋଜ କୁମାର ପ୍ରଧାନ, କ୍ଷୀରୋଦ କୁମାର ଜେନା, ତାପସ ଦେ, ଦେବାଶିଷ, ଶୁଭମ୍, ଲକ୍ଷ୍ମୀଧର, ଅମୃତ, ମୋହନରାଜ, ମନୋଜ, ସୂର୍ଯ୍ୟ, ପ୍ରମୁଖ ଉପସ୍ଥିତ ଥିଲେ।

### ରେଳ ନିରାପତ୍ତା ଆୟୁକ୍ତଙ୍କ ଝାରସୁଗୁଡ଼ା - ବୌଦ୍ଧ ରେଳ ସେକ୍ସନ ନିରୀକ୍ଷଣ

## ପରୀକ୍ଷାମୂଳକ ଭାବେ ହାଲୁକା ଇଞ୍ଜିନ ଚଳାଚଳ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ନିର୍ମାଣ କାର୍ଯ୍ୟରେ ଏକ ପ୍ରମୁଖ ପଦକ୍ଷେପ। ଝାରସୁଗୁଡ଼ା ଠାରୁ ବୌଦ୍ଧ ଷ୍ଟେସନ ମଧ୍ୟରେ ୧୬.୨୭୦ କିଲୋମିଟର ଦୈର୍ଘ୍ୟ ନୂତନ ଭାବେ ନିର୍ମିତ ଟ୍ରେନ୍ ଲାଇନରେ ଇଞ୍ଜିନ ଗଡ଼ିବା ଏବଂ ପରୀକ୍ଷଣ ସହ ରେଳ ନିରାପତ୍ତା ଆୟୁକ୍ତଙ୍କ ନିରୀକ୍ଷଣ ସଫଳତାର ସହିତ ସମାପ୍ତ ହୋଇଛି। ଏହି ସଫଳତା ବହୁ ପ୍ରତୀକ୍ଷିତ ରେଳ ଲାଇନ ନିର୍ମାଣରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ। ଯାହା ଓଡିଶାର ଉପାନ୍ତ ତଥା ଅଣବିକଶିତ ଅଞ୍ଚଳରେ ଟ୍ରେନ ସଂଯୋଗକୁ ଯଥେଷ୍ଟ ଉନ୍ନତ କରିବାକୁ ପ୍ରସ୍ତୁତ ହେଉଛି। ଏହା ବ୍ୟତୀତ, ନୂତନ ଭାବେ ନିର୍ମିତ ବୌଦ୍ଧ-ଚମ୍ପାପୁର ୧୩.୭୦୧ କି.ମି. ଦୈର୍ଘ୍ୟ ରେଳ ସେକ୍ସନ ଓ ଚମ୍ପାପୁର-ପୁରୁଣାକଟକ ୧୩.୪୩୭ କି.ମି. ଦୈର୍ଘ୍ୟ ରେଳ ସେକ୍ସନର ନିର୍ମାଣ କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲୁରହିଅଛି, ଯାହା ସାମଗ୍ରିକ ପ୍ରକଳ୍ପରେ ଦ୍ରୁତ ଅଗ୍ରଗତି ପ୍ରଦର୍ଶନ କରୁଅଛି। ଦ୍ରୁତ ସମାପ୍ତି ସୁନିଶ୍ଚିତ କରିବାକୁ, ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପଦକ୍ଷେପ ପାଇଁ ଉଚ୍ଚାଭିଳାଷୀ ସମୟସୀମା ପୂରଣ କରିବାକୁ ପ୍ରତିବଦ୍ଧତାକୁ ଦର୍ଶାଇ ଉଭୟ ପ୍ରାନ୍ତରୁ ଏକକାଳୀନ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନର ସର୍ବମୋଟ ୩୦୧ କିଲୋମିଟର ଦୈର୍ଘ୍ୟ ରେଳପଥ ମଧ୍ୟରୁ ଆଜି ପର୍ଯ୍ୟନ୍ତ ୧୯୯ କିଲୋମିଟର ଦୈର୍ଘ୍ୟ ରେଳ ଲାଇନର କାର୍ଯ୍ୟ ସମାପ୍ତ ହୋଇ କାର୍ଯ୍ୟକ୍ଷମ ହୋଇଛି, ସେଥିମଧ୍ୟରୁ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୬ କିଲୋମିଟର ଏବଂ ବଲାଙ୍ଗୀର ପାର୍ଶ୍ୱରୁ ବୌଦ୍ଧ ପର୍ଯ୍ୟନ୍ତ ପ୍ରାୟ ୯୩ କି.ମି.ଦୈର୍ଘ୍ୟ ରେଳ ଲାଇନ କାର୍ଯ୍ୟକ୍ଷମ ହୋଇସାରିଛି। ଏହା ସହିତ ବୌଦ୍ଧରୁ ପୁରୁଣାକଟକ ପର୍ଯ୍ୟନ୍ତ ୨୭ କିଲୋମିଟର କାର୍ଯ୍ୟ ଶେଷ ପର୍ଯ୍ୟାୟରେ ନିର୍ମାଣାଧୀନ ଅଛି ଯାହାକି ଶୀଘ୍ର ଶେଷ ହେବାକୁ ଯାଉଛି।

## ଆମ୍ବେଦକରଙ୍କ ଓଡିଶା ଆଗମନ ଓ ମହାନଦୀ ସମ୍ମିଳନୀର ବାର୍ଷିକୋତ୍ସବ

**ଭୁବନେଶ୍ୱର,୯।୧୧ (ମହାଭାରତ):** ଗାନ୍ଧୀ-ଆମ୍ବେଦକର ଫାଉଣ୍ଡେସନ ଆବାହକ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ଦ୍ୱାରା ଆୟୋଜିତ ବାବାସାହେବ ଡ଼. ବି. ଆର. ଆମ୍ବେଦକରଙ୍କ ୧୯୪୫ ମସିହା ନଭେମ୍ବର ୮ ତାରିଖ ଦିନ ଓଡିଶା ଆଗମନର ୭୯ତମ ରାଜ୍ୟସ୍ତରୀୟ ବାର୍ଷିକ ସ୍ମାରକୀ ଉତ୍ସବ ଭୁବନେଶ୍ୱରସ୍ଥ ବୁଦ୍ଧ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ଅବସରରେ ଇଂ ଅଲେଖ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନା ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କେନ୍ଦ୍ର ଓ ରାଜ୍ୟ ମନ୍ତ୍ରୀ ଭଜମନ ବେହେରା, ମୁଖ୍ୟବକ୍ତା ଭାବେ ଓଡିଶା ଉଚ୍ଚଶିକ୍ଷା ବିଭାଗ ପୂର୍ବତନ ଭୁବନେଶ୍ୱର ଆଂଚଳିକ ନିର୍ଦ୍ଦେଶକ ପ୍ରଫେସର କାର୍ତିକ ପ୍ରସାଦ ଜେନା, ସମ୍ମାନିତ ଅତିଥି ଭାବରେ ଲୋହିଆ ଏକାଡେମି ସଂପାଦକ ଦେବ ପ୍ରସାଦ ରାୟ, ଓଡିଶା ଜାତି-ଜନଜାତି-କର୍ମଚାରୀ କଲ୍ୟାଣ ସଂଘ ସଭାପତି ଧନଞ୍ଜୟ ହେମ୍ବ୍ରମ, ମୂଳନିବାସୀ ୟୁନାଇଟେଡ଼ ଫୋରମର ରାଜ୍ୟ ସଭାପତି ବିଦ୍ୟାଧର ଦେହୁରୀ, ସମ୍ମାନିତ ବକ୍ତା ଭାବେ ଓଡ଼ିଶା ଦଳିତ ଅଧିକାର ରାଜ୍ୟ ସଭାପତି ତଥା ବିଶିଷ୍ଟ ଗବେଷକ ଓ ସମାଜସେବୀ ମାନଓ ଜେନା,





ମୂଳନିବାସୀ ୟୁନାଇଟେଡ଼ ଫୋରମର ରାଜ୍ୟ ମହିଳା ସଭାପତି ମଞ୍ଜୁ ସ୍ୱାଇଁ, ପ୍ରାକ୍ତନ ଉଚ୍ଚଶିକ୍ଷା ବିଭାଗର ଉପନିର୍ଦ୍ଦେଶକ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ପୂର୍ବତନ ଉଚ୍ଚଶିକ୍ଷା ବିଭାଗର ଆଂଚଳିକ ଶିକ୍ଷା ନିର୍ଦ୍ଦେଶକ ପ୍ରଫେସର ମିହିର ରଞ୍ଜନ ସେଠୀ ପ୍ରମୁଖ ଯୋଗ ଦେଇ ଓଡ଼ିଶାର ଅର୍ଥନୈତିକ ବିକାଶରେ ଆମ୍ବେଦକରଙ୍କ ଅବଦାନ ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ପ୍ରଫେସର (ଡ଼କ୍ଟର) କାର୍ତିକ ପ୍ରସାଦ ଜେନା କହିଥିଲେ ଯେ, ୧୯୪୫ ମସିହା ନଭେମ୍ବର ମାସ ୮ ତାରିଖ ଦିନ ତତ୍କାଳୀନ ଭାରତର ଭାଇସରାୟଙ୍କ ମନ୍ତ୍ରୀ ପରିଷଦରେ ଶ୍ରମ ସଦସ୍ୟ (ମନ୍ତ୍ରୀ) ଥିବା ଡ଼କ୍ଟର ବାବା ସାହେବ ଆମ୍ବେଦକର କଟକଠାରେ ଅନୁଷ୍ଠିତ ମହାନଦୀ ଯୋଜନା ସମ୍ମିଳନୀରେ ଭାରତ ସରକାର, ଓଡ଼ିଶା ସରକାର, ଓଡ଼ିଶାର ଦେଶୀୟ ଗଡ଼ଜାତ ରାଜ୍ୟ ଓ ମଧ୍ୟପ୍ରଦେଶ ସରକାରଙ୍କ ପ୍ରତିନିଧିମାନଙ୍କ ସହ ଯୋଗ ଦେଇ ଓଡ଼ିଶାର ବନ୍ୟା ସମସ୍ୟାର ସମାଧାନ ପାଇଁ ଆଲୋଚନାଚକ୍ରରେ ସଭାପତିତ୍ୱ କରିଥିଲେ। ବାବାସାହେବ ଆମ୍ବେଦକରଙ୍କ ଦ୍ୱାରା ପ୍ରଦତ୍ ଅଭିଭାଷଣ କିଭଳି ଓଡ଼ିଶାର ଅର୍ଥନୈତିକ ବିକାଶକୁ ନେଇ ସୁଦୂରପ୍ରସାରୀ ଦୃଷ୍ଟି ନିକ୍ଷେପ କରିଥିଲା ତାହା ପ୍ରଫେସର ଜେନା ଆଲୋଚନା କରିଥିଲେ। ଓଡ଼ିଶାକୁ ଏକ ବିକଶିତ ଓ ଶିଳ୍ପଶ୍ରେଷ୍ଠ ରାଜ୍ୟ ରୂପେ ଗଢି ତୋଳିବା ପାଇଁ ଆମ୍ବେଦକର କେତେଗୁଡ଼ିଏ ପ୍ରସ୍ତାବ ଓ ଯୋଜନାର ରୂପରେଖ ଉପସ୍ଥାପନ କରି ଓଡ଼ିଶାର ନଦୀମାନଙ୍କ ଉପରେ ଯେଉଁ ତଥ୍ୟମାନ ପ୍ରଦାନ କରିଥିଲେ ତାହା ସମସ୍ତଙ୍କୁ ବିସ୍ମିତ କରିଥିଲା। ଆମ୍ବେଦକର ପ୍ରାକୃତିକ ସଂପଦରେ ଭରପୂର ଓଡ଼ିଶାର ଚିର ସହଚର ବନ୍ୟା, ବାତ୍ୟା ଓ ଅନାବୃଷ୍ଟି ଭଳି ପ୍ରଚୁର ଆଶାବାଦୀ ଥିଲେ ଯେ ପ୍ରଥମେ ମହାନଦୀ ଉପରେ ୩ ଗୋଟି ନଦୀବନ୍ଧ ପ୍ରାକୃତିକ ଦୁର୍ବିପାକ ଏବଂ ତଦ୍‌ଦ୍ୱାରା ସୃଷ୍ଟ ଦୁର୍ଭିକ୍ଷ, ଦାରିଦ୍ର୍ୟ, ବେକାରୀ, ଅନାହାର ଓ ମୃତ୍ୟୁକୁ ନେଇ ଗଭୀର ଚିନ୍ତା ପ୍ରକଟ କରିଥିଲେ। ଆମ୍ବେଦକରଙ୍କ ଦୃଷ୍ଟିରେ ଓଡ଼ିଶାର ପ୍ରଥମ ସମସ୍ୟା ଜଳସଂପଦର ଠିକଣା ଉପଯୋଗ ନ କରିବା, ଦ୍ୱିତୀୟ ସମସ୍ୟା ଦୁର୍ବଳ ଗମନାଗମନ ଓ ଯୋଗାଯୋଗ, ତୃତୀୟ ସମସ୍ୟା ମ୍ୟାଲେରିଆ ନିରାକରଣ ଓ ସ୍ୱାସ୍ଥ୍ୟଜନିତ ଚିକିତ୍ସା ଅବ୍ୟବସ୍ଥା ବୋଲି ପ୍ରଫେସର ଜେନା କହିଥିଲେ।

# ମହାରାଷ୍ଟ୍ର ଓ ଝାଡ଼ଖଣ୍ଡରେ ଶକ୍ତିପରୀକ୍ଷା

ଝାଡ଼ଖଣ୍ଡରେ ନଭେମ୍ବର ୧୩ ଓ ୨୦ରେ ଦୁଇଟି ପର୍ଯ୍ୟାୟରେ ଏବଂ ମହାରାଷ୍ଟ୍ରରେ ନଭେମ୍ବର ୨୦ରେ ଗୋଟିଏ ଦିନରେ ସମସ୍ତ ୨୮୮ ଆସନ ଲାଗି ଭୋଟ ଗ୍ରହଣ କରାଯିବ। ଉଭୟ ରାଜ୍ୟର ଭୋଟ ଗଣତି ଏକସଙ୍ଗେ ନଭେମ୍ବର ୨୩ରେ ହେବ ଏବଂ ସେହିଦିନ ସନ୍ଧ୍ୟା ସୁଦ୍ଧା ସ୍ପଷ୍ଟ ହୋଇଯିବ କିଏ ଆଗାମୀ ୫ ବର୍ଷ ପାଇଁ ରାଜ୍ୟରେ କ୍ଷମତା ଦଖଲ କରିବ। ଏହି ଦୁଇ ରାଜ୍ୟ ବିଧାନସଭା ନିର୍ବାଚନ ସହିତ ୨ ଟି ଲୋକସଭା ଏବଂ ବିଭିନ୍ନ ରାଜ୍ୟର ୪୮ଟି ବିଧାନସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ୪୮ଟି ବିଧାନସଭା ଆସନ ମଧ୍ୟରେ ରହିଛି ୟୁପିର ୧୦ଟି ବିଧାନସଭା ଆସନ। ସେହିପରି କେରଳର ୱାୟନାଡ଼ ଲୋକସଭା ଆସନ ପାଇଁ ମଧ୍ୟ ଉପନିର୍ବାଚନ ଘୋଷଣା କରାଯାଇଛି। ଏହି ଆସନରୁ ଗତ ନିର୍ବାଚନରେ ବିଜୟ ହାସଲ କରିଥିବା ରାହୁଲ ଗାନ୍ଧି ଏଠାରୁ ଇସ୍ତଫା ଦେବା ପରେ ଏଥିଲାଗି ଉପନିର୍ବାଚନର ଆବଶ୍ୟକତା ପଡ଼ିଲା। ଏଠାରେ କଂଗ୍ରେସ ପକ୍ଷରୁ ରାହୁଲଙ୍କ ଭଉଣୀ ପ୍ରିୟଙ୍କା ଗାନ୍ଧି ଭଦ୍ରା ପ୍ରାର୍ଥୀ ହେବେ ବୋଲି ଦଳ ପକ୍ଷରୁ ଘୋଷଣା କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ସଙ୍କେତ ମଧ୍ୟ ମିଳିଥିଲା। ୱାୟନାଡ଼ କଂଗ୍ରେସ ପାଇଁ ଏକ ସୁରକ୍ଷିତ ଆସନ। ଏଠାରେ କଂଗ୍ରେସର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱି ହେଲା ସିପିଏମ। ୨୦୧୯ରେ ଏଥିପାଇଁ ରାହୁଲ ଆମେଥି ସହ ୱାୟନାଡ଼ରୁ ମଧ୍ୟ ପ୍ରାର୍ଥୀ ହୋଇଥିଲେ। ଆମେଥିରୁ ସେ ପରାଜିତ ହୋଇଥିଲେ। ୱାୟନାଡ଼ ଆସନ ବଜାୟ ରଖିଥିଲେ। ୨୦୨୪ରେ ମଧ୍ୟ ସେ ଉଭୟ ରାୟବରେଲୀ ଏବଂ ୱାୟନାଡ଼ ଆସନରୁ ପ୍ରାର୍ଥୀ ହୋଇ ଉଭୟ ଆସନରୁ ବିଜୟୀ ହୋଇଥିଲେ। ଏଥର ସେ ଉତ୍ତରପ୍ରଦେଶର ରାୟବରେଲି ଆସନକୁ ରଖି ୱାୟନାଡ଼ରୁ ଇସ୍ତଫା ଦେଲେ। ପ୍ରିୟଙ୍କା ଏଥର ପ୍ରଥମ ଥର ଲାଗି ନିର୍ବାଚନ ରାଜନୀତିକୁ ଓହ୍ଲାଇଛନ୍ତି। ଏବେ କଂଗ୍ରେସରେ ଆଉ ଜଣେ ଗାନ୍ଧି ଆଗକୁ ଆସିଛନ୍ତି। ସମ୍ଭବତଃ ସେ ଭବିଷ୍ୟତରେ କଂଗ୍ରେସର ନେତୃତ୍ୱ ନେବେ ଏବଂ ରାହୁଲଙ୍କ ପରିବର୍ତ୍ତେ ସେ କଂଗ୍ରେସର ପ୍ରଧାନମନ୍ତ୍ରୀ ପ୍ରାର୍ଥୀ ହେବେ। ଜାତୀୟ ରାଜନୀତିରେ ଏହା ଏକ ବଡ଼ ଘଟଣା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଲା ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ । ଝାଡ଼ଖଣ୍ଡରେ ଏବେ ଜେଏମଏମ-କଂଗ୍ରେସ-ଆରଜେଡି ମେଣ୍ଟ ସରକାର ଚାଲିଛି। ଜେଏମଏମ ନେତା ହେମନ୍ତ ସୋରେନ ମୁଖ୍ୟମନ୍ତ୍ରୀ ପଦରେ ଅଛନ୍ତି। ବିଜେପି ମୁଖ୍ୟ ବିରୋଧୀ ଦଳ। ୨୦୧୯ରେ ବିଜେପିକୁ ପରାଜିତ କରି ଜେଏମଏମ କ୍ଷମତା ହାସଲ କରିଥିଲା। କିନ୍ତୁ ଗତ ୫ ବର୍ଷ ଭିତରେ ରାଜ୍ୟ ସରକାରଙ୍କ ବିରୋଧରେ ବହୁ ଦୁର୍ନୀତି ଅଭିଯୋଗ ଆସିଛି। ନିଜେ ହେମନ୍ତ ସୋରେନ ଜମି ଦୁର୍ନୀତି ଅଭିଯୋଗରେ ଗିରଫ ହୋଇ ଜେଲ ଯାଇ ଏବେ ବେଲରେ ଆସିଛନ୍ତି। ତେଣୁ ଏଥର ଜନମତ ଶାସକ ଦଳ ବିରୋଧରେ ଯାଇପାରେ। ଝାଡ଼ଖଣ୍ଡରେ ବିଜେପି ପାଇଁ ୫ ବର୍ଷ ବ୍ୟବଧାନରେ କ୍ଷମତାକୁ ଫେରିବା ସୁଯୋଗ ରହିଛି। ଅନ୍ୟ ପକ୍ଷରେ ମହାରାଷ୍ଟ୍ରରେ ବିଜେପି-ଶିବସେନା (ସିନ୍ଦେ ଗୋଷ୍ଠୀ) ଓ ଏନସିପି ( ଅଜିତ ପାୱାର ଗୋଷ୍ଠୀ) ମେଣ୍ଟ କ୍ଷମତାରେ ରହିଛି। ୨୦୧୯ରେ ବିଜେପି-ଶିବସେନା ମେଣ୍ଟ ମହାରାଷ୍ଟ୍ରରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିଥିଲା। କିନ୍ତୁ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଟଣାଓଟରା ପରେ ଶିବସେନା ସୁବିଧାବାଦୀ ରାଜନୀତି କରିଥିଲା ଏବଂ ବିଜେପିର ହାତ ଛାଡ଼ି କଂଗ୍ରେସ ଓ ଏନସିପି ସମର୍ଥନରେ ସରକାର ଗଠନ କରିଥିଲା। ଉଦ୍ଧବ ଠାକରେ ହୋଇଥିଲେ ମୁଖ୍ୟମନ୍ତ୍ରୀ। ଏହା ଥିଲା ଜନମତକୁ ଅବଜ୍ଞା। ପରେ ଅବଶ୍ୟ ଏହି ସରକାର ଭାଙ୍ଗିଗଲା ଏବଂ ଏନସିପି ଓ ଶିବସେନାରେ ବିଭାଜନ ଘଟିଲା। ଦୁଇ ଦଳର ବିଭାଜିତ ଗୋଷ୍ଠୀ ଏନଡିଏରେ ସାମିଲ ହୋଇ ରାଜ୍ୟରେ କ୍ଷମତାର ଅଂଶୀଦାର ହୋଇଛନ୍ତି।

# ଗ୍ରାମୀଣ ଭାରତର ଗ୍ରାହକ


॥ ଗିରିଧାରୀ ସାମଲ ॥



*;ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ।*


'ଫାଷ୍ଟ ମୁଭିଂ କନଜ୍ୟୁମର ଗୁଡ଼୍ସ' ବା ଏଫଏମ୍ସିଜି - ଯାହାକୁ ଆମେ ଓଡ଼ିଆରେ କହିପାରିବା ଦ୍ରୁତ ବିକ୍ରୟଶୀଳ ଦ୍ରବ୍ୟ ବିକ୍ରିରେ ଗ୍ରାମୀଣ ଭାରତରେ ଯେଉଁ ଅଭିବୃଦ୍ଧି ୨୦୨୨ରେ ଲକ୍ଷ୍ୟ କରାଯାଇଛି ତାହା ସହରରେ ଏଫଏମ୍ସିଜି ବିକ୍ରିରେ ହୋଇଥିବା ଅଭିବୃଦ୍ଧିର ପ୍ରାୟ ଦୁଇଗୁଣ। ପୂର୍ବେ ଯେଉଁ ଧାରଣାଟିଏ ଥିଲା ଯେ ଏଫଏମ୍ସିଜି ସାମଗ୍ରୀର ବଜାର ଗାଁରେ ବିଶେଷ ନାହିଁ, ସେ ଧାରଣା ଏବେ ବଦଳିବା ଆରମ୍ଭ କରିଛି।

ଏହା ଅବଶ୍ୟ ସତ ଯେ ଭାରତରେ ଏଫଏମ୍ସିଜି ବିକ୍ରୟ କ୍ଷେତ୍ରରେ ଗାଁର ଭାଗ ସହରର ଏକ ତୃତୀୟାଂଶ, ତେବେ ଖୁବ୍ ଶୀଘ୍ର ଏ ବ୍ୟବଧାନ ପୂରଣ ହୋଇଯିବାର ସମ୍ଭାବନା ଦିଶିଲାଣି। ଏକ ଅନୁଶୀଳନରୁ ଜଣାପଡ଼ିଛି ଯେ ଯଦି ମୂଲ୍ୟ, ଦ୍ରବ୍ୟର ଆକାର ଏବଂ ପ୍ୟାକିଂ ଠିକ୍ ରହେ, ତେବେ ଗ୍ରାମୀଣ ଉପଭୋକ୍ତା ସହରୀ ଗ୍ରାହକମାନଙ୍କ ଠାରୁ ପଛରେ ରହିବେ ନାହିଁ। ତେଣୁ ଏବେ ବଡ଼ ବଡ଼ ଏଫଏମସିଜି କମ୍ପାନୀମାନେ ଭାରତର ବିଶାଳ ଗ୍ରାମୀଣ ଉପଭୋକ୍ତାମାନଙ୍କୁ ଆକର୍ଷିତ କରିବା ଲାଗି ବିଭିନ୍ନ ପ୍ରକାର ଉପାୟ ଆପଣାଇବା କଥା ଚିନ୍ତା କଲେଣି।

୨୦୨୦ ଏବଂ ୨୦୨୧ରେ ଏଫ୍ଏମ୍ସିଜି ବିକ୍ରୟ କ୍ଷେତ୍ରରେ ଗ୍ରାମୀଣ ଭାରତରେ ଏକ ପ୍ରକାର ସ୍ଥାଣୁତା ଦେଖିବାକୁ ମିଳିଥିଲା। ବରଂ ଏହା ବିଯୁକ୍ତାତ୍ମକ ଥିଲା। ୨୦୨୦ ଏବଂ ୨୦୨୧ରେ ପୂର୍ବ ବର୍ଷ ତୁଳନାରେ ବୃଦ୍ଧିର ହାର ଥିଲା ଯଥାକ୍ରମେ -୦.୫ ପ୍ରତିଶତ ଏବଂ -୩.୫ ପ୍ରତିଶତ। କିନ୍ତୁ ୨୦୧୫ରେ ସେଇ ଧାରାରେ ବିରାମ ଲାଗି ଏଫ୍ଏମ୍ସିଜି ବିକ୍ରୟରେ ବିରାଟ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ଆଗେ ଅଧିକାଂଶ ଭାବୁଥିଲେ ଯେ ଗ୍ରାମୀଣ ଉପଭୋକ୍ତା ଏକ ପାରମ୍ପରିକ କ୍ଷେତ୍ରରେ ହିଁ କିଣାକିଣି କରନ୍ତି। କିନ୍ତୁ ବଜାର ସର୍ବେକ୍ଷଣ ସଂସ୍ଥା ଆଇଏମ୍ଆରବି ଦ୍ୱାରା କରାଯାଇଥିବା ସଦ୍ୟତମ ସର୍ଭେରୁ ଜଣାପଡ଼ିଛି ଯେ ୨୦୨୨ରେ ଗ୍ରାମୀଣ ଭାରତରେ ଏଫ୍ଏମ୍ସିଜିର ଚାହିଦାରେ ୫.୬ ପ୍ରତିଶତ ବୃଦ୍ଧି ଘଟିଥିବା ବେଳେ ସହରରେ ଅଭିବୃଦ୍ଧିର ହାର ହେଉଛି ୨.୯ ପ୍ରତିଶତ। ଏହି ଧାରା ଜାରି ରହିଲେ ଖୁବ୍ ଶୀଘ୍ର ଏଫଏମ୍ସିଜି ଦ୍ରବ୍ୟର ବିକ୍ରିରେ ଗାଁ ଗହଳିର ଉପଭୋକ୍ତାଙ୍କ ଭାଗ ୪୫ ପ୍ରତିଶତ ହୋଇଯିବ। ଭାରତୀୟମାନଙ୍କ ଆୟ ବଢ଼ିଛି। ସେମାନଙ୍କ ଜୀବନ ଶୈଳୀରେ ପରିବର୍ତ୍ତନ ଆସିଛି। ଏହା ସହିତ ଟଙ୍କା ଖର୍ଚ୍ଚକୁ ନେଇ ରହି ଆସିଥିବା ପୁରୁଣା ଭାରତୀୟ ଆଭିମୁଖ୍ୟରେ ବି ପରିବର୍ତ୍ତନ ଦେଖାଦେଇଛି। ସଂପ୍ରତି ଅନେକ ବହୁ ରାଷ୍ଟ୍ରୀୟ କମ୍ପାନୀ ସମଗ୍ର ବିଶ୍ୱରେ ଭାରତୀୟ ଗ୍ରାହକ ବଜାରକୁ ବଡ଼ ବଜାର ଭାବେ ଦେଖି ଅନେକ ପ୍ରୋତ୍ସାହନ ମୂଳକ ସୁବିଧା ଦେବା ସହ ଲୋକମାନଙ୍କୁ ସେମାନଙ୍କ ଆର୍ଥିକ ସାମର୍ଥ୍ୟକୁ ଦେଖି ସେମାନଙ୍କ ସାମଗ୍ରୀର ଦର ରଖୁଛନ୍ତି। ଯାହାକି ଭାରତୀୟ ଗ୍ରାହକଙ୍କ ପକେଟ ସୁହାଉଛି।

ଭାରତୀୟ ବଜାର ସମଗ୍ର ବିଶ୍ୱରେ ବିଶ୍ୱସ୍ତ ଓ ବଡ଼ ବଜାର କ୍ଷେତ୍ରରେ ପଞ୍ଚମ ସ୍ଥାନରେ ରହିଛି ଏହା ନିଶ୍ଚିନ୍ତ ଭାବରେ ଖୁସିର କଥା। ଏ କ୍ଷେତ୍ରରେ ଚୀନର ଏକଚାଟିଆ ବଜାର ମାମଲତି କମି ଯାଇଛି। ସରକାର ମଧ୍ୟ ବହୁ ରାଷ୍ଟ୍ରୀୟ କମ୍ପାନୀକୁ ଭାରତ ଆସି ସେମାନଙ୍କ ବେପାର ବଣିଜକୁ ବ୍ୟାପକ କରିବା ପାଇଁ ଉଚ୍ଚ ହାରର ଟିକସକୁ କମାଇଛନ୍ତି। ପୂର୍ବର ମିତବ୍ୟୟୀ ଭାରତ ଏବେ ତୁଳନାତ୍ମକ ଭାବେ ଅଧିକ ଖର୍ଚ୍ଚ ହେବାର ଲକ୍ଷଣ ପ୍ରଦର୍ଶନ କଲାଣି।

ଏଇ ପରିପ୍ରେକ୍ଷୀରେ ଅଦ୍ୟାବଧି ଅନାବିଷ୍କୃତ ଇଲାକାରେ ଏଫଏମ୍ସିଜି ଦ୍ରବ୍ୟ ପ୍ରସ୍ତୁତକାରୀ ବିଶାଳ ଉଦ୍ୟୋଗଗୁଡ଼ିକ ପ୍ରବେଶ କରିବାର ଉଦ୍ୟମ ଆରମ୍ଭ କଲେଣି। ସେଥିଲାଗି ପ୍ୟାକିଂରେ ଭିନ୍ନତା ତଥା ଭିନ୍ନ ଟାର୍ଗେଟି କ୍ଲାଏନ୍ଟ (ଲକ୍ଷ୍ୟରେ ରହିଥିବା ଗ୍ରାହକ)ଙ୍କ ଲାଗି ଭିନ୍ନ ରୁଚିର ବିଜ୍ଞାପନ ପ୍ରସ୍ତୁତି ଉପରେ ଗୁରୁତ୍ୱ ଦିଆଗଲାଣି। ଆକଳନ କରାଯାଉଛି ଯେ ୨୦୨୪ରେ ଗ୍ରାମୀଣ ଭାରତରେ ଏଫଏମ୍ସିଜିର ବଜାରରେ ଆହୁରି ଅଭିବୃଦ୍ଧି ଘଟିବ। ଏହାର କାରଣ ହେଲା ଏକ ଅନୁକୂଳ ମୌସୁମୀର ପ୍ରାକ୍ ସୂଚନା ମିଳିଛି, ଯାହା କୃଷି କ୍ଷେତ୍ରରେ ଉନ୍ନତି ଆଣିବ ଏବଂ ଗତ ଦୁଇବର୍ଷର ହତାଶାକୁ ଦୂର କରିବ, ଦ୍ୱିତୀୟରେ ସରକାର ଗ୍ରାମରେ କୃଷିର ବିକାଶ ତଥା ରୋଜଗାର ବୃଦ୍ଧି ଲାଗି ନେଇଥିବା ପଦକ୍ଷେପ। ତୃତୀୟରେ ସପ୍ତମ ବେତନ କମିସନର ସୁପାରିସ ହେତୁ ସରକାରୀ କର୍ମଚାରୀଙ୍କ ଦରମାରେ ଏକ ବଡ଼ ଧରଣର ବୃଦ୍ଧିର ଆଶା।

ତେଣୁ ଚଳିତ ବର୍ଷ ଏ ଅଭିବୃଦ୍ଧି ଆହୁରି ଉଚ୍ଚା ହେବ ବୋଲି ଏକ ବଜାରରେ ଆଭାସ ମିଳିଲାଣି। ସଂପ୍ରତି ବଜାରରେ ଦରଦାମର ଉଚ୍ଚ ମୂଲ୍ୟ ରହୁଥିବା ବେଳେ ସରକାରୀ ଓ ବେସରକାରୀ ସଂଗଠନରେ ଅଧିକାଂଶ କ୍ଷେତ୍ରରେ ଦରମା ଓ ଅର୍ଥନୈତିକ ସୁବିଧା ସୁଯୋଗ ବଢ଼ିଛି। ତେବେ ଅନେକ ସରକାରୀ କର୍ମଚାରୀ, ବେତନ ଭୋଗୀ ଓ ଘରୋଇ ସଂସ୍ଥାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷଙ୍କର ଆର୍ଥିକ ସ୍ଥିତି ଉଚ୍ଚାର ରହିପାରୁନାହିଁ। ଏହାର ବଡ଼ କାରଣ ହେଉଛି ସେମାନଙ୍କର ପୂର୍ବ ଋଣ ବା ବ୍ୟାଙ୍କରୁ ନେଇଥିବା ଆର୍ଥିକ ସହଯୋଗ। ଏହାକୁ ନିର୍ଦ୍ଦିଷ୍ଟ ଅବଧି ଭିତରେ ପରିଶୋଧ ନକଲେ ଚଢ଼ା ଦରରେ ଏକ ପ୍ରକାର ଚକ୍ରହାର ସୁଧରେ ସେମାନେ ଆର୍ଥିକ କ୍ଷତିକୁ ସହି ଥାଆନ୍ତି। ତେବେ ଅନେକ କ୍ଷେତ୍ରରେ ଦେଖାଯାଉଛି ଯେ ବହୁରାଷ୍ଟ୍ରୀୟ କମ୍ପାନୀ ଓ ଭାରତର କିଛି ବଡ଼ ବଡ଼ କମ୍ପାନୀ ସେମାନେ ନିର୍ଦ୍ଦିଷ୍ଟ ସେମାନଙ୍କର ଉତ୍ପାଦିତ ସାମଗ୍ରୀ ଉପରେ ବ୍ୟାପକ ସୁବିଧା ଓ ସବସିଡ଼ି ପ୍ରଦାନ କରିବା ସହ ମାସିକ କିସ୍ତି ବ୍ୟବସ୍ଥା କରୁଛନ୍ତି।

ଯାହାକି ବେତନଭୋଗୀ କର୍ମଚାରୀ ଓ ସମାଜର ସବୁଠାରୁ ବଡ଼ ଗ୍ରୁପ କୁହାଯାଉଥିବା ମଧ୍ୟବର୍ତ୍ତି ମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହେଉଛି। ସେମାନେ ବ୍ୟାପକ କିଣାବିକା କରିବା ସହ ଭାରତୀୟ ଅର୍ଥନୀତି ମଧ୍ୟ ବଡ଼ ଆକାରରେ ବଜାରରେ କାୟା ମେଲାଇ ଲୋକଙ୍କୁ ବ୍ୟାପକ ସୁବିଧା ପ୍ରଦାନ କରୁଛି। ସରକାର ମଧ୍ୟ ମଝିରେ ମଝିରେ ସେମାନଙ୍କ କର୍ମଚାରୀଙ୍କ ପାଇଁ ଆର୍ଥିକ ସୁବିଧା, ପ୍ରୋତ୍ସାହନ ଓ ବ୍ୟାଙ୍କ ଋଣ ସୁବିଧାର ସୁବନ୍ଦୋବସ୍ତ କରିଛନ୍ତି। ଏ କ୍ଷେତ୍ରରେ ଖୋଲା ହାତ ଖର୍ଚ୍ଚ ନକରି ମିତବ୍ୟୟୀ ହେବା ମଧ୍ୟ ଜରୁରୀ। କାରଣ ଅନେକ କ୍ଷେତ୍ରରେ ଦେଖାଯାଏ ଖୋଲା ଖର୍ଚ୍ଚପଣିଆ ଜଣଙ୍କ ପାଇଁ ପରବର୍ତ୍ତୀ ସମୟରେ ଆର୍ଥିକ ଦୁଃସ୍ଥିତିର ବଡ଼ କାରଣ ହୋଇଥାଏ। ଏମିତି ହେଲେ ଭାରତୀୟ ଅର୍ଥନୀତି ଚଳଚଞ୍ଚଳ ରହିବ ଯାହା ଭାରତୀୟ ଅର୍ଥନୀତି ଲାଗି ଶୁଭଙ୍କର ହେବ।


ସାମାଜିକ କର୍ମୀ, ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ଦୂରଭାଷ : ୯୪୩୭୪୫୦୧୧୪


# ପ୍ରକୃତି, ପରିବେଶ ଓ ମାଆ


॥ ଡ଼ଃ.ଅରୁନ୍ଧତୀ ଦେବୀ ॥


ମାମାକୁ ତା' ମାଆ କହିଲେ, 'ତୁ ଟିକେ ରୋଷେଇ ଘରୁ ଚିନି ଡ଼ବାଟା ଆଣିଲୁ' । ମାମା ଶୁଣିଲା ନାହିଁ । ପୁଣି ଥରେ ନିଜ କଣ୍ଠସ୍ୱର ଉଚ୍ଚକରି କହିଲେ । ତଥାପି ମାମା ହୁଙ୍କିଲା ନାହିଁ । ଏଥର ଚିତ୍କାର କରି କହିଲେ, କିନ୍ତୁ ମାମା ଶୁଣି ନଶୁଣିଲା ପରି ଶୋଇବା ଘରକୁ ଚାଲିଗଲା । ଶେଷରେ ତା'ର ମାଆ ମାମା ଚୁଟିଝିଙ୍କି ତା ପିଠିରେ ଦୁମ୍‌କିନା ବିଧାଟାଏ କଷିଦେଲେ । ମାମା ଜୋରରେ କାନ୍ଦିଲା । କିଛି ଉତ୍ତର ନକଲେ ବି ମନମାରି ବସିଗଲା । ନା ପାଠ ପଢ଼ିଲା ନା ଆଉ କିଛି କାମ କଲା । ଏଥିରୁ ଜଣାପଡ଼ିଲା ମାମାର ମାଆ ତାକୁ କେମିତି ଶିକ୍ଷା-ଦୀକ୍ଷା ବା ସଂସ୍କାର ଦେଇଛନ୍ତି ? ଅବଶ୍ୟ ତା'ମାଆଙ୍କୁ ସମ୍ପୂର୍ଣ୍ଣ ଦୋଷାରୋପ କରିବା ଠିକ୍ ନୁହେଁ । ମାମାର ଜନ୍ମଗତ ପ୍ରକୃତି ଏବଂ ସେ ରହୁଥିବା ପରିବେଶ ବି ଏଥିପାଇଁ ଦାୟୀ । କିନ୍ତୁ ଶିଶୁଟିଏର ବୋଧଶକ୍ତି ଆସିବା ଆରମ୍ଭରୁ ଯଦି ତା'ର ମାଆ ତାକୁ କେତୋଟି ପ୍ରାଥମିକ ଚଳଣି, ବ୍ୟବହାର ଏବଂ ହାବଭାବ ଶିଖାନ୍ତି ତାହେଲେ ସେ ଅନ୍ତତଃ ସେହିସବୁକୁ ଅକ୍ଷରେ ଅକ୍ଷରେ ପାଳନ କରନ୍ତା ।

ସ୍ନେହ ଦେଇ ଶିଶୁଙ୍କୁ ଆପଣାର କରିହୁଏ । କିନ୍ତୁ ସେହି ସ୍ନେହ ମାପଚୁପି ବିତରଣ କରିବା ଉଚିତ । ପୁଣି ଭୟ ଦେଖାଇବା ଆଉ ଏକ ଅସ୍ତ୍ର, ଯାହା ମାଆ ଶିଶୁଟିର ବେପରୁଆ ନୀତିକୁ ଲଗାମ୍ ଲଗାଏ । ଏମିତିରେ ପ୍ରତିଟି କଥାରେ ଭଲ-ଖରାପ ବାଛି ଶିଶୁକୁ ସେ ବିଷୟରେ ସଚେତନ କରିବା ମାଆଙ୍କର ଗୁରୁ ଦାୟିତ୍ୱ । ତେବେ ଶିଶୁଟିର ଜନ୍ମଗତ ପ୍ରକୃତି ଯଦି ବେପରୁଆ ଜଣାପଡ଼େ, ମାଆ ତା'ପ୍ରତି ଅଙ୍କୁଶ ଲଗାଇବା ବିଧେୟ । ଶିଶୁର କେତେକ ସ୍ୱଭାବ ଭଲ ଅର୍ଥାତ୍ ଗଠନାତ୍ମକ ହୋଇଥିବାବେଳେ, କେତେକ ସ୍ୱଭାବ ନକରାତ୍ମକ ହୋଇଥାଏ । ତେବେ ନକରାତମକ ସ୍ୱଭାବ ତା ପାଇଁ ତଥା ବଂଶର ବଦନାମ ପାଇଁ ଦାନା ଯୋଗାଇଥାଏ, ଏପରି ସ୍ୱଭାବକୁ ତାର ମାଆ ଗୋଟି ଗୋଟି କରି ନିବୃତ୍ତ କରିବା ଉଚିତ । ଯଦି କୌଣସି ନା କୌଣସି ଯୁକ୍ତାତ୍ମକ ସ୍ୱଭାବ ଲକ୍ଷ୍ୟ କରୁଥାନ୍ତି ତାହେଲେ ସେଭଳି ସ୍ୱଭାବପ୍ରତି ତାକୁ ଉତ୍ସାହିତ କରିବା ଉଚିତ । ପିଲାଟି ଭଲ କଥା କହୁଛି । ଭଲ କାମ କରୁଛି । ଭଲ ବିଷୟ ପ୍ରତି ଆଗ୍ରହ ପ୍ରକାଶ କରୁଛି, ଭଲ ପିଲାଙ୍କ ସହ ମିଶିବାକୁ ଚାହୁଁଛି, କୌଣସି ଭଲ କଥାକୁ ସହଜରେ ଗ୍ରହଣ କରୁଛି ଓ ମନେ ରଖି ପାରୁଛି । ପରଉପକାରୀ ବା ସାହାଯ୍ୟ ମନୋଭାବର । ପୁଣି ପ୍ରଖର ଧୀଶକ୍ତି, ଭଲ କାମକୁ ଅନୁକରଣ, କୌଣସି ଭଲ କାମ ପାଇଁ ମନଯୋଗ କିମ୍ବା ସକରାତ୍ମକ ଦିଗରେ ତା'ର ଉତ୍ସାହ ଦେଖିଲେ ତାର ମାଆ ତାକୁ ସାହାଯ୍ୟ, ସହଯୋଗ ଏବଂ ସମର୍ଥନ ଦେବା ଉଚିତ୍ ।

କେତେକ କ୍ଷେତ୍ରରେ ଶିଶୁର କିଛି ବଳବତ୍ତର ପ୍ରକୃତି ପରିଲକ୍ଷିତ ହୁଏ ଯାହା ତାର ମାଆଙ୍କୁ ଭଲ ଲାଗେ, ଖରାପ ବି ଲାଗେ । କାରଣ କିଛି ଅଶୋଭନୀୟ କଥାରେ ଯଦି ଶିଶୁ ଜିଦ୍ କରିବସେ ସେଥିରୁ ମାଆ ବାରଣ କରିଥାନ୍ତି । ଏତେବେଳେ ଶିଶୁ ଓ ମାଆ ମଧ୍ୟରେ ପାଚେରି ଗଢ଼ି ଉଠେ । ପିଲା ଚାହେଁ ତାହା କରିବାକୁ; କିନ୍ତୁ ମାଆ ତାକୁ ବାରଣ କରେ । ଧୀରେ ଧୀରେ ଶିଶୁ ଅନୁଭବ କରେ ତା' ମାଆ ତାର ବିରୋଧୀ । ତଥାପି ମାଆ ସବୁ କଥାରେ ଆଦୌ ବୁଝାମଣା କରିବା ଅନୁଚିତ । ଭୟରେ ନହେଲେ ସ୍ନେହରେ, କିମ୍ବା ସ୍ନେହରେ ନହେଲେ ଭ୍ରରେ ତାକୁ ସେସବୁ ନକାରାତ୍ମକ ଦିଗରୁ ମାଆ ନିବୃତ୍ତ କରିବାକୁ ଯଥାସାଧ୍ୟ ଚେଷ୍ଟା କରିବା ଉଚିତ ।

ପରିବେଶ ଅନୁସାରେ ପିଲାଟି କେତେକ ନକରିବା କଥା କରିବସେ । ପୁଣି ପରିବେଶ ପ୍ରଭାବରେ ସେ ଉପସ୍ଥିତ ବୁଦ୍ଧି ସମ୍ପନ୍ନ, ପ୍ରତ୍ୟୁତ୍ପନ୍ନମତି, ଚତୁର ଏବଂ ସାହାସୀ ହୋଇଥାଏ । କେତେକ ବାସ୍ତୁ, ବ୍ୟକ୍ତି ଏବଂ ଆଚାର ବ୍ୟବହାର ତାକୁ ଅନେକ କଥା ଜାଣିବାରେ ସାହାଯ୍ୟ କରେ । ଅନ୍ୟକୁ ଅନୁକରଣ କରିବା ପ୍ରାୟ ଶିଶୁଟି ଏଇ ପରିବେଶରୁ ହିଁ ଶିଖିଥାଏ । କିନ୍ତୁ ଏଇ ପରିବେଶ ବି ପିଲାଟିକୁ ବିପଥଗାମୀ କରାଏ । କାରଣ ପରିବେଶ ପ୍ରଭାବରେ ସେ ନିଜର ଉତ୍ତମ ସ୍ୱଭାବ ଏବଂ ମାଆର ସୁଶିକ୍ଷାକୁ ଧୀରେ ଧୀରେ ଭୁଲିବାକୁ ବସେ । ଯେତେବେଳେ ସେ ସମ୍ପୂର୍ଣ୍ଣ ପରିବେଶର ସମର୍ଥକ ହୋଇଯାଏ, ସେତେବେଳେ ତାକୁ ସ୍ୱ-ପ୍ରକୃତି ବା ମାଆଙ୍କ ଶିକ୍ଷା-ଦୀକ୍ଷାକୁ ବିଚ୍ୟୁତ ହେବାକୁ ପଡ଼େ । ତେଣୁ ପିଲାଟିକୁ ପୂରାପୂରି ପରିବେଶର ଅଧୀନ କରିବା ଅନୁଚିତ । ବରଂ ତାର ଏକାକୀତ୍ୱ ଅନୁଭବ ଦୂର କରିବାକୁ ପରିବେଶ ସହ କେବେ କେବେ ମିଶିବାର ସୁଯୋଗ ଦେବା ଠିକ୍ । ଯଦି କୌଣସି ପରିବେଶରେ ପିଲାଟି ବିଶୃଙ୍ଖଳିତ, ବେପରୁଆ କି ବିପଥଗାମୀ ହୋଇ ଯାଉଛି, ତାହେଲେ ଯଥାଶୀଘ୍ର ତାକୁ ସେଠାରୁ ଦୂରେଇ ନିଅନ୍ତୁ । ପରିବେଶ ଯେ ପିଲାର ବିରୋଧୀ ହୁ. ତାନୁହେଁ – ବେଳେ ବେଳେ ମାଆ ବାପାଙ୍କୁ ଯେଉଁ ପରିବେଶରେ ସୁହାଉନଥାଏ, ସେ ପରିବେଶରେ ପିଲାଟି ଖାପ୍‌ଖୁଆଇ ପାରେ । ପିଲାକୁ ଯେଉଁ ପରିବେଶରେ ରଖୁଛନ୍ତି ସେ ପରିବେଶରେ ସେ ସମର୍ଥକ କି ନୁହେଁ, ଅନୁଧ୍ୟାନ କରନ୍ତୁ । ନତୁବା ତାକୁ ସୁହାଉନଥିବା ପରିବେଶ ତାର ଶାରୀରିକ, ମାନସିକ ଏବଂ ବୌଦ୍ଧିକ ବିକାଶରେ ଅନ୍ତରାୟ ହୋଇପାରେ । ଯେଉଁ ପିଲା ଯେପରି ହେବା କଥା ସେପରି ହେବ । ଅବଶ୍ୟ ଏଭଳି ଲୋକ ବିଶ୍ୱାସ ଭୁଲନୁହେଁ । କାହିଁକି ନା ମଫସଲ ଅଞ୍ଚଳରେ ରହି ପିଲାଟି ସେଠିକାର ଅନୁନ୍ନତ ପରିବେଶରେ ମଧ୍ୟ ନିଜାର ଶାରୀରିକ ଓ ମାନସିକ ବିକାଶ କରିପାରୁଛି । ସେହି ପିଲାମାନଙ୍କ ମଧ୍ୟରୁ କିଏ ସୈନିକ ହେଉଛନ୍ତି ତ କଏ ପାଠପଢ଼ି ଡାକ୍ତର, ଇଞ୍ଜିନିୟର, ଅଧ୍ୟାପକ ଏପରିକି ଆଇଏଏସ, ଆଇପିଏସ କିମ୍ବା ଓଏଏସ୍ ହୋଇ ପାରୁଛନ୍ତି । କିନ୍ତୁ ସହର ପରିବେଶରେ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ବି ପିଲାମାନେ ସେମିତି କିଛି ଆଖିଦୃଶିଆ ଦିଗରେ ଓସ୍ତାଦ ହୋଇ ପାରୁନାହାନ୍ତି । ତେଣୁ ଯିଏ ଯେମିତି ହେବା କଥା ସେମିତି ହେବ' କଥାଟି ଏଭଳି କ୍ଷେତ୍ରରେ ପ୍ରଯୁଜ୍ୟ । ପିଲାଟିର ଜନ୍ମଗତ ପ୍ରକୃତି, ପରିବେଶ ଓ ମାଆଙ୍କ ଯତ୍ନ ହିଁ ତାକୁ ପରିପୂର୍ଣ୍ଣ କରିପାରେ । ପିଲାର ମନସ୍ତତ୍ତ୍ୱକୁ ଠିକ୍ ଠିକ୍ ପଢ଼ନ୍ତୁ । ଏଥିପାଇଁ ମାଆ ହିଁ ବେଶୀ ଦାୟୀ । ନହେଲେ ଆପଣଙ୍କ ସ୍ୱପ୍ନ ସାକାର ହୋଇନପାରେ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦


# ଜୀବନର ସଂଜ୍ଞା


॥ ଅନୀତା ପଟ୍ଟନାୟକ ॥


ଥରେ ଜଣେ ମାଲିକଙ୍କ ଘରେ ଗୁଡ଼ିଏ ଘୋଡ଼ା ଥିଲେ। ମାଲିକଙ୍କର ଘରେ ବିଭିନ୍ନ ପ୍ରକୋଷ୍ଠରେ ଘଣ୍ଟାମାନ ସୁସଜ୍ଜିତ ହୋଇ ରହିଥିଲା। ଦିନେ ଘୋଡ଼ା ଘର ଭିତରେ ଘଣ୍ଟାକୁ ଦେଖି ଘଣ୍ଟାକୁ କହିଲା ତୋର ଜୀବନ ନାହିଁ ଚେତନ ଶକ୍ତିର ବ୍ୟବହାର କରି ବଞ୍ଚିବା ଆବଶ୍ୟକ। ନଚେତ ପରେ ଲାଗିବ ଆମେ ଜୀବନରେ କିଛି ମୂଲ୍ୟବାନ ହରାଇ ଦେଇଛେ। ଜୀବନ ତୋ ଭଳିଆ ଯନ୍ତ୍ରବତ ହେବା ଉଚିତ ନୁହେଁ। ମଣିଷର ଜୀବନ ଦୌଡ଼ୁଥିବା ଏକ ରାସ୍ତା ପରି। ଜୀବନ ଏକ ଚିରାଚରିତ ପ୍ରଥା ନୁହେଁ, ଜୀବନ ଅତ୍ୟନ୍ତ ଅର୍ଥପୂର୍ଣ୍ଣ ଓ ମୂଲ୍ୟବାନ।

ଘୋଡ଼ା ଓ ଘଣ୍ଟାର ଏପରି କଥୋପକଥନକୁ ବୁଝି ପାରୁଥିବା ଜଣେ ସାଧୁ ଆସିଲେ। ସେମାନଙ୍କ କଥା ଶୁଣି କହିଲେ ଜୀବନକୁ ଦୁଇ ଭାଗରେ ବିଭକ୍ତ କରାଯାଇପାରେ ଯଥା - ସାମାଜିକ ଓ ଆଧ୍ୟାତ୍ମିକ। ଜନ୍ମ ମୃତ୍ୟୁର ମଧ୍ୟଭାଗକୁ ଜୀବନ କୁହାଯାଏ। ଆଧ୍ୟାତ୍ମିକ ଜଗତରେ ଜନ୍ମ ଓ ମୃତ୍ୟୁ କିଛି ନାହିଁ। ଘୋଡ଼ା କହିଲା ଜୀବନ ଯାହା ନିରନ୍ତର ଚାଲିଥାଏ ଶରୀରର ଉତ୍ପତ୍ତିକୁ ଜନ୍ମ ଓ ବିଲୟକୁ ମୃତ୍ୟୁ କୁହାଯାଏ। ପ୍ରାଣ ଚିରନ୍ତନ, ଶାଶ୍ୱତ ଓ ଲକ୍ଷ୍ୟ ସ୍ଥଳକୁ ଏକ ଯାତ୍ରା ହେଲେ ଏ ଘଣ୍ଟାଟା ପ୍ରାଣ ନୁହେଁ କେବଳ ମୁନୀବଙ୍କ ଘରେ ଶୋଭା ପାଉଛି ବୋଲି ତାର କେତେ ବହତା। ସାଧୁ କହିଲେ କାହାରିକୁ କୁସ୍ୱରଟନା କରନାହିଁ। ତୁମେ ମାନବର ଜୀବନକୁ ଦେଖ। ଅନେକଙ୍କର ରାଜନୈତିକ ଲକ୍ଷ୍ୟ ଥାଏ। ସେମାନେ ଉଚ୍ଚପଦବୀ ଚାହାଁନ୍ତି। ଅନେକଙ୍କର ଅର୍ଥନୈତିକ ଲକ୍ଷ୍ୟଥାଏ ଯଥା - ଧନବାନ ହେବା, ଲକ୍ଷ ପତି ହେବା, କୋଟିପତି ହେବା। ଅନେକଙ୍କର ବିଦ୍ୟାର୍ଜନ କରିବାର ଲକ୍ଷ୍ୟ ଥାଏ ଯଥା ଡିଗ୍ରୀ ହାସଲ କରିବା ଓ ଜ୍ଞାନ ଆହରଣ କରିବା ଇତ୍ୟାଦି। ସମସ୍ତଙ୍କର ଏକ ଲକ୍ଷ୍ୟ ଅଛି ଓ ସମସ୍ତେ ସେହି ପଥର ଯାତ୍ରୀ। କିଏ କିଏ ଲକ୍ଷ୍ୟସ୍ଥଳରେ ପହଞ୍ଚି ପାରନ୍ତି କେହି କେହି ଅଧାରାସ୍ତାରେ ଦିଗହରା ହୁଅନ୍ତି ଓ କେହି କେହି ଲକ୍ଷ୍ୟ ପରିତ୍ୟାଗ କରନ୍ତି। କାଳର କରାଳରେ କେହି କେହି ଲକ୍ଷ୍ୟ ବିଚ୍ୟୁତ ମଧ୍ୟ ହୁଅନ୍ତି। ସେ ଯାହା ହେଉନା କାହିଁକି ଜୀବନ ଲକ୍ଷ୍ୟ ସ୍ଥଳ ଆଡ଼କୁ ଗତି କରୁଥିବା ଏକ ଯାତ୍ରା। ଘଣ୍ଟା କାଳର ପ୍ରତୀକ। ତେଣୁ ସେ ମୂଲ୍ୟବାନ ଘୋଡ଼ା କହିଲା ମହାନୁଭବ ମୋ ମତରେ ଜୀବନ ଏକ ଅନୁସନ୍ଧାନ ତେଣୁ ଖୋଜ ରଖିବାକୁ ପଡ଼ିବ ବାହାର କରିବାକୁ ପଡ଼ିବ। ଉଦ୍ୟମ ଜାରି ରଖିବାକୁ ପଡ଼ିବ। ଜଣେ ଚେଷ୍ଟିତ ହେବା ଆବଶ୍ୟକ ଓ ନିଜକୁ ପଚାରି ବୁଝିବା ଦରକାର ସେ ଜୀବନରେ ଚାହେଁ କଣ? ପ୍ରତ୍ୟେକଙ୍କର ଚାହିଦାରେ ଫରକ ଥାଏ। ଆମର ଚାହିଦା ଇଛା ଓ ଶକ୍ତି ମୁତାବକ ଆମେ ଜୀବନରେ ଯାହା ଚାହୁଁଛୁ ତାହା କରିବା ଦରକାର। ଘଣ୍ଟାର ଏସବୁ କିଛି ନାହିଁ।

ସାଧୁ କହିଲେ ଜୀବନ ଏକ ଯୁଦ୍ଧକ୍ଷେତ୍ର। ଯେ ଉତ୍ତମ ସେ ବଞ୍ଚେ। ବଞ୍ଚିବା ପାଇଁ ସଂଘର୍ଷ ଆବଶ୍ୟକ। ଏ ଜଗତରେ ସବଳ ବଞ୍ଚେ ଓ ଦୁର୍ବଳ ପ୍ରାଣ ହରାଏ। ଏହା ଜୀବନର ରୀତି। ସବୁ ମଞ୍ଜି ବଞ୍ଚି ପାରନ୍ତି ନାହିଁ ବା ଦ୍ରୁମରେ ପରିଣତ ହୋଇପାରନ୍ତି ନାହିଁ। ଜନ ବିସ୍ଫୋରଣ ହୋଇଥିବା ସମାଜରେ ଗୋଟିଏ ପଦବୀ ପାଇଁ ଅନେକ ପ୍ରାର୍ଥୀ ଓ ପ୍ରତିଯୋଗିତା ଅଧିକ। ଜୀବନ ଏକ ପ୍ରତିଯୋଗିତା, ସଂଘର୍ଷ ସର୍ବଶ୍ରେଷ୍ଠ ଉତ୍ତମ ହିଁ ବିଜୟୀ ହୁଏ। ବିଦେଶରେ ଦୁର୍ବଳର ସ୍ଥାନ ନାହିଁ ଯୋଗ୍ୟ ବ୍ୟକ୍ତି ଓ ତୁମପରି ଘୋଡ଼ା ଜୀବନରେ ସଂଘର୍ଷ କରି ପ୍ରତିଷ୍ଠିତ ହୁଅନ୍ତି। ଘଣ୍ଟା କହିଲା ହେ ମହାନୁଭବ! ଘୋଡ଼ାକୁ ବୁଝାନ୍ତୁ ଜୀବନ ଘଣ୍ଟାର ପେଣ୍ଡୁଲମ ସଦୃଶ। ଏହା ଏକ ଦିଗରୁ ଅନ୍ୟ ଦିଗକୁ ଝୁଲୁଥାଏ। ପେଣ୍ଡୁଲମ ଝୁଲୁ ନାହିଁ ଘଣ୍ଟା ଖରାପ ଆନନ୍ଦ ଓ ନିରାନନ୍ଦ ମଧ୍ୟରେ ଜୀବନ ଝୁଲୁଥାଏ ତେଣୁ ଦୁଇଟି ଦୁଃଖର ମଧ୍ୟ ସ୍ଥଳକୁ ଆନନ୍ଦ ବା ସୁଖ କୁହାଯାଏ। ଜୀବନରେ ଅନେକ କିଛି ଗ୍ରହଣ କରୁ ଓ ଅନେକ କିଛି ତ୍ୟାଗ କରୁ। ଯାହା ଜୀବନରେ ଆସିଲା ତାହାକୁ ଗ୍ରହଣ କରିପାରିବା ନାହିଁ। ଆମର ଚାହିଦା ଓ ଇଚ୍ଛା ଶକ୍ତି ପ୍ରୟୋଗ କରି ଆମେ ଯାହା ଚାହୁଁଛେ ତାକୁ ଗ୍ରହଣ କରିବା ଉଚିତ।

ଘୋଡ଼ାଟି ଏସବୁ ଶୁଣି ଆଲୋଚନାକୁ ଆଗେଇ ନେଇ କହିଲା ମୁଁ ଦେଖୁଛି ମଣିଷର ଜୀବନ ଉପର ତଳରେ ଭରପୁର। ଜୀବନ ସ୍ଥିର ନୁହେଁ। ପାହାଡ଼ ପରିବେଷ୍ଟନୀ ମଧ୍ୟରେ ଉପତ୍ୟକା ଥାଏ ଏହା ସମତଳ ଭୂମି। କିନ୍ତୁ ପାହାଡ଼ର ଶରୀର ଉପରତଳ ଉଚ୍ଚାନିଚ୍ଚା। ତେଣୁ ଜୀବନ ସିଧା ଖୁଣ୍ଟି ସଦୃଶ ନୁହେଁ। ଉପର ତଳରେ ସୁନ୍ଦରତା ଥାଏ। ଏହି ସତ୍ୟକୁ ଯେତେ ଶୀଘ୍ର ବୁଝିବା ସେତେ ଭଲ। ଉତ୍ତାପରେ ୧୦୦ ଡିଗ୍ରୀ ଅଛି ୦ଡିଗ୍ରୀ ଅଛି। ଘଣ୍ଟା କହିଲା ଦିନ ଅଛି ରାତି ଅଛି କିନ୍ତୁ ଏହା ମିଶିଲେ ସଂପୂର୍ଣ୍ଣ ଦିନ ହୋଇଥାଏ। ଏହି ସୁନ୍ଦରତାକୁ ଆମେ ବୁଝିବା ଦରକାର। ଦୃଷ୍ଟିଶକ୍ତିର ଯେପରି ଏକ ସୀମା ଅଛି ଜୀବନର ମଧ୍ୟ ସେହିପରି ସୀମା ଅଛି। ଏହାକୁ ବୁଝିବାକୁ ଶୃଙ୍ଖଳାର ଆବଶ୍ୟକତା ଥାଏ। ଦୁଇ ଗୋଡ଼ ଶୃଙ୍ଖଳାର ସହ ଚାଲେ। ଦୁଇ ଆଖି ଶୃଙ୍ଖଳାର ସହ ଦେଖେ। ମଣିଷର ଶରୀର ଶୃଙ୍ଖଳାରେ ଗଲେ ଯେଉଁ ଘୋଡ଼ା ଯୁଦ୍ଧ କ୍ଷେତ୍ରରେ ଦୌଡ଼ିପାରେ ନା, ଯେଉଁ ଭଗବାନ ଆମର ନାଯୋଚିତ ଆଶା ପୂରଣ କରିବାରେ ବିଫଳ ଓ ଯେଉଁ ବନ୍ଧୁ ବାନ୍ଧବ ଦରକାର ବେଳେ କର୍ମରେ ଆସନ୍ତି ନାହିଁ, ସେମାନଙ୍କୁ ତ୍ୟାଗ କରିଦେବା ଉଚିତ। ଗୋଟିଏ ସୁନ୍ଦର ନର୍ତ୍ତକୀ ଧ୍ୟାନ ଆକର୍ଷଣ କରିପାରେ ତାର ଅର୍ଥ ନୁହେଁ ସମସ୍ତେ ତା ଆକର୍ଷଣରେ ନାଚିବେ। ଭଗବାନଙ୍କ ନିର୍ଦ୍ଦେଶରେ ଓ ତାଙ୍କ ନିର୍ଦ୍ଦେଶିତ ପଥରେ ନାଚିବା ଭଲ। ମନର ନିର୍ଦ୍ଦେଶରେ ନୁହେଁ। ସାଧୁ କହିଲେ ଜୀବନ ଅନୁକରଣ ପ୍ରୀୟ ହେଲେ ମଧ୍ୟ ନିଜର ପନ୍ଥା ନିଜକୁ ବାଛିବାକୁ ହେବ। ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଜୀବନ ଯେକୌଣସି ମୁହୂର୍ତ୍ତରେ ଛୋଟ ହୋଇପାରେ। ଜୀବନ ଏକ ଫୁଲପରି; ଦୋଳିରେ ଖେଳୁଥାଏ। ଛୋଟ ଶିଶୁର ହସ ପରି ଓ ଗ୍ରୀଷ୍ମର ଅଣ୍ଡାମଳୟପରି। କିନ୍ତୁ ଦୁଃଖର ବିଷୟ ମନୁଷ୍ୟ ଟଙ୍କାକୁ ଖୁବ ସୁନ୍ଦର ଭାବି ପ୍ରେମ କରୁଛି। ଧନବାନ ଲୋକ ଅସୁରକ୍ଷିତ ଓ ଶଂସୟୀ ହୋଇଥାଏ। ଫୁଲର ସୁଗନ୍ଧ ଅଛି କିନ୍ତୁ ସେ ମଉଳି ଯାଏ, ଝଡ଼ିପଡ଼େ ଠିକ ମନୁଷ୍ୟର ଜୀବନ ପରି। ହେ ଅଶ୍ୱ ଓ ଘଣ୍ଟା ! ସଚେତନର ସହ ବଞ୍ଚିବାକୁ ଜୀବନ କୁହାଯାଏ। ଯେଉଁଠାରୁ ଆସିଛି ସେଠାକୁ ଫେରି ଯିବାକୁ ଜୀବନ କୁହାଯାଏ। ତେଣୁ ମଣିଷର ଆରମ୍ଭ ଓ ଶେଷ ସମାନ। ଶେଷ ଅର୍ଥ ଭଗବାନଙ୍କ ନିକଟକୁ ଫେରିବା। ଆମେ ପୃଥିବୀରେ ରହିବା ପୃଥିବୀ ଆମ ଭିତରେ ନୁହେଁ। ଡଙ୍ଗା ପାଣିରେ ଭାସେ। ପାଣିକୁ ଡଙ୍ଗା ଭିତରେ ପଶିବାକୁ ଦିଏ ନାହିଁ। ମା ପିଲାକୁ ଦୋଳିରେ ଛାଡ଼ି ସମସ୍ତ କାର୍ଯ୍ୟ କରେ। ଅଳସୁଆ ଓ ବିକ୍ଷିପ୍ତ ଚିନ୍ତାଧାରାର ମାନବ ଭଗବାନଙ୍କୁ ପାଇପାରେ ନାହିଁ। ନିରନ୍ତର ଭଗବାନଙ୍କୁ ପ୍ରାର୍ଥନା ଓ କର୍ମ କରିବାକୁ ଜୀବନ କୁହାଯାଏ।


ସିଡିଏ, ସେକ୍ଟର-୧୦, କଟକ, ଦୂରଭାଷ : ୯୬୯୨୯୮୦୦୨୬

## ଓୟୁଜେ ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଶାଖାର ଦ୍ୱିବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ

ସମ୍ବଲପୁର (ମହାଭାରତ) ଓଡିଶା ସାମ୍ବାଦିକ ୟୁନିଅନ(ଓୟୁଜେ) ସମ୍ବଲପୁର ଜିଲ୍ଲା ରେଙ୍ଗାଲି ଶାଖାର ଦ୍ୱିବାର୍ଷିକ ସାଧାରଣ ସଭା ଓ କର୍ମକର୍ତ୍ତା ଚୟନ ଆଜି ରେଙ୍ଗାଲି ପୁରୁଣା ବସ୍ତି ସ୍ଥିତ କାର୍ଯ୍ୟାଳୟର ଠାରେ ଅନୁଷ୍ଠିତ ହୋଇଯାଇଛି ।ବରିଷ୍ଠ ସାମ୍ବାଦିକ ଦୁର୍ଗା ଶଙ୍କର ବାଗ ଙ୍କ ସଭାପତିତ୍ୱରେ ଦ୍ୱିବାର୍ଷିକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ଏଥିସହ ଦ୍ୱିବାର୍ଷିକ କର୍ମକର୍ତ୍ତା ଚୟନ ପାଇଁ ସମ୍ବଲପୁର ଜିଲ୍ଲା ଜାତୀୟ କାର୍ଯ୍ୟକାରିଣୀ ସଦସ୍ୟ ଶଚିକାନ୍ତ ସାହୁ ତଥା ରେଙ୍ଗାଲି ର ପର୍ଯ୍ୟବେକ୍ଷକ ଭାବେ ଉପସ୍ଥିତ ରହି ନୁତନ କର୍ମକର୍ତ୍ତା ଚୟନ କରିଥିଲେ । ରେଙ୍ଗାଲି ବ୍ଲକ ସଭାପତି ଭାବେ ପ୍ରସ୍ତାବକ ହିମାଂଶୁ କୁମାର ଦାସ ଓ ଅନିଲ ଅଗ୍ରୱାଲ ଙ୍କ ସମର୍ଥନ ରେ ମନୋଜ ମୁଦୁଲି, ସମ୍ପାଦକ ଭାବେ ପ୍ରସ୍ତାବକ ଦୀନେଶ ମାହାଣା ଓ ସୁନିଲ କୁମାର ନାଥ ଙ୍କ ସମର୍ଥନ ରେ ହିମାଂଶୁ ଦାସ ଓ କୋଷାଧକ୍ଷ ଭାବେ ପ୍ରସ୍ତାବକ ହିମାଂଶୁ କୁମାର ଦାସ ଓ ଅନିଲ ଅଗ୍ରୱାଲ ଙ୍କ ସମର୍ଥନ ରେ ସୁନିଲ କୁମାର ନାଥ ଙ୍କୁ ଦ୍ୱିବାର୍ଷିକ ପାଇଁ ଚୟନ କରାଯାଇଛି । ନୁତନ ଭାବେ ନିର୍ବାଚିତ ସଭାପତି ମନୋଜ ମୁଦୁଲି, ସମ୍ପାଦକ ହିମାଂଶୁ କୁମାର ଦାସ ଓ କୋଷାଧକ୍ଷ ସୁନିଲ କୁମାର ନାଥ ଙ୍କୁ ପୁଷ୍ପମାଲ୍ୟ ଦେଇ ସମ୍ମାନିତ କରି ଶପଥ ପାଠ କରାଜାଇଥିଲା । ସଭାପତି ଓ ସମ୍ପାଦକ ନାମରେ ଜମା ଖାତା, ସାମ୍ବାଦିକ ଭବନ ନିର୍ମାଣ ପ୍ରକ୍ରିୟା ଓ ପ୍ରତ୍ୟେକ ଦୁଇ ମାସରେ ଥରେ ବୈଠକପାଇଁ ନିଷ୍ପତ୍ତି ନିଆଯାଇଛି । ଜିଲ୍ଲା କୋଷାଧକ୍ଷ ହେମନ୍ତ ରାଉତ,ବରିଷ୍ଠ ସାମ୍ବାଦିକ ଦୟାସାଗର ଧର ଙ୍କ ସମେତ ଅନ୍ୟ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

## ଆସିକା ଓକିଲ ସଙ୍ଘ ପକ୍ଷରୁ ଜେ ଏମ ଏଫ ସିଙ୍କୁ ବିଦାୟ କାଳୀନ ଓ ନୂତନ ବିଚାରପତିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ଆସିକା (ମହାଭାରତ): ଆସିକା ବାର ଆସୋସିଏସନ ପକ୍ଷରୁ ଜେ ଏମ ଏଫ ସି ଙ୍କୁ ବିଦାୟ କାଳୀନ ଓ ନୂତନ ବିଚାରପତି ଙ୍କୁ ସମ୍ବର୍ଦ୍ଧନା ସଭା ସଙ୍ଘ ସଭାପତି ସୁଧାଂଶୁ ଶେଖର ପଣ୍ଡା ଙ୍କୁ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ଏ ଡି ଜେ ପ୍ରବୀର କୁମାର ଚୌଧୁରୀ, ସବ ଜର୍ଜ ସୌଦାମିନୀ ବିଶ୍ୱାଳ, ମୁନ୍ସିଫ ଜଲୀ ଲିନା ନାୟକ, ଜେ ଏମ ଏଫ ସି (କଗ) ମୋନାଲି ବେହେରା, ଜେ ଏମ ଏଫ ସି ଟ୍ରାଇଲ ଏ. ଗୀତାଞ୍ଜଳି ନାଇଡୁ ସଙ୍ଘର ଉପସଭାପତି ପ୍ରଭାତ କୁମାର ପାଢ଼ୀ, ସମ୍ପାଦକ ବିଦେଶୀ ନାହାକ, ସହ ସମ୍ପାଦକ ରାଘବ କୁମାର ନାହାକ ପ୍ରମୁଖ ଉପସ୍ଥିତ ଥିଲେ। ଜେ ଏମ ଏଫ ସି (କଗ) ମୋନାଲି ବେହେରାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆଯାଇଥିଲା ବେଳେ ଜେ ଏମ ଏଫ ସି ଟ୍ରାଇଲ ଏ. ଗୀତାଞ୍ଜଳି ନାଇଡୁଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ଜେ ଏମ ଏଫ ସି (କଗ) ମୋନାଲି ବେହେରାଙ୍କ ୩ବର୍ଷ ରହଣି ମଧ୍ୟରେ ଆସିକା ଓକିଲ ମାନଙ୍କ ସହ ସୁ ସମ୍ପର୍କ ଏବଂ ସମସ୍ତ ମାମଲା ପରିଚାଳନା ର ବିଭିନ୍ନ ଅନୁଭୂତି ବହୁ ଆଇନଜୀବି ତାଙ୍କ ବିଦାୟ ବକ୍ତବ୍ୟ ରେ ପ୍ରଶଂସା କରିଥିଲେ। ଓକିଲ ସଙ୍ଘ ପକ୍ଷରୁ ଫୁଲତୋଡ଼ା ସହ ଉପଢୌକନ ସହ ବହୁ ଉପହାର ପ୍ରଦାନ କରାଯାଇଥିଲା।

## ଚିକିଲି ସ୍କୁଲରେ ଶିକ୍ଷକ ଦାବିରେ ତାଲା ପକାଇ ଗ୍ରାମବାସୀଙ୍କ ଆନ୍ଦୋଳନ

ଜୁନାଗଡ଼(ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିକିଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ପଦବୀ ପୂରଣ ଦାବିରେ ଆଜି ଗ୍ରାମବାସୀମାନେ ସ୍କୁଲ ମୁଖ୍ୟ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସ୍କୁଲରେ ଆଗରୁ ଆଠ ଜଣ ଶିକ୍ଷକ ଥିବା ବେଳେ, ବର୍ତ୍ତମାନ ଜଣେ ଭିନ୍ନକ୍ଷମ ଶିକ୍ଷକଙ୍କୁ ମିଶାଇ ଚାରିଜଣ ଶିକ୍ଷକ ଅଛନ୍ତି। ସମୁଦାୟ ୧୬୪ ଜଣ ଛାତ୍ରଛାତ୍ରୀ ସମ୍ପ୍ରତି ଅଧ୍ୟୟନ କରୁଛନ୍ତି। ଆଠଟି ଶ୍ରେଣୀ ପାଇଁ ଚାରିଜଣ ଶିକ୍ଷକକୁ ଶିକ୍ଷାଦାନ କରିବା ପାଇଁ ଅସୁବିଧା ହେଉଛି। ଅନେକ ସମୟରେ ଶିକ୍ଷକ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସରକାର ନିୟୋଜିତ କରୁଛନ୍ତି। ଏପରି ସ୍ଥଳେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ସଠିକ ଭାବରେ ହୋଇପାରୁନାହିଁ। ସେଥିପାଇଁ ଆଜି ଗ୍ରାମବାସୀ ମାନେ ସାମୁହିକ ନିଷ୍ପତି ନେଇ, ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟକୁ ତାଲା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି।



## ଲୋକେ ହେଉଛନ୍ତି କଲବଲ: ମାନପୁର ବ୍ରିଜ୍ ବିପଦସଙ୍କୁଳ



ଦାନଗଦି: (ମହାଭାରତ) କଳିଙ୍ଗନଗର ରେ ଦିନକୁ ଦିନ ଅଶାନ୍ତ ପରିବେଶ ସୃଷ୍ଟି ହେବାକୁ ଲାଗିଥିବାବେଳେ ମାନପୁର ବ୍ରିଜ ସାଜିଛି ଲୋକଙ୍କ ମରଣ ଯନ୍ତା , ପୋଲଟି ସମ୍ପୂର୍ଣ୍ଣ ଭାଙ୍ଗିତୁଟି ରାସ୍ତା ମଝିରେ ପିଚୁ ଉଠି ରାସ୍ତା ମଝିରେ ବଡ଼ବଡ଼ ଖାଲରେ ପରିପୂର୍ଣ୍ଣ,ରାସ୍ତା ଜାମ ହେବାଫଳରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ରାସ୍ତା ଅତିକ୍ରମ କରିବାକୁ ପଡୁଛି ଜନସାଧାରଣଙ୍କୁ, ପ୍ରତ୍ୟେକ ଦିନ ଏହି ପୋଲ ଦେଇ ହଜାର ହଜାର ସଂଖ୍ୟାର ଭାରିଜାନ ସାଙ୍ଗକୁ ଅନେକ ଯାତ୍ରୀ ଯାତାୟାତ କରୁଥିବାବେଳେ, ମାନପୁର ବ୍ରିଜର ଜାମ ରେ ଫସି ଲୋକେ ହେଉଛନ୍ତି କଲବଲ,କାହିଁ କେତେ ଦୁର୍ଘଟଣା ହେବା ସହ ଦୁର୍ଘଟଣା ଘଟି ଅନେକ ଜୀବନ ମଧ୍ୟ ଗଲାଣି , ସଭିଙ୍କ ନଜର ଏହି ମାନପୁର ଓଭର ବ୍ରିଜ ଉପରେ , ରାସ୍ତା ଅତିକ୍ରମ କରିବା ସଭିଙ୍କୁ କଷ୍ଟକର ହୋଇପଡ଼ିଥିବାବେଳେ ,ରାସ୍ତା ଜାମ ହେବା ଫଳରେ ଆମ୍ବୁଲାନ୍ସ ରେ ରୋଗିଟିଏ ମେଡିକାଲ କୁ ଯିବା କଷ୍ଟକର ହୋଇପଡୁଛି , ଏହାର ମରାମତି ହୋଇପାରୁନାହିଁ,ପ୍ରତ୍ୟେକଦିନ ହଜାର ହଜାର ସଂଖ୍ୟାର ଶ୍ରମିକ ମଧ୍ୟ ଏହି ପୋଲ ଦେଇ କାରଖାନାକୁ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିବା ସହ ରାସ୍ତା ଜାମ ହୋଇ ସଭିଙ୍କୁ ଦୁର୍ଭାଗ୍ୟ ରେ ପକାଉଛି ,ପ୍ରଶାସନ ଏହାର ବ୍ୟାପକ ବ୍ୟବସ୍ଥା କରି ମରାମତି କରି କାର୍ଯ୍ୟ ସମ୍ପନ୍ନ କଲେ ଅନେକ ଦୁର୍ଘଟଣା ସହ ଜାମ ରୁ ବର୍ତ୍ତି ସୁରକ୍ଷିତରେ ଯାତାୟାତ କରିପାରନ୍ତେ।

## ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଠାରେ ଜାତୀୟ ଆଇନ ଦିବସ ପାଳିତ

ଆସିକା (ମହାଭାରତ): ଆସିକା ସରକାରୀ ନିରଞ୍ଜନ ମହିଳା ମହାବିଦ୍ୟାଳୟ ଠାରେ ତାଲୁକ ଆଇନ ପ୍ରାଧିକରଣ ସେବା ପକ୍ଷରୁ ଜାତୀୟ ଆଇନ ଦିବସ ପାଳିତ ହୋଇଛ। ମହାବିଦ୍ୟାଳୟ ଅଧକ୍ଷ ଗଣେଶ୍ୱର ମାଝୀ ସଭାପତିତ୍ୱ ରେ ଅନୁଷ୍ଠିତ ଏହି ଦିବସରେ ଆସିକା କୋର୍ଟ ର ବରିଷ୍ଠ ବିଚାରପତି ସୌଦାମିନୀ ବିଶ୍ୱାଳ,କନିଷ୍ଠ ବିଚାରପତି ଜଲୀଲିନା ନାୟକ,ଜେ ଏମ ଏଫ ସି ଗୀତାଞ୍ଜଳି ନାଇଡୁ ପ୍ରମୁଖ ଉପସ୍ଥିତ ରହି ବାଲ୍ୟ ବିବାହ ଆଇନ, ମହିଳା ହିଂସା ଆଇନ, ଯୌତୁକ ନିରୋଧ ଆଇନ,ନାରୀ ମାନଙ୍କ ଆଇନ ଗତ ଆଇନ, ସମ୍ପତିଗତ ଆଇନ, କିଶୋର ନ୍ୟାୟ ଆଇନ, ଭଳି ଅନେକ ମହିଳା ମାନଙ୍କ ନ୍ୟାୟ ପାଇଁ ରହିଥିବା ଆଇନର ଦିଗ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଏହି ବୈଠକ ରେ ବରିଷ୍ଠ ଆଇନଜିବି କାଳୁ ଚରଣ ଜେନା, ଚନ୍ଦିନୀ ସେଠି, ଡ଼. ଉର୍ମିଳା ମୁଦୁଲି ପ୍ରମୁଖ ଉପସ୍ଥିତ ରହିଥିଲେ।

## ପ୍ରଶାସନ ଓ ବଜରଙ୍ଗ ଦଳ ମାନସ ସେବା ସଂଘ ପକ୍ଷରୁ ବୃଦ୍ଧା ମାଁଙ୍କ ଶବଦାହ

କର୍ଲାମୁଣ୍ଡା (ମହାଭାରତ )କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗେଡା ପ□ାୟତ ସ୍ଥିତ ଭୋଇପଡା ନିରିହ ମହିଳା ଯଶୋଦା ଭୋଇ(୭୫)ଙ୍କର ତାଙ୍କର କେହି ସମ୍ପର୍କିୟ ଲୋକ ନଥିବା ଖବର ଜାଣିଲା ପରେ କୋଣସି ଲୋକ ପାଖକୁ ଆସୁନ ଥିବା ବେଳେ ପ୍ରଶାସନ ଜାଣିଲା ପରେ ସ୍ଥାନୀୟ ତହସିଲଦାର ଅରୁଣ ର୍ଗେ, କର୍ଲାମୁଣ୍ଡା ଫାଣ୍ଡି ଅଧିକାରୀ ଥିର ବରିହା,ରେଗେଡା ପ□ାୟତ ପିଇଓ ବସନ୍ତ ମିଶ୍ର ଆସି ମୃତ ଯଶୋଦା ଭୋଇ ଙ୍କୁ ଦାହ କରିବା ପାଇଁ ସ୍ଥିର କରିଥିବା ବେଳେ ଶବ ଦାହ କରିବା ପାଇଁ ଆଗେଇ ଆସିଥିଲେ ବଜରଙ୍ଗ ଦଳ ମାନସ ସେବା ସଂଘ ଓ ସ୍ଥାନୀୟ ସମାଜସେବୀ କୈଳାସ ପରିଡା, ସରୋଜ ସାହୁ,ଅମର ସାହୁ, ଗୁରୁଦେବ ସାହୁ ପ୍ରମୁଖ ଶବକୁ ହି ନିକଟରେ ଥିବା ଉତେଇ ନଦୀ କୂଳରେ ଶବ ଦାହ କରିଥିଲେୟ ପ୍ରଶାସନ ଓ ବଜରଙ୍ଗ ଦଳ ମାନସ ସେବା ସଂଘ ଙ୍କୁ ମହତ କାମ କରିଥିବାରୁ ବିଭିନ୍ନ ମହଲରେ ପ୍ରଶଂସା ପାତ୍ର ହୋଇଛନ୍ତିୟ

## କରଞ୍ଜେଇ ଠାରେ ଗୋଅଷ୍ଟମୀ ରେ ଗୋପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ




ଆସିକା (ମହାଭାରତ): ଆସିକା କରଞ୍ଜେଇ ଠାରେ ଥିବା ଗୋଶାଳା ରେ କେଶବ ସଂସ୍ଥା ପକ୍ଷରୁ ଗୋ ପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ରେ ଆସିକା ର ବିଧାୟକ ସରୋଜ କୁମାର ପାଢ଼ୀ, ଯୁବ ନେତା ସମ୍ବିତ ପାଢ଼ୀ,ଡ଼. ପ୍ରଦୀପ ପାତ୍ର,ଯୋଗ ଦେଇଥିଲେ ।ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ କା□କ ମାସ ଗୋଷାଷ୍ଟମୀ ଅସର ରେ ପ୍ରାତଃ ସମୟ ରୁ ଗୋ ପୂଜନ, ଦେ ଗ । ମାତାକୁସ୍ନାନ,ବସନ,ଚନ୍ଦନ, ସିନ୍ଦୁର, ବନ୍ଦାପନା, ଗୋ ମାତାକୁ ସେବା କଟାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ଅନେକ ସାଧୁ ସ୍ୟ ସମାଜ ସେବୀ, ଗୋ ପ୍ରେମୀ, ଗୋ ସୁରକ୍ଷା ସ୍ୱେଚ୍ଛାସେବୀ,ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ବଜରଙ୍ଗ ଦଳ ଭେଙ୍କଟରମଣ ପାତ୍ର, ରବୀନ୍ଦ୍ର ଆଚାରୀ,ଯୋଗ ଦେଇଥିଲେ। ଗୋ ସୁରକ୍ଷା, ଗୋ ମାତା ସେବା, ଗୋବର, ଗୋମୂତ୍ର ର ମହତ୍ତ୍ୱ କୁ ବକ୍ତା ମାନେ ଗରୁ ବ ଦେଇଥିଲେ।

## ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଉଦଘାଟିତ

ଗଜପତି(ମହାଭାରତ): ଗଜପତି ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ସ୍ଥାନୀୟ ଗଜପତି ଷ୍ଟାଡିୟମ୍ ଠାରେ ଉଦଘାଟିତ ହୋଇଯାଇଛି। ଆଜିର ଏହି ଉଦଘାଟନ ସମାରୋହରେ ଶ୍ରୀଯୁକ୍ତ ଗୋକୁଳାନନ୍ଦ ମଲ୍ଲିକ,ମାନ୍ୟବର ମନ୍ତ୍ରୀ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ଓଡ଼ିଶା ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଡ଼. ପ୍ରଦୀପ କୁମାର ପାଣିଗ୍ରାହୀ, ମାନ୍ୟବର ସାଂସଦ ବ୍ରହ୍ମପୁର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଶ୍ରୀଯୁକ୍ତ ଦାଶରଥି ଗମାଙ୍ଗ, ମାନ୍ୟବର ବିଧାୟକ ମୋହନା, ଶ୍ରୀଯୁକ୍ତ ରୁପେଶ କୁମାର ପାଣିଗ୍ରାହୀ, ମାନ୍ୟବର ବିଧାୟକ ପାରଳାଖେମୁଣ୍ଡି ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସଭାପତିତ୍ୱ ଭାବରେ ଶ୍ରୀଯୁକ୍ତ ବିଜୟ କୁମାର ଦାଶ, ଜିଲ୍ଲାପାଳ ଗଜପତି ଯୋଗ ଦେଇଥିବା ବେଳେ। ଡ଼ାକ୍ତର ତୁଷାର ରଞ୍ଜନ ସାହୁ, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଗଜପତି ଓ ଶ୍ରୀମତୀ ଲିସା ବେହେରା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଗଜପତି ପ୍ରମୁଖ ଯୋଗଦାନ କରି ଜିଲ୍ଲା ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା - ୨୦୨୪ କୁ ଶୁଭ ଉଦଘାଟନ କରିଥିଲେ। ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାକୁ ଉଦ୍ଘାଟନ କରି ବିଭିନ୍ନ ବିଭାଗର ଷ୍ଟଲ୍ ବୁଲି ଦେଖିବା ସହ ଚାଷୀମାନଙ୍କ ସହିତ କଥା ହୋଇଥିଲେ। ଜିଲ୍ଲାର ୭ଜଣ ମତ୍ସ୍ୟ ଚାଷୀ ଭାଇ ଭଉଣୀ ମାନଙ୍କୁ ମାଛ ଧରା ଜାଲ, ବାସ୍କେଟ ସହିତ ପ୍ରଧାନ ମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନା ରୁ ରାୟଗଡ଼ ବ୍ଲକ୍ ର ଶ୍ରୀ ପାଉଲ୍ ଶବର ଙ୍କୁ ଏକ ତିନି ଚକିଆ ଯାନ ଓ ବରଫ ବାକ୍ସ ଓ ବିଦ୍ୟାଧର ଭୂୟାଁ ଙ୍କୁ ମଟର ସାଇକେଲ ସହ ବରଫ ବାକ୍ସ ପ୍ରଦାନ କରାଯାଇଛି। ଏହି ଅବସରରେ ମାନ୍ୟବର ମନ୍ତ୍ରୀ କହିଥିଲେ ଯେ ଏହି ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା ଓଡ଼ିଶାର ଗଜପତି ଜିଲ୍ଲାରୁ ଆରମ୍ଭ କରାଯାଉଛି ଯାହା ସତନ୍ତ୍ର ଓଡ଼ିଆ ପ୍ରଦେଶ ଗଠନ କରିବା ପାଇଁ ଗଜପତି ମହାରାଜାର ମୁଖ୍ୟ ଭୂମିକା ରହିଥିବାରୁ ଏହି ଜିଲ୍ଲାରୁ ମେଳା ଆରମ୍ଭ କରାଯାଇଛି। ଜିଲ୍ଲାର ମତ୍ସ୍ୟ ଓ ପ୍ରାଣୀ ପାଳକ ଚାଷୀଙ୍କ ନିଜର ଜୀବିକା ନିର୍ବାହ କରିବା ପାଇଁ ଏହି ବିଭାଗ ଲୋକମାନଙ୍କ ପାଇଁ କାର୍ଯ୍ୟ କରୁଅଛି। ଜିଲ୍ଲାକୁ ବିକାଶ କରିବା ପାଇଁ ସ୍ଥାନୀୟ ଜନପ୍ରତିନିଧି ,ଜିଲ୍ଲା ପ୍ରଶାସନ ,ଜନସାଧାରଣ ଓ ଗଣମାଧ୍ୟମ ପ୍ରତିନିଧି ସମସ୍ତେ ଏକ ହୋଇ କାର୍ଯ୍ୟ କଲେ ଜିଲ୍ଲା ତଥା ରାଜ୍ୟର ବିକଶିତ ହୋଇପାରିବ। ସେହିପରି ଗଜପତି ଜିଲ୍ଲାର ସମସ୍ତ ଯୋଗ୍ୟ ହିତାଧିକାରୀ ମାନଙ୍କ ଆବେଦନ ପତ୍ର ଗ୍ରହଣ କରାଯିବା ସହିତ ସରକାରଙ୍କ ତରଫରୁ ପାଉଥିବା ଯୋଜନାରେ ସାମିଲ କରାଯିବାକୁ କହିଥିଲେ। ଚାଷୀମାନଙ୍କର ଅର୍ଥନୀତିକ ବିକାଶ ପାଇଁ କୁକୁଡ଼ା,ମତ୍ସ୍ୟ,ଘୁଷୁରୀ ଓ ଗୋ ପାଳନ ବୋଲି ବିଭାଗ ଦ୍ୱାରା କାର୍ଯ୍ୟକାରୀ କରାଯାଇଥିବା ଯୋଜନାରେ ବ୍ୟାଙ୍କ ତଥା ବିଭାଗ ପକ୍ଷରୁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯିବ ଏଣୁ ସମସ୍ତେ ଚାଷୀ ଭାଇ ଭଉଣୀ ମାନେ ଏକାଗ୍ରତା ହୋଇ କାର୍ଯ୍ୟ କରିବା ପାଇଁ ଅନୁରୋଧକରିଥିଲେ। ଗଜପତି ଜିଲ୍ଲାକୁ ପା□ ବର୍ଷ ପାଇଁ ପଷ୍ୟ ଜିଲ୍ଲା ବାଭରେ ମାନ୍ୟବର ମନ୍ତ୍ରୀ ଗ୍ରହଣ କରିଛନ୍ତି, ଯାହା ନିଜ ବିଭାଗ ଓ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ସହାୟତା ପ୍ରଦାନ କରିବା ପାଇଁ ଘୋଷଣା କରିଛନ୍ତି।

## ମା ଭୁବାସିନୀ ଘରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଗ୍ରାମୀଣ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା



ବାଲିପାଟଣା:(ମହାଭାରତ)ରାଜ୍ୟ ସରକାର ଓ କେନ୍ଦ୍ର ସରକାର ପ୍ରଧାନମନ୍ତ୍ରୀ ସୋଲାର ଲାଇଟ୍ ଯୋଜନା ହେଉ କି ସାଂସଦ ,ବିଧାୟକଙ୍କ ଅନୁଦାନ ପାଣ୍ଠିରେ କୋଟି କୋଟି ଟଙ୍କା ବ୍ୟୟ ବରାଦ କରି ପ୍ରତି ବ୍ଲକର ପ୍ରତ୍ୟେକ ଗ୍ରାମରେ ବିଭିନ୍ନ ଉନ୍ନତି ମୂଳକ କାମ କରୁଛନ୍ତି ବୋଲି ଡିଣ୍ଡିମ ପିଟୁଛନ୍ତି। କିନ୍ତୁ ଖୋଦ୍ ରାଜଧାନୀ ଉପକଣ୍ଠ ବାଲିପାଟଣା ବ୍ଲକ ପମ୍ପାଲ ଗ୍ରାମ ପଞ୍ଚାୟତ ୧୪ ନମ୍ବର୍ ୱାର୍ଡ କୁଳନ୍ତିରା ବାଗିଲ କିନ୍ତୁ ଏହି ସବୁ ଯୋଜନାରୁ ବାଦ୍ ପଡ଼ିଛି। ପ୍ରତ୍ୟେକ ଦିନ ସନ୍ଧ୍ୟା ସମୟରେ ଛୋଟ ଛୋଟ ପିଲାମାନେ କୋଚିଙ୍ଗସାରି ଫେରିଲା ବେଳକୁ ନିସାଡ଼ିଙ୍କ ଉପଦ୍ରବ,,ବିଭିନ୍ନ ଅସାମାଜିକ ଯୁବକଙ୍କ ଭୟ ଓ ସରୀସୃପ ଙ୍କ ଭୟ ବିଭିନ୍ନ ସମୟରେ ଲାଗି ରହୁଥିଲା । କିଛି ବର୍ଷତଳେ ପ୍ରାୟ ୧୨ଲକ୍ଷ୍ୟ ଟଙ୍କା ଅଟକଳ ପରିମାଣରେ ପମ୍ପାଲ ପଞ୍ଚାୟତରେ ସୋଲାର ଲାଇଟ୍ ଲାଗିଥିଲା କିନ୍ତୁ ସେସବୁ ରାଜନୈତିକ ଆକ୍ରୋଶ ରଖି ବଡ଼ ବଡିଆ ବାବୁ ମାନଙ୍କ ଦୁଆରେ ଲାଗିଥିଲା। ବାରମ୍ବାର ଅଭିଯୋଗ କରିବା ପରେ ବି ଏହି ଗ୍ରାମରେ ଗୋଟିଏ ବି ଲାଇଟ୍ ଲାଗି ପାରି ନଥିଲା। ଶେଷରେ ମା ଭୁ ବାସିନୀ ଘରି ଟେବୁଲ୍ ଟ୍ରଷ୍ଟ ପକ୍ଷରୁ ଟ୍ରଷ୍ଟ ର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କ ନିର୍ଦ୍ଦେଶ ରେ ଗ୍ରାମରେ ୫ ଟି ଷ୍ଟ୍ରିଟ୍ ଲାଇଟ୍ ଲାଗିଚି। ଯାହାଦ୍ୱାରା ଗ୍ରାମର ବୁଦ୍ଧିଜୀବୀ ମହଲରେ ଏକ ପ୍ରକାର ଖୁସିର ମାହଲ ହେବା ସହିତ ଅନ୍ୟ ଯୁବକ ବା ଗ୍ରାମବାସୀ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଟ୍ରଷ୍ଟର ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କ ସହିତ ପ୍ରଦୀପ ଭୋଳ,ଶଙ୍କର ଭୋଳ,ସୁଶାନ୍ତ ଭୋଳ,ବିଶ୍ୱଜିତ ଭୋଳ,ଜୀବନ ଜ୍ୟୋତି ପଣ୍ଡା,ଓ ମା ଭୁ ବାସିନୀ ଘରି ଟେବୁଲ୍ ଟ୍ରଷ୍ଟ ର ସମସ୍ତ ସଦସ୍ୟ ମାନେ ଉପସ୍ଥିତ ରହି ସହଯୋଗ କରିବା ସହିତ ଏହାର ସମସ୍ତ ଶ୍ରେୟ ଅଧକ୍ଷ ପ୍ରୀୟଞ୍ଜନ ସ୍ୱାଇଁ ଙ୍କୁ ଦେଇଥିଲେ।

## ବିଜେଡ଼ି ଛାଡି ବିଜେପିରେ ସାମିଲ୍ ହେଲେ ଶତାଧିକ ବିଜେଡ଼ି କର୍ମୀ

ଦାନଗଦି: (ମହାଭାରତ)ସୁକିନ୍ଦା ନିର୍ବାଚନ ମଣ୍ଡଳୀ ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତ ଟୁଙ୍ଗେଇଶୁଣିରେ ମନ୍ତ୍ରୀ । ପ୍ରଦୀପ ବଳସାମନ୍ତଙ୍କ ଉପସ୍ଥିତରେ ଶୁକ୍ରବାର ଦିବା ୧ ଘଟିକା ସମୟରେ ବିଜେପି ଦଳ ପକ୍ଷରୁ ଏକ ମହାମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ସାରୁଆବିଲ ଓ କମର୍ଦ୍ଦାର ୧୨୦ ଜଣ ଖଣି କର୍ମଚାରୀ ଓ ଶ୍ରମିକଙ୍କ ସହିତ ୩୦୦ ରୁ ଉର୍ଦ୍ଧ ଅଞ୍ଚଳ ବାସି ଏହି ମହାମିଶ୍ରଣ ପର୍ବରେ ସାମିଲ ହୋଇ ମନ୍ତ୍ରୀଙ୍କ ହାତରୁ ବିଜେପି ଦଳୀୟ ଉତ୍ତରି ଓ ଟୋପି ଗ୍ରହଣ କରିଥିଲେ। ବଜେଡି ଦଳ ଛାଡି ବିଜେପି ଦଳର କର୍ମୀ ହୋଇ ନିଜକୁ ଖୁସି ମନେକରିବାସହ ମନ୍ତ୍ରୀ ଓ ମୋହନ ସରକାଙ୍କୁ କୃତଜ୍ଞତା ଜଣାଇଥିଲେ।


## ଚିକିଲି ସ୍କୁଲରେ ଶିକ୍ଷକ ଦାବିରେ ତାଲା ପକାଇ ଗ୍ରାମବାସୀଙ୍କ ଆନ୍ଦୋଳନ

ଜୁନାଗଡ଼(ମହାଭାରତ):କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଚିକିଲି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆବଶ୍ୟକୀୟ ଶିକ୍ଷକ ପଦବୀ ପୂରଣ ଦାବିରେ ଆଜି ଗ୍ରାମବାସୀମାନେ ସ୍କୁଲ ମୁଖ୍ୟ ଗେଟରେ ତାଲା ପକାଇ ଆନ୍ଦୋଳନ କରିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ସ୍କୁଲରେ ଆଗରୁ ଆଠ ଜଣ ଶିକ୍ଷକ ଥିବା ବେଳେ, ବ□ମାନ ଜଣେ ଭିନ୍ନକ୍ଷମ ଶିକ୍ଷକଙ୍କୁ ମିଶାଇ ଚାରିଜଣ ଶିକ୍ଷକ ଅଛନ୍ତି। ସମୁଦାୟ ୧୬୪ ଜଣ ଛାତ୍ରଛାତ୍ରୀ ସମ୍ପ୍ରତି ଅଧ୍ୟୟନ କରୁଛନ୍ତି। ଆଠଟି ଶ୍ରେଣୀ ପାଇଁ ଚାରିଜଣ ଶିକ୍ଷକକୁ ଶିକ୍ଷାଦାନ କରିବା ପାଇଁ ଅସୁବିଧା ହେଉଛି ।ଅନେକ ସମୟରେ ଶିକ୍ଷକ ମାନଙ୍କୁ ବିଭିନ୍ନ କାର୍ଯ୍ୟକ୍ରମରେ ସରକାର ନିୟୋଜିତ କରୁଛନ୍ତି ।ଏପରି ସ୍ଥଳେ ଆବଶ୍ୟକୀୟ ଶିକ୍ଷକ ନ ଥିବାରୁ ଶିକ୍ଷାଦାନ ସଠିକ ଭାବରେ ହୋଇପାରୁନାହିଁ। ସେଥିପାଇଁ ଆଜି ଗ୍ରାମବାସୀ ମାନେ ସାମୁହିକ ନିଷ୍ପତି ନେଇ, ଆବଶ୍ୟକୀୟ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟକୁ ତାଲା ପକାଇ ଆନ୍ଦୋଳନ ଜାରି ରଖିଛନ୍ତି। ପ୍ରଶାସନ ଏ ଦିଗରେ ତୁରନ୍ତ ବିହିତ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି।


## ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶ୍ରେଣୀଗୃହ ଉଦଘାଟିତ

### ଉପକୃତ ହେବେ ଆଖପାଖ ଗାଁର ୧୯୦ ଜଣ ଛାତ୍ରଛାତ୍ରୀ

ଦାନଗଦୀ, (ମହାଭାରତ): ଯାଜପୁର ଜିଲ୍ଲା ଦାନଗଦୀ ସ୍ଥିତ ଓଲଳ ଗ୍ରାମରେ ଶିକ୍ଷାକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଓଲଳ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍ ଦ୍ୱାରା ନିର୍ମିତ ନୂତନ ଶ୍ରେଣୀଗୃହ କୁ (ଏନ୍ଆଇଏନ୍ଏଲ୍)ର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର କୁମାର ମେହେଟ୍ଟା ଉଦଘାଟନ କରିଛନ୍ତି। ଏହି ଅବସରରେ ଓଲଳ ଗ୍ରାମ ପଞ୍ଚାୟତର ସରପ□ ଲକ୍ଷ୍ମୀପ୍ରିୟା ଜେନା, ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସ୍ଥାନୀୟ କମ୍ୟୁନିଟି ସଦସ୍ୟ ଏବଂ ବିଦ୍ୟାଳୟ ପରିଚାଳନା ସମିତି (ଏସ୍ଏମ୍ସି) ସଦସ୍ୟମାନେ ସାମିଲ ହୋଇଥିଲେୟ ଏହି ଅବସରରେ ଏନଆଇଏନଏଲ କର୍ମଚାରୀମାନେ ସ୍ୱେଚ୍ଛାକୃତ ଭାବେ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ପାଇଁ, ଫୁଟ ବଲ, ଫ୍ଲାଇଂଡିଶ, ଦଉଡି ଡିଆଁ ଏବଂ ବ୍ୟାଟ ଭଳି ବିଭିନ୍ନ କ୍ରିଡା ଉପକରଣ ଆଦି ପ୍ରଦାନ କରିଥିଲେ। ୧୬୦୦ ବର୍ଗଫୁଟ ପରିମିତ ଅଞ୍ଚଳରେ ନିର୍ମିତ ଏହି ଶ୍ରେଣୀଗୃହ ପ୍ଲାଣ୍ଟର ଆଖପାଖ ଗ୍ରାମାଞ୍ଚଳ ଓ ଆଦିବାସୀ ସମ୍ପ୍ରଦାୟର ପିଲାଙ୍କ ପାଇଁ ସକାରାତ୍ମକ ଶୈକ୍ଷିକ ବାତାବରଣ ସୃଷ୍ଟି କରିବ । ଏନ୍ଆଇଏନ୍ଏଲ୍ ସହଯୋଗରେ ଏହା ହୋଇପାରିଛି। ଏହା ଆଖପାଖ ଗାଁର ପ୍ରାୟ ୧୯୦ ଜଣ ଛାତ୍ରଛାତ୍ରୀଙ୍କୁ ଉନ୍ନତ ଶୈକ୍ଷିକ ବାତାବରଣ ପ୍ରଦାନ କରିବ। ଉଦଘାଟନୀ ଉତ୍ସବରେ ସୁଧୀର କୁମାର ମେହେଟ୍ଟା କହିଛନ୍ତି, କଳିଙ୍ଗନଗର ବାସୀଙ୍କ ପାଇଁ ତୃଣମୂଳ ସ୍ତରରେ ଶିକ୍ଷାର ସଶକ୍ତୀକରଣ ପାଇଁ ଆମର ମିଳିତ ପ୍ରତିବଦ୍ଧତାର ଅଂଶ ସ୍ୱରୂପ ଏହି ନୂତନ ଶ୍ରେଣୀଗୃହ ନିର୍ମାଣ କରାଯାଇଛ। ଏହା ଏକ ସୁରକ୍ଷିତ ଏବଂ ଶୈକ୍ଷିକ ବାତାବରଣ ପ୍ରଦାନ କରି, ସ୍ଥାନୀୟ ଅଞ୍ଚଳରେ ଶିକ୍ଷାର ଭିତ୍ତିଭୂମିକୁ ସୁଦୃ କରିବ, ପ୍ରତ୍ୟେକ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରିବ। ଏହି ନୂତନ ଶ୍ରେଣୀଗୃହ ଛାତ୍ରଛାତ୍ରୀମାନଙ୍କ ଦୀର୍ଘକାଳୀନ ଅଭିବୃଦ୍ଧିରେ ସହାୟକ ହେବ। ପିଲାମାନଙ୍କୁ ସେମାନଙ୍କ ଜୀବନର ଲକ୍ଷ ସ୍ଥଳରେ ପହଞ୍ଚାଇବ ପାଇଁ ପଥପ୍ରଦର୍ଶନ କରିବୟ ଏନଆଇଏନଏଲର ଏହି ପଦକ୍ଷେପ କଳିଙ୍ଗନଗର ଅଞ୍ଚଳରେ ତୃଣମୂଳ ସ୍ତରର ଶିକ୍ଷାର ବୃଦ୍ଧି ଏବଂ କମ୍ୟୁନିଟି ବିକାଶରେ ସହାୟକ ହେବା ସହ ନିରନ୍ତର ଗୁଣାତ୍ମକ ଶିକ୍ଷା ଉପଲବ୍ଧ କରାଇ ଭବିଷ୍ୟତ ପିଢ଼ିକୁ ସଶକ୍ତ କରିବା ଦିଗରେ ଏନ୍ଆଇଏନଏଲର ପ୍ରତିବଦ୍ଧତାକୁ ଦର୍ଶାଉଛ।

## କଳାହାଣ୍ଡି ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଅନୁଷ୍ଠିତ

ନବରଙ୍ଗପୁର, ( ମହାଭାରତ ) ଆଜି ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଜିଲ୍ଲା କୋର୍ଟ ପରିସରରେ ଆଇନଜୀବି ଓ ପାରା ଲିଗାଲ ସଦସ୍ୟ ମାନଙ୍କୁ ନେଇ ଜାତୀୟ ଆଇନ ସେବା ଦିବସ, ୨୦୨୪ ପାଳନ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ହୋଇଥିଲା। ଚଳିତ ବର୍ଷ ଏହି ଦିବସ ପାଳନରେ ପ୍ରସଙ୍ଗ ହେଉଛି ସମସ୍ତଙ୍କ ପାଇଁ ନ୍ୟାୟ ଆଇନ ସଚେତନତା ମାଧ୍ୟମରେ ନିକ୍ଷେପିତ ଶ୍ରେଣୀର ସଶକ୍ତି କରଣ। ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ଅଧକ୍ଷ ତଥା ସମ୍ମାନୀୟ ଜିଲ୍ଲା ଦୌରାଜର୍ଜ ଶ୍ରୀଯୁକ୍ତ ସୁବ୍ରତ ମହାନ୍ତିଙ୍କ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଦେଶରେ ଯେ କୌଣସି ନାଗରିକ ଯେ କୌଣସି ପୃଷ୍ଠଭୂମିରୁ ଆସିଥାନ୍ତୁ ନା କାହିଁକି, ତାଙ୍କର ପରିଚୟ ଯାହା ହେଉ ନା କାହିଁକି, ପ୍ରତେକଙ୍କୁ ମାଗଣା ଆଇନ ସେବା ସହାୟତା ମିଳିପାରିବ ବୋଲି ସମସ୍ତଙ୍କୁ କହିଥିଲେ ଓ ଏହି ଦିବସର ମହ ବିଷୟରେ ଓ ବିଭିନ୍ନ ଆଇନ ବିଷୟରେ ସଚେତନ କରିଥିଲେ। ଅନ୍ୟାନ୍ୟ ଅତିଥି ଭାବେ ପରିବାର ବିଚାରବିଭାଗୀୟ ଜର୍ଜ ଶ୍ରୀମତୀ ଲିଲିପ୍ସା ପସାୟତ, ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ଅତିରିକ୍ତ ଜିଲ୍ଲା ଜର୍ଜ (ପୋକସୋ) ବସୁଦେବ ଆଚାର୍ଯ୍ୟ, ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରି ଶ୍ରୀମତୀ ସୀମା ତ୍ରିପାଠୀ, ରେଜିଷ୍ଟ୍ରାର ଜିଲ୍ଲାକୋର୍ଟ ସୁକାନ୍ତ କିଶୋର ଜେନା, ବରିଷ୍ଟ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ, ବରିଷ୍ଟ ଦେବାନୀ ଜର୍ଜ, ନବରଙ୍ଗପୁର (ମହିଳା କୋର୍ଟ) ସୁଦୀପା ପାତ୍ର ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସୁକାନ୍ତ କିଶୋର ଜେନା ଓ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଶ୍ରୀମତୀ ପ୍ରଜ୍ଞା ପଣ୍ଡା ଆଇନଜୀବି ସଂଘର ସଭାପତି ଶ୍ରୀଯୁକ୍ତ ନରସିଂହନାଥ ତ୍ରିପାଠୀ, ଜିଲ୍ଲା ଆଇନଜୀବି ସଂଘ ର ସମ୍ପାଦକ ଶ୍ରୀଯୁକ୍ତ ତପନ ସିଂହ ଓ ବହୁ ଆଇନଜୀବି ଯୋଗ ଦେଇଥିଲେ ଓ ରାଷ୍ଟ୍ରୀୟ ଆଇନ ସେବା ଦିବସ, ୨୦୨୪ ବିଷୟରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ଶ୍ରୀଯୁକ୍ତ ସୁକାନ୍ତ କିଶୋର ଜେନା ଦ୍ୱାରା ପରିଚାଳନା କରାଯାଇଥିଲା ।

# ନଡ଼ା ଜାଳିଲେ ଦେବାକୁ ହେବ ଡ଼ବଲ ଜରିମାନା



**ନୂଆଦିଲ୍ଲୀ,୯।୧୧ :** ଦେଶର ରାଜଧାନୀ ଦିଲ୍ଲୀରେ ଦିନକୁ ଦିନ ବି ଚ୍ଛଲିଛି ପ୍ରଦୂଷଣ ମାତ୍ରା । ଆଉ ଏହି ପ୍ରଦୂଷଣ ପାଇଁ ମୁଖ୍ୟ ଭାବେ ପଡୋଶୀ ରାଜ୍ୟରେ ନଡ଼ା ଜାଳିବାକୁ ଦାୟୀ କରାଯାଉଛି । ତେବେ ଏହି ନଡ଼ା ଜାଳିବାକୁ ନେଇ ସୁପ୍ରିମକୋର୍ଟଙ୍କ ତାଗିଦ ପରେ କେନ୍ଦ୍ର ସରକାର କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି । ଏଥର ନଡ଼ା ଜାଳିଲେ ଆଉ ତ୍ରାହି ନାହିଁ । ଦେବାକୁ ପଡିବ ଡବଲ ପେନାଲ୍ଟିୟ ଜରିମାନା ଡବଲ କରିଛନ୍ତି କେନ୍ଦ୍ର ସରକାର । କେନ୍ଦ୍ର ସରକାର ନଡ଼ା ଜାଳିବା ଉପରେ ଜରିମାନା ବୃଦ୍ଧି କରିଛନ୍ତି । ବର୍ତ୍ତମାନ ୫ ଏକରରୁ ଅଧିକ ଜମି ଥିବା କୃଷକଙ୍କୁ ୩୦ ହଜାର ଟଙ୍କା ଜରିମାନା ଦେବାକୁ ପଡିବ । ସେହିପରି ୨ ଏକରରୁ କମ୍ ଜମି ଥିବା କୃଷକଙ୍କୁ ଜରିମାନା ୫ ହଜାର ଟଙ୍କା ଏବଂ ୨ ରୁ ୫ ଏକର ମଧ୍ୟରେ ଜମି ପାଇଁ ୧୦ ହଜାର ଟଙ୍କା ଜରିମାନା ଦେବାକୁ ହେବ । କହିରଖୁ ଯେ ଗତ ମାସରେ ସୁପ୍ରିମକୋର୍ଟ ନଡ଼ା ଜାଳିବାକୁ ନେଇ ରାଜ୍ୟ ସରକାରଙ୍କୁ ତାଗିଦ କରିଥିଲେ । ଏହା ପରେ ହିଁ କେନ୍ଦ୍ର ସରକାର ଯେଉଁମାନେ ନଡ଼ା ଜାଳୁଛନ୍ତି ସେମାନଙ୍କ ଉପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରି ଜରିମାନା ପରିମାଣ ଦ୍ୱିଗୁଣିତ କରିଛନ୍ତି । ଜାତୀୟ ରାଜଧାନୀ ତଥା ଏହାର ଆଖପାଖ ଅଞ୍ଚଳରେ ବାୟୁ ଗୁଣବତ୍ତା ପରିଚ୍ଛଳନା ଆୟୋଗ ୨୦୨୧ଅନୁଯାୟୀ ଏହି ନିୟମଗୁଡ଼ିକରେ ସଂଶୋଧନ କରାଯାଇଛି । ପ୍ରଦୂଷଣକୁ ନେଇ ଦିଲ୍ଲୀ-ଏନସିଆର ଭଳି ସହରରେ ରହୁଥିବା ଲୋକଙ୍କ ଚିନ୍ତା ଦିନକୁ ଦିନ ବିବାରେ ଲାଗିଛି । ଲୋକଙ୍କ ବ୍ୟକ୍ତିଗତ ଯାନବାହାନରୁ ଧୂଆଁ ବାହାରିବା ବ୍ୟତୀତ ହରିୟାଣା ଏବଂ ପଞ୍ଜାବର ଚ୍ଛଷୀଙ୍କ ଦ୍ୱାରା ଜଳାଯାଉଥିବା ନଡ଼ାରୁ ବାହାରୁଥିବା ଧୂଆଁ ପ୍ରଦୂଷଣକୁ ଆହୁରି ଖରାପ କରିଛି । ଏଠାକାର ଲୋକଙ୍କ ସ୍ୱାସ୍ଥ୍ୟ ଉପରେ କ୍ଷତିକାରକ ପ୍ରଭାବ ପଡିବା ସହ ସେମାନଙ୍କ ଜୀବନକୁ କଷ୍ଟସାଧ ମଧ କରୁଛି । ବାୟୁର ଗୁଣବତ୍ତା ୪୦୦ ପର୍ କରିଥିବା ରେକର୍ଡ ହୋଇଛି ।

# 'ଅଧାରୁ ପରିବର୍ତ୍ତନ ହେବନି ସରକାରୀ ନିୟମ'

**ନୂଆଦିଲ୍ଲୀ,୯।୧୧ :** ଗୁରୁବାର ଦିନ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ଗୁରୁବାର ସୁପ୍ରିମକୋର୍ଟ କହିଛନ୍ତି ଯେ ସରକାରୀ ଚ୍ଛକିରିରେ ନିଯୁକ୍ତିର ନିୟମ ସେପର୍ଯ୍ୟନ୍ତ ମଝିରେ ପରିବର୍ତ୍ତନ କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ଏହାକୁ ନିର୍ଦ୍ଧାରିତ କରାଯାଇନଥିବ । ଭାରତର ପ୍ରଧାନ ବିଚ୍ଛରପତି ଡି.ୱାଇ ଚନ୍ଦ୍ରଚୁଡ଼ଙ୍କ ନେତୃତ୍ୱାଧିନ ଏକ ପାଞ୍ଚଜଣିଆ ଖଣ୍ଡପୀଠ କହିଛନ୍ତି ଯେ ନିଯୁକ୍ତି ପ୍ରକ୍ରିୟା ବିଜ୍ଞାପନ ପ୍ରସଙ୍ଗରୁ ଆରମ୍ଭ ହୋଇ ଖାଲିଥିବା ପଦବୀ ପୂରଣ ହେବା ପରେ ହିଁ ଶେଷ ହୁଏ । ଖଣ୍ଡପୀଠ କହିଛନ୍ତି, 'ନିଯୁକ୍ତି ପ୍ରକ୍ରିୟା ଆରମ୍ଭରେ ସୂଚିତ ତାଲିକାରେ ଲିଖିତ ଯୋଗ୍ୟତା ମାନଦଣ୍ଡ ନିଯୁକ୍ତି ପ୍ରକ୍ରିୟା ମଝିରେ ସେ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯାଇପାରିବ ନାହିଁ, ଯେପର୍ଯ୍ୟନ୍ତ ବର୍ତ୍ତମାନର ନିୟମ ଏହାକୁ ଅନୁମତି ନ ଦେଇଛି କିମ୍ବା ବିଜ୍ଞାପନ ନିୟମ ବିରୁଦ୍ଧ ଥିବ ।' ଏହି ଖଣ୍ଡପୀଠରେ ଜଷ୍ଟିସ ହ୍ରିକେଶ ରୟ, ଜଷ୍ଟିସ ପି.ଏସ ନରସିମ୍ହା, ଜଷ୍ଟିସ ପଙ୍କଜ ମିତଲ ଏବଂ ଜଷ୍ଟିସ ମନୋଜ



ମିଶ୍ର ମଧ୍ୟ ସାମିଲ ହୋଇଥିଲେ । ସେମାନେ ସର୍ବସମ୍ମତିକ୍ରମେ କହିଛନ୍ତି ଯେ ଯଦି ବିଜ୍ଞାପନ ଅନୁଯାୟୀ ବିଦ୍ୟମାନ ନିୟମ କିମ୍ବା ମାନଦଣ୍ଡରେ ପରିବର୍ତ୍ତନ ଅନୁମତି ଦିଆଯାଏ, ତେବେ ଏଗୁଡିକ ସମ୍ବିଧାନର ଧାରା ୧୪ ଅନୁଯାୟୀ ହେବା ଉଚିତ, ମନମୁଖୀ ନୁହେଁ ।ଖଣ୍ଡପୀଠ କହିଛନ୍ତି ଯେ ବିଧିଗତ କ୍ଷମତା ଥିବା ପ୍ରଚଳିତ ନିୟମାବଳୀ ଉଭୟ ପ୍ରକ୍ରିୟା ଏବଂ ଯୋଗ୍ୟତା ଦୃଷ୍ଟିରୁ ନିଯୁକ୍ତି ସଂସ୍ଥା ଉପରେ ବାଧତାମୂଳକ ଅଟେ । ଖଣ୍ଡପୀଠ କହିଛନ୍ତି, ଚୟନ ତାଲିକାରେ ସ୍ଥାନ ମିଳିଗଲେ, ଏହା ନିଯୁକ୍ତି ପାଇଁ କୌଣସି ଅପରିହାର୍ଯ୍ୟ ଅଧିକାର ପ୍ରଦାନ କରେ ନାହିଁ। ପ୍ରକୃତ କାରଣ ପାଇଁ ଖାଲିଥିବା ପଦ ପୂରଣ ନକରିବାକୁ ରାଜ୍ୟ କିମ୍ବା ଏହାର ଏଜେନ୍ସିମାନେ ଚୟନ କରିପାରନ୍ତି । ତେବେ ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି ଯେ, ଯଦି ଖାଲି ପଦବୀ ଥାଏ, ତେବେ ରାଜ୍ୟ କିମ୍ବା ଏହାର ଅନୁଷ୍ଠାନ ଚୟନ ତାଲିକାରେ ବିଚ୍ଛର କରୁଥିବା ବ୍ୟକ୍ତିଙ୍କୁ ନିଯୁକ୍ତ କରିବାକୁ ମନା କରିପାରିବେ ନାହିଁ । ସୁପ୍ରିମକୋର୍ଟ ସରକାରୀ ଚ୍ଛକିରି ପାଇଁ ନିଯୁକ୍ତି ମାନଦଣ୍ଡ ସହ ଜଡ଼ିତ ଏକ ପ୍ରଶ୍ନର ଉତ୍ତର ଦେଇଛନ୍ତି, ଯାହା ମାର୍ଚ୍ଚ ୨୦୧୩ ରେ ତିନିଜଣିଆ ବିଚ୍ଛରପତିଙ୍କ ଦ୍ୱାରା ଉପସ୍ଥାପନ କରାଯାଇଥିଲା । ୧୯୬୫ ର ଏକ ବିଚ୍ଛରକୁ ଦର୍ଶାଇ ତିନିଜଣିଆ ଖଣ୍ଡପୀଠ କହିଛନ୍ତି ଯେ ଏହା ଏକ ପ୍ରତିଷ୍ଠିତ ନୀତି ଅଟେ ଯେ ଯୋଗ୍ୟତା ମାନଦଣ୍ଡ ପର୍ଯ୍ୟନ୍ତ ରାଜ୍ୟ କିମ୍ବା ଏହାର ଅଧିକାରୀମାନେ 'ଖେଳର ନିୟମ' ସହିତ ହେରଫେର କରିବାକୁ ଅନୁମତି ଦିଆଯାଇ ନାହିଁ ।

# ମିଜୋରାମରେ ବିପୁଳ ପରିମାଣର ବିସ୍ଫୋରକ ଜବତ

**ଆଇଜୋଲ,୯।୧୧(ଏଜେନ୍ସି):** ମିଜୋରାମ ପୁଲିସ ସହ ଆସାମ ରାଇଫଲ୍ସ ବିପୁଳ ପରିମାଣର ବିସ୍ଫୋରକ ସାମଗ୍ରୀ ଜବତ କରିଛି । ଏତେ ବିସ୍ଫୋରକ ସାମଗ୍ରୀ ଜବତ ହୋଇଛି ଯେ ତାହା ଏକ ଛୋଟ କାଟର ଯୁଦ୍ଧ ଲଢିବାକୁ ଯଥେଷ୍ଟ ହେବ । ଏହି ଘଟଣାରେ ୨ ଜଣଙ୍କୁ ଗିରଫ କରାଯାଇଛି । ବୁଧବାର ରାତିରେ ସେରଚିପ-ଥେନଜୋଲ ରାସ୍ତାରେ ଚେକିଂ ବେଳେ ମିଳିତ ବାହିନୀ ଏକ ଧଳା ରଙ୍ଗର କାର୍ ଆସୁଥିବା ଦେଖିବାକୁ ପାଇଥିଲେ । କାରରେ ଦୁଇ ଜଣ ଥିଲେ । ଗାଡିକୁ ଯାଞ୍ଚ କରିବା ସମୟରେ ବିପୁଳ ପରିମାଣର ଅସ୍ତ୍ରଶସ୍ତ୍ର



ଓ ବିସ୍ଫୋରକ ସାମଗ୍ରୀ ଜବତ ହୋଇଥିଲା । ଏଥିରେ ୯୬୦୦ ଜିଲେଟିନ୍ ଷ୍ଟିକ୍, ୯୪୦୦ ଡେଟୋନେଟର ଏବଂ ୧୮୦୦ ମିଟରରୁ ଅଧିକ କୋର୍ଡେଟେକ୍ସ ରହିଥିଲା ।ଗୁଇନ୍ଦା ସୂଚନା ମିଳିବା ପରେ ଆସାମ ରାଇଫଲ୍ସ ଓ ମିଜୋରାମ ପୁଲିସ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି । ଗିରଫ ବ୍ୟକ୍ତି ଓ ଜବତ ସାମଗ୍ରୀକୁ ଅଧିକ ତଦନ୍ତ ପାଇଁ ମିଜୋରାମ ପୁଲିସକୁ ହସ୍ତାନ୍ତର କରାଯାଇଛି । ଏବେ ଗିରଫ ବ୍ୟକ୍ତିମାନଙ୍କୁ ପଚରାଉଚରା କରାଯାଉଛି । ଏଠାରେ ପ୍ରଶ୍ନ ଉଠୁଛି ଏତେ ପରିମାଣର ବିସ୍ଫୋରକ ଯୋଗାଣ ପଛରେ କୌଣସି ବିଦେଶୀ ଶକ୍ତିଙ୍କ ହାତ ରହିଛି କି ଯେଉଁମାନେ ଭାରତର ଉତ୍ତର-ପୂର୍ବାଞ୍ଚଳରେ ହିଂସାକାଣ୍ଡ ଜାରି ରଖିବାକୁ ଚ୍ଛହୁଁଛନ୍ତି ? ତେବେ ଏହା ସଂଦେହ କରାଯାଉଛି ଯେ ଏସବୁ ବିସ୍ଫୋରକ ମିଆଁମାରକୁ ଯାଉଥିଲା, ଯାହାକି ସେଠାକାର ସେନା (ଜଣ୍ଟା) ବିରୋଧରେ ଲଢିବାକୁ ବିଦ୍ରୋହୀମାନେ ବ୍ୟବହାର କରିଥାନ୍ତେ ।

# ଶାହାରୁଖଙ୍କୁ ହତ୍ୟା ଧମକ

**ମୁମ୍ବାଇ,୯।୧୧(ଏଜେନ୍ସି):** ବଲିଉଡର ଷ୍ଟାର ସଲମାନ ଖାନଙ୍କ ପରେ କିଙ୍ଗ୍ ଖାନ୍ ଶାହାରୁଖ ଖାନଙ୍କୁ ହତ୍ୟା ଧମକ ମିଳିଥିବା ଖବର ଚ୍ଛଞ୍ଚଲ୍ୟ ଖେଳାଇ ଦେଇଛି । ଶାହାରୁଖଙ୍କୁ ଧମକ ମିଳିବା ପରେ ବାନ୍ଦ୍ରା ପୁଲିସ ଷ୍ଟେସନରେ ମାମଲା ରୁଜୁ କରି ପୁଲିସ ତଦନ୍ତ ଆରମ୍ଭ କରି ଦେଇଛି । ତଦନ୍ତ ସମୟରେ ପୁଲିସ ଆସିଥିବା ଧମକ କଲକୁ ଟ୍ରାକ କରିଥିଲା । ଏହି ଟ୍ରାକ ସମୟରେ କଲଟି ରାୟପୁରରୁ ଆସିଥିବା ଜଣାପଡ଼ିଥିଲା । ଏହାପରେ ପୁଲିସ ଟିମ ତୁରନ୍ତ ରାୟପୁରରେ ଯାଇ ପହଞ୍ଚିଯାଇଛନ୍ତି । ସେଠାରେ ଆଗାମୀ ଯାଞ୍ଚ ଜାରି ରହିଛି । ମୁମ୍ବାଇ ପୁଲିସ ଏହି ଘଟଣାକୁ ଗମ୍ଭୀରତା ସହ ନେଇ ତଦନ୍ତ ଆରମ୍ଭ କରିଛି । ଶାହାରୁଖଙ୍କୁ କେଉଁ କାରଣ ପାଇଁ ଏଭଳି ହତ୍ୟା ଧମକ ମିଳିଛି ତାହାର କାରଣ ଜାଣିବା ପାଇଁ ପୁଲିସ ତଦନ୍ତକୁ କଡ଼ାକଡ଼ି କରିଛି । ନଭେମ୍ବର ୫ ତାରିଖ ୧ଟା ୨୧ ମିନିଟରେ ବାନ୍ଦ୍ରା ପୁଲିସ ପାଖକୁ ଶାହାରୁଖଙ୍କୁ ହତ୍ୟା ପାଇଁ ଏକ ଧମକ କଲ ଆସିଥିଲା । ଏହି କଲ କରି ଧକମ ଦେଇଥିବା ବ୍ୟକ୍ତି ଜଣକ ପୁଲିସକୁ କହିଥିଲା, 'ଶାହାରୁଖ ମନ୍ନତ ବ୍ୟାଣ୍ଡଷ୍ଟାଣ୍ଡ ବାଲା ଅଟନ୍ତି ନାୟ ଯଦି ଶାହାରୁଖ ମୋତେ ୫୦ଲକ୍ଷ ଟଙ୍କା ନଦିଅନ୍ତି ତେବେ ମୁଁ ତାଙ୍କୁ ନିଶ୍ଚୟ ହତ୍ୟା କରିବି ।'ତେବେ ଗତ



ବୁଧବାର ରାତିରେ ଶାହାରୁଖଙ୍କୁ ବାନ୍ଦ୍ରାର ପର୍ପଲ ହେଜ ଷ୍ଟୁଡିଓରେ ଦେଖିବାକୁ ମିଳିଥିଲା । ଏଠାକୁ ଶାହାରୁଖ ଡବିଂ କରିବା ପାଇଁ ଆସିଥିଲେ । ଏହି ସମୟରେ କିଙ୍ଗ ଖାନଙ୍କୁ ଧଳା ସାର୍ଟ ଓ କଳା ପ୍ୟାଣ୍ଟ ପିନ୍ଧିଥିବା ଦେଖିବାକୁ ମିଳିଥିଲା । ଗତ ମାସରେ ସଲମାନ ଖାନଙ୍କ ସାଙ୍ଗ ବାବା ସିଦ୍ଦିକିଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା । ଏହି ହତ୍ୟା ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ କରିଥିବା ସ୍ୱୀକାର କରିଥିଲା । ଏହି ଘଟଣା ପରେ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ ଧମକ ଦେଇ କହିଥିଲା, 'ଯେଉଁମାନେ ବି ସଲମାନଙ୍କୁ ସାହାଯ୍ୟ କରିବାକୁ ଚେଷ୍ଟା କରିବେ ସେମାନଙ୍କ ଅବସ୍ଥା ବାବା ସିଦ୍ଦିକିଙ୍କ ଭଳି ହେବ ।' ବାବା ସିଦ୍ଦିକିଙ୍କ ହତ୍ୟା ପରେ ସଲମାନଙ୍କୁ ଶାହରୁଖ ଭେଟିବା ପାଇଁ ଆସିଥିଲେ । ଏହିକାରଣରୁ ତାଙ୍କୁ ଏହି ହତ୍ୟା ଧମକ ମିଳିଥାଇ ପାରେ ବୋଲି ଅନୁମାନ କରାଯାଉଛି ।

# ସନ୍ଥ ସମ୍ମିଳନୀ ପାଲଟିଲା ରଣକ୍ଷେତ୍ର

**ପ୍ରୟାଗରାଜ,୯।୧୧(ଏଜେନ୍ସି):** ଉତ୍ତରପ୍ରଦେଶର ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ ମେଳା ପୂର୍ବରୁ ଆୟୋଜିତ ସାଧୁସନ୍ଥମାନଙ୍କ ସମ୍ମିଳନୀରେ ପ୍ରଥମେ ବିବାଦ ଓ ପରେ ହାତାହାତି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି । ଏପରିକି ସନ୍ଥ ଓ ମହନ୍ତମାନେ ପରସ୍ପରକୁ ଚ୍ଛପୁଡ଼ା ମାରିବା ସହ ମାଡ଼ ମାରିବା ସହ ମୁକ୍କା ମାରିଥିଲେ । ସୂଚନା ଅନୁସାରେ ମହାକୁମ୍ଭ ଆୟୋଜନକୁ ନେଇ ପ୍ରଶାସନ ପକ୍ଷରୁ ଆଖଡ଼ାମାନଙ୍କ ବୈଠକ ଆୟୋଜନ କରାଯାଇଥିଲା । ମେଳା କର୍ତ୍ତୃପକ୍ଷ ଆଖଡ଼ାମାନଙ୍କୁ ଆବଣ୍ଟନ ହେବାକୁ ଥିବା ଜମି ଦେଖାଇବା ପାଇଁ ଏହି ବୈଠକ ଡାକିଥିଲେ । ମହାମ୍ନା ପ୍ରୟାଗରାଜ ମେଳା ପ୍ରାଧିକରଣର ଆଇଟ୍ରିପଲସି ଅଡିଟୋରିୟମରେ ଆଖଡ଼ାର ସାଧୁମାନେ ଏକାଠି ହୋଇଥିଲେ । ଏହି ସମୟରେ ଆଖଡ଼ାର ମହନ୍ତମାନଙ୍କ ମଧ୍ୟରେ ଯୁକ୍ତିତର୍କ ଶୁଣିବାକୁ ମିଳିଥିଲା ଏବଂ କିଛି ସମୟପରେ ସେମାନଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ହୋଇଥିଲା । ତେବେ ଝଗଡ଼ା କେବଳ ଯୁକ୍ତିତର୍କରେ ସୀମିତ ନରହି ହାତାହାତିକୁ ଯାଇଥିଲା । ସାଧୁସନ୍ଥମାନେ ପରସ୍ପରକୁ ଲାତ ମାରିବା, ମୁକ୍କା ମାରିବା ଏବଂ ମୁକ୍କା ମାରିବା ଆରମ୍ଭ କଲେ । ଏହି ଆକ୍ରମଣ ଫଳରେ ଅଡିଟୋରିୟମରେ ହଇଚଇ ସୃଷ୍ଟି ହୋଇଥିଲା ।

# ମହାରାଷ୍ଟ୍ର ନିର୍ବାଚନ ପାଇଁ ଏମଭିଏ ଜାରି କଲା ୫ ନିର୍ବାଚନୀ ଗାରେଣ୍ଟି

**ପୁଣେ,୯।୧୧ :** ମହାରାଷ୍ଟ୍ର ନିର୍ବାଚନକୁ ଆଉ ମାତ୍ର କିଛିଦିନ । ଏହାରି ଭିତରେ ଏମଭିଏ ଜାରି କରିଛି ନିଜର ୫ ନିର୍ବାଚନୀ ଗାରେଣ୍ଟି । ମହିଳା ମାନଙ୍କ ପାଇଁ ଘୋଷଣା ହୋଇଛି ମହାଲକ୍ଷ୍ମୀ ଯୋଜନା ଅଧିନରେ ସହାୟତା । ସରକାରକୁ ଆସିଲେ ଦଳ ପକ୍ଷରୁ ଯୋଜନା ଅଧିନରେ ମାସକୁ ମହିଳାଙ୍କୁ ୩



ହଜାର ଟଙ୍କା ପ୍ରଦାନ କରାଯିବ । ଏହା ସହ ରାଜ୍ୟବାସୀଙ୍କ ପାଇଁ ୨୫ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା, ଲୋକଙ୍କ ପାଇଁ ମାଗଣା ଔଷଧ, ମହିଳାଙ୍କ ପାଇଁ ମାଗଣା ବସ୍ ସେବା ଓ କୃଷକଙ୍କ ଋଣ କ୍ଷମା କରାଯିବ ବୋଲି ଘୋଷଣା କରିଛି ଏମଭିଏ ମେଣ୍ଟ । କଂଗ୍ରେସ ନେତା ଏହା ମଧ କହିଛନ୍ତି ଯେ ବେକାର ଯୁବକମାନେ ମଧ ମାସକୁ ୪୦୦୦ ଟଙ୍କା ଭତ୍ତା ପାଇବେ । କଂଗ୍ରେସ ଶାସିତ କର୍ଣ୍ଣାଟକ ଏବଂ ତେଲେଙ୍ଗାନା ଭଳି ରାଜ୍ୟରେ ଜାତିସଂଘ ଜନଗଣନାକୁ ମଧ ପ୍ରତିଶୃତି ଦେଇଛି । ମହାରାଷ୍ଟ୍ରରେ ମଧ ଦିଆଯିବ ବୋଲି କହିଛି କଂଗ୍ରେସ ।

# ଶିଶୁ ମହୋତ୍ସବ ସୁରଭି

**ବ୍ରହ୍ମପୁର,(ନି.ପ୍ର):** ସରକାରୀ ଭିଭିଗିରି ବାଳିକା ବିଦ୍ୟାଳୟରେଶନିବାର ଗଞ୍ଜାମ ଜିଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଖଣି, ଇସ୍ପାତ ଓ ପରିବହନ ମନ୍ତ୍ରୀ ବିଭୁତି ଜେନା ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ବିଦ୍ୟାର୍ଥୀଙ୍କ ପ୍ରତିଭା ଅନ୍ୱେଷଣରେ ଏହାଏକ ମାଧ୍ୟମ । ଛାତ୍ରୀଛାତ୍ରଙ୍କ ପାରଦର୍ଶିତା ଦ୍ୱାରା ଗୁରୁମାନେ ପରିଚିତ ହେବା ଅଖଣ୍ଡ ସୌଭାଗ୍ୟର ବିଷୟ । ଯେଭଳି ଅର୍ଜୁନଙ୍କ ଦ୍ୱାରା ଗୁରୁ ଦ୍ରୋଣାଚାର୍ଯ୍ୟ ପରିଚିତ ହୋଇପାରିଥିଲେ । ଶିକ୍ଷକମାନେ ଏଭଳି ବିଦ୍ୟାର୍ଥୀ ଗଢିତୋଳନ୍ତୁ ଯାହାଦ୍ୱାରା ସେମାନେ ପ୍ରତିଷ୍ଠିତ ହୋଇପରିବେ ବୋଲି ସେ କହିଥିଲେ । ଏହି ଅବସରରେ ମନ୍ତ୍ରୀ ପି.ଏମ ପୋଷଣ ଷ୍ଟଲ ଉଦଘାଟନ କରିଥିଲେ । ବ୍ରହ୍ମପୁର ମେୟର ସଂଘମିତ୍ରା ଦଳାଇ ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଦ୍ୟାର୍ଥୀ ପାଠପଢ଼ାରେ ସୀମିତ ନ ରହି ଅନ୍ୟ ଅତିରିକ୍ତ ପାଠ୍ୟକ୍ରମ କାର୍ଯ୍ୟକଳାପରେ ନିଜ ଦକ୍ଷତା ପରିପ୍ରକାଶ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଶିକ୍ଷାଧିକାରୀ ରାଜେଶ ପ୍ରଧାନ, ସ୍କୁଲ ଶିକ୍ଷୟିତ୍ରୀ ଚାନ୍ଦିନୀ ପଣ୍ଡା, ସୁରଭି କାର୍ଯ୍ୟକ୍ରମ ସଂଯୋଜକ ଡ ସରୋଜ ମୋହନ ପାଳ ସମ୍ମାନନୀୟ ଅତିଥିଭାବେ ମଞ୍ଚାସୀନ ଥିଲେ ।

# ରବି ଲାବଣ୍ୟଙ୍କ ପ୍ରଥମ ଶ୍ରାଦ୍ଧ ଉତ୍ସବ ପାଳିତ

**ଧର୍ମଶାଳା,(ନି.ପ୍ର):** ଧର୍ମଶାଳାର ପୂର୍ବତନ ବିଧାୟକ ସ୍ୱର୍ଗତ ରବି ଲାବଣ୍ୟଙ୍କ ପ୍ରଥମ ବାର୍ଷିକ ଶ୍ରାଦ୍ଧ ଉତ୍ସବ ତାଙ୍କ ଗ୍ରାମ ଧର୍ମଶାଳା ଥାନା ମିର୍ଜାପୁର ପଞ୍ଚାୟତ ଅନ୍ତର୍ଗତ ଅରଙ୍ଗାବାଦ ଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ବହୁ ବିଶିଷ୍ଟ ରାଜନେତା ତଥା ସାମ୍ବାଦିକ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ତ୍ୟାଗପୂତ ଜୀବନ ଓ ଆଦର୍ଶ ଉପରେ ଆଲୋକପାତ କରିବା ସହିତ ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଛନ୍ତି । ରାଜନୀତିର ପରିଭାଷା ବଦଳିଯାଇଛି । ରାଜନୀତି ଏବେ ଅର୍ଥସର୍ବସ୍ୱ ହୋଇପଡିଛି । ଅର୍ଥବଳ, ବାହୁବଳ ଏବଂ ମିଥ୍ୟାପ୍ରତିଶ୍ରୁତି ରାଜନେତାଙ୍କର ପରିଚୟ ହୋଇଛି । ଏ ସବୁର ଉର୍ଦ୍ଧ୍ୱରେ ରବି ଲାବଣ୍ୟ ଥିବାରୁ ସେ ଦ୍ୱିତୀୟ ଥର ବିଧାୟକ ହୋଇପାରିନଥିଲେ ବୋଲି ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ମତପ୍ରକାଶ ପାଇଥିଲା । ଧର୍ମଶାଳା ପ୍ରେସ କ୍ଲବ ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳୀ ସଭାରେ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡେଇ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନମନ୍ତ୍ରୀ ବିଜୟ ମହାପାତ୍ର ଅତିଥି ଭାବେ ଯୋଗଦେଇ ରବି ଲାବଣ୍ୟ ଗୋଟିଏ ଦଳରେ ରହି ଜୀବନ କାଟିଥିଲେ । ବାରମ୍ବାର ଟିକେଟରୁ ବଂଚିତ ହୋଇଥିଲେ ମଧ୍ୟ ଦଳ ବଦଳ କରିନଥିଲେ । ସେ ଜଣେ ଅଗ୍ନିବର୍ଷୀ ବକ୍ତା ଥିଲେ । ସେ ତ୍ୟାଗର ମୂର୍ତ୍ତୀ ମନ୍ତ ପ୍ରତୀକ ଥିଲେ ବୋଲି ତାଙ୍କ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସାଂସଦ ପ୍ରଶନ୍ନ ପାଟଷାଣୀ, ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ବ୍ରଜକିଶୋର ତ୍ରିପାଠୀ, ରାଜ୍ୟ ଖଦିବୋର୍ଡର ପୂର୍ବତନ ସଭାପତି ରମାରଞ୍ଜନ ବଳିଆର ସିଂ,ପୂର୍ବତନ ମନ୍ତ୍ରୀ ଅମର ଶତପଥୀ, ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ଉତ୍କଳ ପ୍ରସଂଗର ପୂର୍ବତନ ସଂପାଦକ ଗୁରୁକଲ୍ୟାଣ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଲାବଣ୍ୟଙ୍କ ଭୂମିକା, ବ୍ୟକ୍ତିତ୍ୱ, ନିଷ୍ଠା ଓ ସର୍ବୋପରି ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ପ୍ରତି ଥିବା ତାଙ୍କର ଅନୁରକ୍ତି ଙ୍କୁ ଉଚ୍ଚ ପ୍ରଶଂସା କରିଥିଲେ । ଏହି ଅବସରରେ ରବି ଲାବଣ୍ୟ ଜଣେ ସାଲିସବିହୀନ, ସ୍ୱାଭିମାନୀ, ନିତୀନିଷ୍ଠ ରାଜନେତା ଥିଲେ ବୋଲି ଅତିଥିମାନେ ପ୍ରକାଶ କରିଥିଲେ । ପ୍ରାରମ୍ଭରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ପଣ୍ଡିତ ଦେବାଶିଷ ଶତପଥୀ ଓ ସହଯୋଗୀ ବେଦପାଠ, ମହମ୍ମଦ ସୋଏଲ ଆଲାମ କୋରାନ ପାଠ, ବିସାଇ ବିର ବାଇବେଲ ପାଠ କରିଥିଲେ । ମଂଚାସୀନ ଅତିଥି ମାନେ ସ୍ୱର୍ଗତ ଲାବଣ୍ୟଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ଆତ୍ମାର ସଦଗତି କାମନା କରାଯାଇ ନୀରବ ପ୍ରାର୍ଥନା କରାଯାଇଥିଲା । ସ୍ୱର୍ଗତ ଲାବଣ୍ୟଙ୍କ ଜ୍ୟେଷ୍ଠପୁତ୍ର ହରିଶଙ୍କର ମହାବିଦ୍ୟାଳୟର ଅଧ୍ୟକ୍ଷ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ । ଏହି ଅବସରରେ ସ୍ମରଣିକା 'ସ୍ୱାଭିମାନ' ର ଦ୍ୱିତୀୟ ଭାଗ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ସମାଜସେବୀ କାହ୍ନୁ ଚରଣ ଦାଶ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ, ଡଃ. ପ୍ରଶାନ୍ତ ସ୍ୱାଇଁ, ଆଇନଜୀବି ଦେବରାଜ ବେହେରା, ବ୍ରଜକିଶୋର ଦାଶ, ଅଧ୍ୟାପକ ବିଜୟକେତନ ସାମଲ,ଡଃ. ପ୍ରିୟନାଥ ମହାପାତ୍ର, ଶ୍ରମିକ ନେତା ନୃସିଂହ ମିଶ୍ର, ଗୋଲକ ପଲାଇ, ପ୍ରେମଲତା ମହାରଣା ପ୍ରମୁଖ ଲାବଣ୍ୟଙ୍କ ସ୍ମୃତିଚାରଣ କରିଥିଲେ । ସମାଜସେବୀ ଅଭିମନ୍ୟୁ ଧଳ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ । ସ୍ୱର୍ଗତ ଲାବଣ୍ୟଙ୍କ କନିଷ୍ଠ ପୁତ୍ର ଆଇନଜୀବି ଶ୍ୟାମପ୍ରସାଦ ଦାଶ ପରିବାର ତରଫରୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା ପାଇଁ ପ୍ରସ୍ତୁତି



**ହାଟଡିହି,(ନି.ପ୍ର):** ବିଜେଡି ପକ୍ଷରୁ ବ୍ଲକସ୍ତରୀୟ ପଦଯାତ୍ରା ପାଇଁ ହାଟଡିହୀ ବ୍ଲକ ଅଧୀନସ୍ଥ ବିଦ୍ୟାଧରପୁର ଠାରେ ଏକ ପ୍ରସ୍ତୁତି ବୈଠକ ହୋଇଯାଇଛି । ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦୁଝର ଜିଲ୍ଲାପରିଷଦ ଉପାଧକ୍ଷ ସୋମନାଥ ଦାସ, ବରିଷ୍ଠ ବିଜେଡି ନେତା ବିଜୟ ରାଉତ, ଶତ୍ରୁଘନ ପାତ୍ର, ବୈଦ୍ୟନାଥ ସାମଲଙ୍କ ସମେତ ଯୁବ ବିଜେଡ଼ି ନେତା ଅଜୟ ଘଡ଼େଇ, ନରେନ୍ଦ୍ର ନାୟକ, ବସନ୍ତ ପଡ଼ିଆରୀ, ଫେଡୁ ପଣ୍ଡା, ମୁନ୍ନା ମଲ୍ଲିକ, ଆନନ୍ଦ ରାଉତ, ବିନୋଦ ସିଂ, ଅଭିମନ୍ୟୁ ନାଏକ, ଅଭୟ ଜେନା, ଅଜିତ ରାଉତ, ବିଜେଡି ସମର୍ଥୀତ ଜିଲ୍ଲାପରିଷଦ ସଭ୍ୟସଭ୍ୟା, ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ- ସଭ୍ୟାମାନେ ଯୋଗ ଦେଇଥିଲେ । ୪ତାରିଖ ସୋମବାର ଦିନ ସୋସୋଠାରୁ ବିଦ୍ୟାଧରପୁର ବଜାର ସହ ବାଲିବରେଇ ଗ୍ରାମପଞ୍ଚାୟତ ଯାଏଁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଧାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା ଏହି ପଦଯାତ୍ରାରେ ବହୁ ବରିଷ୍ଠ ନେତା ଏହି ପଦଯାତ୍ରାରେ ଯୋଗ ଦେଇଥିଲେ ।

# ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଠାରେ କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ

**ଜୟପାଟଣା,(ନି.ପ୍ର):** କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ୨୦୨୪ ,ଜୟପାଟଣା ବ୍ଲକ ଖଲିଆଭଟା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସ ରେ ସମାରୋହରେ ପାଳିତ ହୋଇଯାଇଛି । ୧୯୪୯ମସିହା ନଭେମ୍ବର ୧ତରିଖ ଦିନ ସରକାରଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ଜିଲ୍ଲାମାନ୍ୟତା ପାଇବାପରେ, କଳାହାଣ୍ଡି ଜିଲ୍ଲା ସର୍ବସାଧାରଣଙ୍କ ମଧ୍ୟରେ ନିଜଜନ୍ମ ଭୂମିର ଗର୍ବ ଗୌରବ, କଳା, ସଂସ୍କୃତି, ସବୁକିଛିକୁ ନିଜ ହୃଦୟ ମଧ୍ୟରେ ସ୍ଥାନଦେଇ, ଅମେ କଳାହାଣ୍ଡିଆ ବୋଲି ଗର୍ବିତ । ଗଡଜାତ ଅମଳରେ ଫତେନାରାୟଣ ଶାଙ୍କ ରାଜୁତି ଅମଳରୁ ଅଦ୍ୟାବଧି ୩୩ଜଣ ରାଜା ସିଂହାସନ ଆରୋହଣ କରିଥିବା ବେଳେ ୧୯୪୭ମସିହାରେ ସ୍ୱର୍ଗତ ମହାରାଜା ପ୍ରତାପକିଶୋର ଦେଓଙ୍କ ଅମଳରେ ଦେଶ ସ୍ୱାଧୀନତା ପାଇଥିଲା । ତା ପୂର୍ବରୁ ବିଭିନ୍ନ ଘାତ, ପ୍ରତିଘାତ ମଧ୍ୟରେ କଳାହାଣ୍ଡିର ବୀର ସୈନିକ, ଯୋଦ୍ଧା, ମାନଙ୍କ କଳାହାଣ୍ଡିମାଟିର ପ୍ରେମ, ଶ୍ରଦ୍ଧା, ଏବଂ ଅଂଚଳର ଅଧିଷ୍ଠାତ୍ରୀ ଦେବୀ ମାନଙ୍କ ଆଶୀର୍ବାଦରେ ବାହ୍ୟ ଶତ୍ରୁ ମାନଙ୍କୁ ପରାସ୍ତ କରି ମାଟି ମାର ଗର୍ବ ଓ ଗୌରବକୁ ବଞ୍ଚାଇ ରଖି ଆଜିର ଦିନରେ ସମଗ୍ର ରାଜ୍ୟରେ କଳାହାଣ୍ଡି ଜିଲ୍ଲାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି । ପ୍ରାକ ଇତିହାସ ଗୁଡହାଣ୍ଡି ଶିଳାଲିପି କୁ ପାଥେୟ କରି



ବିଭିନ୍ନ ରାଜ ବଂଶର ଉତ୍ଥାନ, ପତନ ମଧ୍ୟରେ ବିକାଶକୁ ନେଇ ସଂଗ୍ରାମ ଓ ସଂଘର୍ଷର ମଶାଲକୁ ଧରି ଆଜି କଳାହାଣ୍ଡି ଆଗେଇ ଚାଲିଛି, ଚଳିବ, ବୋଲି କଳାହାଣ୍ଡି ଜିଲ୍ଲା ପ୍ରତିଷ୍ଠା ଦିବସ ଅବସରସଭାରେ ମୁଖ୍ୟ ଅତିଥି କଳାହାଣ୍ଡିଆ କବି ରବୀନ୍ଦ୍ରଖମାରୀ, ମୁଖ୍ୟ ବକ୍ତା ଅଂଚଳର ଘୁମୁରାଗୁରୁ, କଳାକାର ତୀର୍ଥରାଜ ଦଳପତି, ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଖଲିଆଭଟାର ଭାରପ୍ରାପ୍ତ ଅଧକ୍ଷ ପ୍ରଶାନ୍ତ କୁମାର ସାହୁ, ବରିଷ୍ଠ ସାମ୍ବାଦିକ ଆସରଫ ଅଲ୍ଲୀ ଉଦ୍‌ବୋଧନ ଦେଇଥିଲେ । ଜିଲ୍ଲା ଗଠନର ୭୫ବର୍ଷ ପୂର୍ତ୍ତି ଇତିହାସ କଳାହାଣ୍ଡି ବାସୀଙ୍କ ଆଗାମୀ ଦିନ ମାନଙ୍କ ପାଇଁ ଉଜ୍ଜଳମୟ ଭବିଷ୍ୟତ ହେଉ ବୋଲି ମଞ୍ଚାସୀନ ଅତିଥିମାନେ କଳାହାଣ୍ଡି ମାଟି ମା'ଙ୍କ ନିକଟରେ କାମନା କରିଥିଲେ । ଏହି ଅବସରରେ ଆଶ୍ରମ ବିଦ୍ୟାଳୟର ଶିକ୍ଷକ ପ୍ରଶାନ୍ତ କୁମାର ପଣ୍ଡା, ପରାମଶ୍ୱର ଶବର, ଭୋଜରାଜ ପୁଞ୍ଜି, ଚୈତନ୍ୟ ମାଝୀ, ପ୍ରଭୁପ୍ରସାଦ ନାଗ, କର୍ଣ୍ଣ ମାଝି, କୁନା ଅରେ ବେଡିଆ, ଶିକ୍ଷୟତ୍ରୀ ଅଞ୍ଜଳି ପଣ୍ଡା, ନିଳେନ୍ଦ୍ରି ଶବର, ରୂପଶ୍ରୀ ଆଚାର୍ଯ୍ୟଙ୍କ ସମେତ ସମସ୍ତ ଛାତ୍ରଛାତ୍ରୀ ଉପସ୍ଥିତ ଥିବାବେଳେ, ଶିକ୍ଷକ ଚୈତନ୍ୟ ମାଝୀ ଅତିଥି ପରିଚୟ, ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

# ନୂତନ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ଧର୍ମଗଡ,(ନି.ପ୍ର):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ବ୍ଲକର ସ୍ଥାନୀୟ ପ୍ରାଥମିକ ଶିକ୍ଷକ ଶିକ୍ଷା ପ୍ରତିଷ୍ଠାନଠାରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ଅନ୍ତର୍ଗତ ସମସ୍ତ ନୂତନ ଭାବରେ ଯୋଗଦାନ କରିଥିବା କନିଷ୍ଠ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘ, ଧର୍ମଗଡ଼ ବ୍ଲକ ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ ପୂର୍ବକ ଏକ ସଭା ଆୟୋଜନ କରାଯାଇଥିଲା । କାର୍ଯ୍ୟକ୍ରମଟି ସଂଘର ସଭାପତି ମାର୍କଣ୍ଡ ନାଗଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବରେ ଧର୍ମଗଡ଼ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଙ୍କଜିନୀ ମାଝୀ, ସମ୍ମାନିତ ଅତିଥି ଭାବରେ ଗୋଷ୍ଠୀ ସାଧନ କେନ୍ଦ୍ର ସଂଯୋଜକ ଅରୂପାନନ୍ଦ ଭୋଇ, ଭାରପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିଶ୍ୱଜିତ ବେହେରା ଓ ମୁଖ୍ୟବକ୍ତା ଭାବରେ ଅଲ ଓଡିଶା ପ୍ରାଥମିକ ଶିକ୍ଷକ ସଙ୍ଘ ରାଜ୍ୟ ସାଧାରଣ ସମ୍ପାଦକ ବଂକିମ ଚନ୍ଦ୍ର ସାଗର ଯୋଗଦାନ କରିଥିଲେ । ଅତିଥିଙ୍କ ସ୍ୱାଗତ ନିମନ୍ତେ ବୋଡ଼େନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବର୍ଷି ଜାଲ ସ୍ୱାଗତ ସଂଗୀତ ଗାନ କରିଥିଲେ । ପରେ ବ୍ଲକ ସଙ୍ଘ ସାଧାରଣ ସମ୍ପାଦକ ଗିରିଧାରୀ ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ସମେତ ସମସ୍ତ ମଞ୍ଚାସିନ ଅତିଥି ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶୁଭେଚ୍ଛା ଜ୍ଞାପନ କରି ଦାୟିତ୍ୱବାନ ହେବା, ଶିକ୍ଷକତାକୁ ନିଜର ପରିଚୟ ଭାବେ ପରିଗଣିତ କରିବା ପାଇଁ ଆହ୍ୱାନ ଦେବା ସହିତ ପାଠ ଯୋଜନା ଖାତା ଉପହାର ଦେଇଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଖନାତରା ସିଆରସିସି ଚିତ୍ତ ରଞ୍ଜନ କୁମାର ପରିଚାଳନା କରିଥିବା ବେଳେ କନିଷ୍ଠ ଶିକ୍ଷକ ସଭାପତି ବିକ୍ରମ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ ଓ ଚକ୍ରଧର ପ୍ରଧାନ, ବଟକୃଷ୍ଣ ପାତ୍ର, ଦିନେଶ ପାତ୍ର, ସୁବୋଧ ପଣ୍ଡା ସମେତ ସମସ୍ତ ସିଆରସିସି ସହଯୋଗ କରିଥିଲେ ।

### ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫିରେ ଓଡ଼ିଶାର ଲଜ୍ଜାଜନକ ପ୍ରଦର୍ଶନ

# ସନ୍ଦୀପଙ୍କ ଶତକ ସତ୍ତ୍ୱେ ଫଲୋଅନ୍

**ମୁମ୍ବାଇ,୯।୧୧(ଏଜେନ୍ସି):** ମୁମ୍ବାଇ ବିପକ୍ଷ ରଣଜୀ ଟ୍ରଫିରେ ଓଡ଼ିଶାର ଲଜ୍ଜାଜନକ ପ୍ରଦର୍ଶନ ଜାରି ରହିଛି । ମୁମ୍ବାଇର ଶରଦ ପାୱାର ଏକାଡେମୀ ପଡ଼ିଆରେ ଚାଲିଥିବା ଚତୁର୍ଥ ରାଉଣ୍ଡ୍ ମ୍ୟାଚ୍ରେ ଓଡ଼ିଶା ପୁଣି ଥରେ ଫଲୋଅନ୍ ଖେଳିବା ସହ ପାଳି ପରାଜୟ ଆଡ଼କୁ ଅଗ୍ରଗତି ହେଉଛି । ମୁମ୍ବାଇର ୬୦୨/୪ ସ୍କୋରକୁ ପିଛା କରି ଓଡ଼ିଶା ପ୍ରଥମ ପାଳି ୨୮୫ରେ ସୀମିତ ରହିଥିଲା । ଫଲୋଅନ୍ ଡାକରା ପରେ ତୃତୀୟ ଦିନ ସୁଦ୍ଧା ଦ୍ୱିତୀୟ ପାଳିରେ ଓଡ଼ିଶା ୧୨୬ ରନ୍ରେ ୫ ୱିକେଟ୍ ହରାଇ ସଂଘର୍ଷ କରୁଛି । ଏବେବି ଗୋବିନ୍ଦ ପୋଦ୍ଦାରଙ୍କ ଦଳ ୧୯୧ ରନ୍ ପଛରେ ରହିଛି । ପ୍ରଥମ ପାଳିର ଶତକ ପରେ ସନ୍ଦୀପ ପଟ୍ଟନାୟକ ଦ୍ୱିତୀୟ ପାଳିରେ ୩୯ ରନରୋ ଆଉଟ୍ ହୋଇଯାଇଛନ୍ତି । ତେବେ ପ୍ରାରମ୍ଭିକ ବିଫଳତା, ବରିଷ୍ଠ ଖେଳାଳିଙ୍କ ଦାୟିତ୍ୱହୀନ ବ୍ୟାଟିଂ ଏଥର ମଧ୍ୟ ଜାରି ରହିଛି । ଯେଉଁଥିପାଇଁ ଓଡ଼ିଶା ଚଳିତ ଋତୁରେ ଆଉ ଏକ ପରାଜୟ ବରଣ କରିବା ଆଶଙ୍କା ଦେଖାଦେଇଛି ।

ଶୁକ୍ରବାର ୧୪୬/୫ରୁ ତୃତୀୟ ଦିନ ଖେଳ ଆରମ୍ଭ କରିଥିବା ଓଡ଼ିଶା ପାଇଁ ପ୍ରଥମ ଘଣ୍ଟା ବହୁତ ଭଲ ଯାଇଥିଲା । ସନ୍ଦୀପ ପଟ୍ଟନାୟକ (୧୦୨ ରନ୍, ୧୮୭ ବଲ୍, ୧୧ ଚେକା, ୪ ଛକା) ପଞ୍ଚମ ପ୍ରଥମ ଶ୍ରେଣୀ ଶତକ ଅର୍ଜନ କରିଥିଲା ବେଳେ ଓଡ଼ିଶା ଦ୍ୱିଶତକ ଅତିକ୍ରମ କରିଥିଲା । ଦେବବ୍ରତ ପ୍ରଧାନଙ୍କ ସହ ଷଷ୍ଠ ୱିକେଟ୍ରେ ୬୮ ରନ୍ର ମହତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ ସନ୍ଦୀପ । କିନ୍ତୁ ଶତକ ହାସଲ ପରେ ସନ୍ଦୀପଙ୍କୁ ସାମ୍ସ ମୁଲାନି ବୋଲ୍ଡ କରିଦେବାରୁ ଓଡ଼ିଶାର ସବୁ ଆଶା ମଉଳି ଯାଇଥିଲା । ଦେବବ୍ରତ ପ୍ରଧାନ ଅର୍ଦ୍ଧଶତକଠୁ ୫ ରନ୍ ଦୂରରେ ଥାଇ ଆଉଟ୍ ହୋଇଯାଇଥିଲେ । ସୂର୍ଯ୍ୟକାନ୍ତ ପ୍ରଧାନ (୬)ଙ୍କୁ ଆଉଟ୍ କରି ମୁଲାନି ୫ ୱିକେଟ୍ ପୂରଣ କରିବା ସହ ଆଶୀର୍ବାଦ ସ୍ୱାଇଁ (୩୭)ଙ୍କୁ ନିଜ ଷଷ୍ଠ ଶିକାର କରିଥିଲେ । ୨୮୫ ରନରେ ଅଲଆଉଟ୍ ହେବା ପରେ ଓଡ଼ିଶା ଫଲୋଅନ୍ ଖେଳିଥିଲା । ଏଥର ମଧ୍ୟ ଅନୁରାଗ ଷଡ଼ଙ୍ଗୀ (୬)-ସ୍ୱସ୍ତିକ ସାମଲ (୧) ଙ୍କ ପ୍ରାରମ୍ଭିକ ଯୋଡ଼ି ୩ ଓଭର ବି ତିଷ୍ଠି ପାରିଲେନି । ଯୁବ ପ୍ରତିଭା ଆଶୀର୍ବାଦଙ୍କୁ ଏଥର ତିନି ନମ୍ବରରେ ସୁଯୋଗ ଦିଆଯାଇଥିଲା ବେଳେ ସେ ସନ୍ଦୀପଙ୍କ ସହ ମିଶି ତୃତୀୟ ୱିକେଟ୍ରେ ୫୬ ରନ୍ ଦଳୀୟ ସ୍କୋରରେ ଯୋଡ଼ିଥିଲେ । କିନ୍ତୁ ସନ୍ଦୀପ (୩୯) ଙ୍କୁ ମୁଲାନି ଦିନରେ ଦ୍ୱିତୀୟ ଥର ଆଉଟ୍ କରିଦେଇଥିଲେ । ମୁମ୍ବାଇ ଶିବିରରେ ବଡ଼ ଉତ୍ସାହ ଭରିଯାଇଥିଲା । ଅଧିନାୟକ ଗୋବିନ୍ଦ ପୋଦ୍ଦାର ମାତ୍ର ୧ ରନ୍ କରି ପାଭିଲିଅନ୍ ଫେରିଯିବାରୁ ବିପ୍ଳବ ସାମନ୍ତରାୟ ରକ୍ଷଣାତ୍ମକ ଖେଳିଥିଲେ । ତେବେ ରନ୍ ବାହାର କରିବାରେ ସଫଳ ହୋଇ ନଥିଲେ । ମାତ୍ର ୨୬ ରନରେ ବିପ୍ଳବ ଆଉଟ୍ ହେବାରୁ ତୃତୀୟ ଦିନର ଖେଳକୁ ସେହିଠାରେ ସମାପ୍ତ କରିଦିଆଯାଇଛି । ଆଶୀର୍ବାଦ ଏବେ ୪୬ ରନରେ ଅପରାଜିତ ରହି ନିଜ ଦ୍ୱିତୀୟ ଅର୍ଦ୍ଧଶତକ ଆଡ଼କୁ ଅଗ୍ରସର ହେଉଛନ୍ତି ।



ସଂକ୍ଷିପ୍ତ ସ୍କୋର: ମୁମ୍ବାଇ ପ୍ରଥମ ପାଳି: ୬୦୨/୪, ଘୋଷିତ, (ଶ୍ରେୟସ ଆୟର- ୨୩୩, ସିଦ୍ଧେଶ ଲାଡ୍-୧୬୯ଞ, ଅଙ୍ଗକ୍ରିଶ ରଘୁବଂଶୀ-୯୨, ବିପ୍ଳବ ସାମନ୍ତରାୟ-୨/୫୭, ସୂର୍ଯ୍ୟକାନ୍ତ ପ୍ରଧାନ- ୧/୬୬, ହର୍ଷିତ ରାଠୋଡ଼-୧/୧୩୬) । ଓଡ଼ିଶା ପ୍ରଥମ ପାଳି ୯୪.୩ ଓଭରରେ ୨୮୫/୧୦ (ସନ୍ଦୀପ ପଟ୍ଟନାୟକ-୧୦୨, ଦେବବ୍ରତ ପ୍ରଧାନ-୪୫, ଅନୁରାଗ ଷଡ଼ଙ୍ଗୀ-୩୯, ଆଶୀର୍ବାଦ ସ୍ୱାଇଁ-୩୭, ସାମ୍ସ ମୁଲାନି-୬/୧୧୫, ହିମାଂଶୁ ସିଂହ-୩/୫୩) । ଓଡ଼ିଶା ଦ୍ୱିତୀୟ ପାଳି ୪୨ ଓଭରରେ ୧୨୬/୫ (ଆଶୀର୍ବାଦ ସ୍ୱାଇଁ-୪୬, ସନ୍ଦୀପ ପଟ୍ଟନାୟକ- ୩୯, ବିପ୍ଳବ ସାମନ୍ତରାୟ-୨୬, ହିମାଂଶୁ ସିଂହ- ୩/୪୫, ରଏଷ୍ଟନ୍ ଦାସ-୧/୧୯) ।

## ପଡ଼ିଆ ମଝିରେ ଟଳିପଡ଼ିଲେ ଖେଳାଳି

**ସୁରତ,୯।୧୧(ଏଜେନ୍ସି):** ମୃତ୍ୟୁ କେତେବେଳେ, କେଉଁଠି ଓ କେମିତି ଆସିବ, ସେକଥା କାହାକୁ ବି ଜଣାନଥାଏ । ବର୍ତ୍ତମାନ ସମୟରେ ବିଶେଷ କରି ହୃଦଘାତ ଗୋଟିଏ ଜଟିଳ ସମସ୍ୟା ଭାବେ ପୂରା ବିଶ୍ୱ ଆଗରେ ଉଭା ହୋଇଛି । ହୃଦଘାତ ଅନେକ ସୁସ୍ଥ ସବଳ ଲୋକଙ୍କୁ ମଧ୍ୟ ହଠାତ ପରପାରିକୁ ନେଇଯାଉଛି । କିଏ ବସିଥିବା ବେଳେ ଟଳି ପଡୁଛି ତ କିଏ ହସଖୁସିରେ ଖେଳୁ ଖେଳୁ ସବୁଦିନ ପାଇଁ ଆଖି ବୁଜିଦେଉଛି । ମାତ୍ର କିଛି ସେକେଣ୍ଡ ମଧ୍ୟରେ ସବୁ କିଛି ବଦଳି ଯାଉଛି । ଗୁଜରାଟର ସୁରଟରେ ସେହିଭଳି ଗୋଟିଏ ଘଟଣା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି ।ସୁରଟର ରାନ୍ଦେର ଅଞ୍ଚଳରେ ଜଣେ ବ୍ୟକ୍ତି କ୍ରିକେଟ ଖେଳୁଥିବା ସମୟରେ ହଠାତ ପଡ଼ିଆ ମଝିରେ ଟଳି ପଡ଼ିଥିଲେ । ଏହିଠାରେ ହିଁ ତାଙ୍କର ମୃତ୍ୟୁ ଘଟିଛି । ମୃତ ବ୍ୟକ୍ତିଙ୍କ ନାମ ମକସୁଦ୍ ଅହମ୍ମଦ ବୁଟୱାଲା (୫୧) ବୋଲି ଜଣାପଡ଼ିଛି । ଘଟଣା ସମୟର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଖୁବ ଭାଇରାଲ ହେଉଛି । ଭିଡିଓରେ ଦେଖିବାକୁ ମିଳୁଛି ଯେ, ଖେଳ ବିରତି ସମୟରେ ମକସୁଦ୍ କିଛି ସମୟ ପଡ଼ିଆ ଭୂମିରେ ବସି ପାଣି ପିଇଥିଲେ । ଏହାପରେ ଉଠି ସାଥି ଖେଳାଳିମାନଙ୍କ ଆଡ଼କୁ ଯାଇଥିଲେ । ଏହି ସମୟରେ ହଠାତ ସେ ତଳେ ପଡ଼ି ଯାଇଥିଲେ ।



ପଡ଼ିଆରେ ଉପସ୍ଥିତ ସମସ୍ତ ଖେଳାଳି ଓ ଦର୍ଶକ ତୁରନ୍ତ ସହାୟତା ପାଇଁ ମକସୁଦଙ୍କ ଆଡ଼କୁ ଦୌଡ଼ିଥିଲେ । ତାଙ୍କୁ ସଙ୍ଗେସଙ୍ଗେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ହେଲେ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଡାକ୍ତର କହିଥିଲେ । ମୃତ ମକସୁଦ୍ ଅହମ୍ମଦ ଜଣେ ଟ୍ୟୁସନ ସଂଚାଳକ ଥିଲେ ବୋଲି କୁହାଯାଉଛି । ସେ ସବୁବେଳେ ଏପରି ପିଲାମାନଙ୍କ ସହ ଖେଳନ୍ତି । ହେଲେ ଏହା ତାଙ୍କର ଅନ୍ତିମ ଖେଳ ଥିଲା ବୋଲି କେହି ଭାବି ନଥିଲେ । ଏପରି ଅପ୍ରତ୍ୟାଶିତ ଘଟଣା ସମସ୍ତଙ୍କୁ ଚକିତ କରିଛି ।

## ଯୁବରାଜ ସିଂ କ୍ରିକେଟ୍ ଏକାଡେମୀ ଖେଳାଳି ଚୟନ ଶିବିର



**ଖୋର୍ଦ୍ଧା,୯।୧୧ :** ଖୋର୍ଦ୍ଧା ବି ଜେ ବି ହାଇସ୍କୁଲ ମିନି ଷ୍ଟାଡିୟମରେ ପୂର୍ବାଞ୍ଚଳ ପାଇଁ ଯୁବରାଜ ସିଂ କ୍ରିକେଟ୍ ଏକାଡେମୀ ପାଇଁ କ୍ରିକେଟ୍ ଖେଳାଳୀ ଚୟନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଚୟନ ଶିବିରରେ ୬ ବର୍ଷ ରୁ ୨୦ ବର୍ଷ ପ୍ରାୟ ୧୫୦ ରୁ ଉର୍ଦ୍ଧ୍ୱ କ୍ରିକେଟିୟର ଓଡ଼ିଶା ଏବଂ ରାଜ୍ୟ ବାହାର ପ୍ରଦେଶ ରୁ ଭାଗ ନେଇଥିଲେ ।ପଞ୍ଜାବ ର ପ୍ରଶିକ୍ଷକ ବିଶାଲ ଭାଟିଆ ବେଙ୍ଗଲର ପ୍ରଶିକ୍ଷକ ସତିନ୍ଦର୍ ସିଂ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଏହି ଚୟନ ଶିବିର ଅନୁଷ୍ଠିତ ହୋଇଥିଲା ।ପରବର୍ତ୍ତୀ ସମୟରେ ସିଲିଗୁଡ଼ି, ପାଟନା ଓ କଲିକତାରେ ଚୟନ ଶିବିର ଅନୁଷ୍ଠିତ ହୋଇ ଖେଳାଳି ମାନଙ୍କୁ ମୁଖ୍ୟ ଏକାଡେମୀ ପାଇଁ ମନୋନୀତ କରାଯିବ । ଏହି ଚୟନ ଶିବିରକୁ ମର୍ଲିନ ରାଇଜ ସ୍ପୋର୍ଟସ କଲିକତା ପରିଚାଳନା କରିଥିବାବେଳେ ଜିଲ୍ଲା କ୍ରିକେଟ୍ ଆସୋସିଏସନ୍, ଖୋର୍ଦ୍ଧାର କର୍ମକର୍ତ୍ତା ମାନେ ଏହି ଶିବିରର ପରିଚାଳନାରେ ସହାୟତା କରିଥିଲେ । ଆସୋସିଏସନ୍ର ସଭାପତି ରାଜେନ୍ଦ୍ର କୁମାର ସାହୁ, ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନଙ୍କ ଏହି ପ୍ରୟାସ ପାଇଁ ସ୍ଥାନୀୟ ଅଞ୍ଚଳର ବହୁ ଖେଳାଳି ଏହି ଶିବିରରେ ଯୋଗ ଦେଇ ନିଜର ଦକ୍ଷତା ପ୍ରତିପାଦନ କରିଥିଲେ । ଏହି ଶିବିର ଆୟୋଜନ ପାଇଁ କ୍ରୀଡ଼ାପ୍ରେମୀ ମହଲରେ ଆନନ୍ଦ ପରିଲକ୍ଷିତ ହୋଇଛି ।

## ଆଲୁ ଅର୍ଜୁନଙ୍କ ସହ ଥମସ ଅପ ଭାଗୀଦାରିତା ପ୍ରଦର୍ଶିତ

**ନୂଆଦିଲ୍ଲୀ,୯।୧୧(ଏଜେନ୍ସି):** ଥମସ ଅପ, ଭାରତର ଆଇକନିକ୍ ଘରୋଇ ବିକଶିତ ବ୍ରାଣ୍ଡ, ଯାହାକି ବୋଲଡ଼ ତୁଫାନୀ ସହିତ ତାଳ ଦେଇ ସଦ୍ୟ ଶୁଭାରମ୍ଭ ହୋଇଥିବା ଆଲୁ ଅର୍ଜୁନଙ୍କର ଅବିସ୍ମରଣୀୟ ଆତ୍ମିତ ଅଲଗାକୁ ଉପସ୍ଥାପିତ କରିପାରିଛି । ଏହି ବୋଲଡ଼ ମୁଭ ସହିତ ଏହି ବ୍ରାଣ୍ଡ ଉତ୍ସାହ ଉଦ୍ଦିପନାର ଲହର ତଥା ଫ୍ୟାନମାନଙ୍କର ସଦିଚ୍ଛାକୁ ପ୍ରସ୍ତୁତ କରିବା ସହିତ ଏହାକୁ ଆଗାମୀ ଦିନରେ ଉପସ୍ଥାପିତ କରିବାକୁ ଯାଉଛି । ପୁଷ୍ପା ୨, ଯାହାକି ଏକ ବିସ୍ଫୋରକ ଉତ୍କଣ୍ଠା ଏହାକୁ ନେଇ ଆସନ୍ତା ଚଳଚ୍ଚିତ୍ରର ରିଲିଜ ହେବାକୁ ଯାଉଛି ଯେଉଁଥିରେ ଥମସ ଅପ ଚଳଚ୍ଚିତ୍ରର ପ୍ରତ୍ୟେକ ପାର୍ଶ୍ୱରେ ଉଚ୍ଚ ଶକ୍ତିବର୍ଦ୍ଧକକାରୀ ଭାବରେ ପ୍ରତିଫଳିତ ହେବ । ଏହି ଅଲଗା ମୁହୂର୍ତ୍ତ ଆଲୁ ଅର୍ଜୁନଙ୍କର ରହିଥିବା ଏକ ବିରାଟ ଫ୍ୟାନକୁ କେବଳ ଏକାଠି ନୁହେଁ ଏହା ମଧ୍ୟ ଥମସ ଅପର ସଂଯୋଗୀକରଣକୁ ଗ୍ରାହକମାନଙ୍କ ନିକଟରେ ଅଧିକ ଶକ୍ତିଶାଳୀ କରିବା ସହିତ ଏହାର ଭୟ ଶୂନ୍ୟ ଦୁଃଶାହସିକ ଭାବକୁ ମଧ୍ୟ ପ୍ରତିଫଳିତ କରିଛି ।

## ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ପାକିସ୍ତାନ ଯିବନି ଭାରତ

**ନୂଆଦିଲ୍ଲୀ,୯।୧୧(ଏଜେନ୍ସି):** ଆସନ୍ତା ବର୍ଷ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଭାରତୀୟ ଟିମ ପାକିସ୍ତାନ ଗସ୍ତ କରିବ ନାହିଁ । ଏ ସମ୍ପର୍କରେ ବିସିସିଆଇ ବିଧିବଦ୍ଧ ଭାବେ ଆଇସିସିକୁ ଜଣାଇ ଦେଇଛି । କ୍ରିକଇନଫୋରେ ଏନେଇ ରିପୋର୍ଟ ପ୍ରକାଶ ପାଇଛି । ବିସିସିଆଇ ଆଇସିସିକୁ ଜଣାଇ ଦେଇଛି ଯେ ଭାରତ ସରକାର ଜାତୀୟ ଦଳକୁ ପାକିସ୍ତାନ ନ ପଠାଇବା ପାଇଁ ପରାମର୍ଶ ଦେଇଛନ୍ତି । ସୁରକ୍ଷା ଦୃଷ୍ଟିରୁ ଭାରତ ସରକାର ଏପରି ପଦକ୍ଷେପ ନେଇଛନ୍ତି । ଭାରତ ସରକାର ଅନୁମତି ଦେଉ ନଥିବାରୁ ଭାରତୀୟ ଟିମ ପାକିସ୍ତାନକୁ ଚାମ୍ପିୟନ୍ସ ଟ୍ରଫି ଖେଳିବାକୁ ଯିବ ନାହିଁ । ୮ଟି ଟିମକୁ ନେଇ ଅନୁଷ୍ଠିତ ହେବାକୁ ଥିବା ଚାମ୍ପିୟନ୍ସ ଟ୍ରଫିର ଆୟୋଜନ ଦାୟିତ୍ୱ ପାକିସ୍ତାନକୁ ମିଳିଛି । ଫେବୃଆରୀ ୧୯ରୁ ମାର୍ଚ୍ଚ ୯ ମଧ୍ୟରେ ପାକିସ୍ତାନର ବିଭିନ୍ନ ଷ୍ଟାଡିୟମରେ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଛି । ତେବେ ବିସିସିଆଇ ଭାରତୀୟ ଟିମକୁ ଛାଡ଼ିବାକୁ ମନା କରିବାରୁ ଟୁର୍ଣ୍ଣାମେଣ୍ଟର ଭବିଷ୍ୟତକୁ ନେଇ ଆଶଙ୍କା ପ୍ରକାଶ ପାଉଛି । ଭାରତୀୟ ଟିମ ପାକିସ୍ତାନ ଯିବାକୁ ମନା କରିବାରୁ ଆଇସିସି ହାଇବ୍ରିଡ ମଡେଲ କଥା ଚିନ୍ତା କରୁଛି । କିନ୍ତୁ ଏଥିରେ ପାକିସ୍ତାନ ଏକମତ ହୋଇନାହିଁ । ଶୁକ୍ରବାର ପାକିସ୍ତାନ କ୍ରିକେଟ ବୋର୍ଡ ବା ପିସିବିର ଅଧ୍ୟକ୍ଷ ମୋହସିନ ନକବୀ ଚାମ୍ପିୟନ୍ସ ଟ୍ରଫିରେ ହାଇବ୍ରିଡ ମଡେଲେ ସମ୍ଭାବନାକୁ ଖଣ୍ଡନ କରିଥିଲେ । ସେହିପରି ଏ ସମ୍ପର୍କରେ ଆଇସିସି କୌଣସି ପ୍ରକାରର ଆଲୋଚନା କରି ନଥିବା ମଧ୍ୟ ସେ କହିଥିଲେ । କିନ୍ତୁ କ୍ରିକଇନଫୋ ଜାଣିବାକୁ ପାଇଛି ଯେ ଆଇସିସି ପୁଣି ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ହାଇବ୍ରିଡ ମଡେଲ ଆପଣାଇବା ପାଇଁ ପିସିବି ସହ ଆଲୋଚନା କରିବ । ଭାରତର ମ୍ୟାଚଗୁଡ଼ିକ ୟୁଏଇ କିମ୍ବା ଶ୍ରୀଲଙ୍କାରେ ଆୟୋଜନ ହୋଇପାରେ । ତେବେ ଏ ସମ୍ପର୍କରେ ବିସିସିଆଇ କିମ୍ବା ଆଇସିସି ପକ୍ଷରୁ କୌଣସି ପ୍ରକାରର ପ୍ରତିକ୍ରିୟା ପ୍ରକାଶ ପାଇନାହିଁ ।




## ଆପୋଲୋ କ୍ୟାନସର କନ୍କ୍ଲେଭ୍ର ସପ୍ତମ ସଂସ୍କରଣ ଆୟୋଜିତ

**ଭୁବନେଶ୍ୱର,୯।୧୧(ଏଜେନ୍ସି):** ଆପୋଲୋ କ୍ୟାନସର୍ ସେଂଟର ମୁମ୍ବାଇ ପକ୍ଷରୁ ଆପୋଲୋ କ୍ୟାନସର୍ କନ୍କ୍ଲେଭ୍ର ସପ୍ତମ ସଂସ୍କରଣ ଆୟୋଜନ କରାଯାଇଛି ଯେଉଁଥିରେ ୨୦୦୦ରୁ ଅଧିକ ଅଙ୍କୋଲୋଜିଷ୍ଟ ଏବଂ ଜାତୀୟ ଓ ଅନ୍ତର୍ଜାତୀୟ ଅନୁଷ୍ଠାନଗୁଡ଼ିକର ୪୦୦ରୁ ଅଧିକ ଫାକଲ୍ଟି, କ୍ୟାନସର କେୟାର ବିଶେଷଜ୍ଞ ଓ ଗବେଷକ ଅଂଶଗ୍ରହଣ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କ୍ୟାନସର ଚିକିତ୍ସାରେ ହୋଇଥିବା ସଦ୍ୟତମ ଉନ୍ନତି ଓ ନବସୃଜନ ଉପରେ ଆଲୋଚନା କରାଯାଉଛି । ୨୦୨୪ ନଭେମ୍ବର ୮-୧୦ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଏହି କନ୍କ୍ଲେଭ୍ ସ୍ୱାସ୍ଥ୍ୟ ସେବା କ୍ଷେତ୍ରର ପ୍ରଫେସନାଲ୍ମାନଙ୍କୁ ପ୍ୟାନେଲ୍ ଆଲୋଚନା, କର୍ମଶାଳା ଓ ଗବେଷଣା ଉପସ୍ଥାପନାରେ ଯୋଡ଼ି ହେବାର ଏକ ଚମତ୍କାର ସୁଯୋଗ ପ୍ରଦାନ କରୁଛି । ପ୍ରମୁଖ ଓ ଅନ୍ୟାନ୍ୟ ଅଧିବେଶନଗୁଡ଼ିକ ଉଭୟ ପ୍ରତିଷ୍ଠିତ ଓ ଉଦୀୟମାନ କ୍ୟାନସର ଚିକିତ୍ସା ଓ ପରିଚାଳନା ରଣନୀତି ଉପରେ ମୂଲ୍ୟବାନ ଜ୍ଞାନ ପ୍ରଦାନ କରୁଛି । ସାତ ଅଙ୍ଗ ଜନିତ ବୈଜ୍ଞାନିକ ପଦ୍ଧତି, ୧୦୦ରୁ ଅଧିକ ଅଧିବେଶନ ଏବଂ ଅନେକ ଭାବ ବିନିମୟ ଆଲୋଚନା ସହିତ ଆପୋଲୋ କ୍ୟାନସର କନ୍କ୍ଲେଭ୍ ଅଙ୍କଲୋଜି କ୍ଷେତ୍ରରେ ଏକ ପ୍ରମୁଖ କାର୍ଯ୍ୟକ୍ରମ ଭାବେ ପ୍ରତିଷ୍ଠିତ ହୋଇପାରିଛି । ଅଙ୍କୋଲୋଜି ସ୍ପେସିଆଲିଷ୍ଟଙ୍କ ସ୍ୱାସ୍ଥ୍ୟ କ୍ୟାଲେଣ୍ଡରରେ ଏହା ଏକ ପ୍ରମୁଖ ଘଟଣାରେ ପରିଣତ ହୋଇଛି ।

# ଆମେ ଏବେ ବି ଏକ ପରିବାର : ନତାଶା

**ନୂଆଦିଲ୍ଲୀ,୯।୧୧(ଏଜେନ୍ସି):** ଟିମ୍ ଇଣ୍ଡିଆର ଅଲରାଉଣ୍ଡର ଖେଳାଳି ହାର୍ଦ୍ଦିକ ପାଣ୍ଡ୍ୟା ଓ ତାଙ୍କ ପତ୍ନୀ ନତାଶା ଷ୍ଟାନକୋଭିକ୍ ଅଲଗା ହୋଇଯାଇଛନ୍ତି ଉଭୟ କିଛି ଦିନ ତଳେ ନିଜର ଛାଡପତ୍ର ବାବଦରେ ସୋସିଆଲ ମିଡିଆରେ ଏକ ପୋଷ୍ଟ ସେୟାର କରି ସୂଚନା ଦେଇଥିଲେ । ନତାଶା ଓ ହାର୍ଦ୍ଦିକ ଏକ ସୋସିଆଲ ମିଡିଆ ପୋଷ୍ଟରେ ଲେଖିଥିଲେ ଯେ ଉଭୟ ପାରସ୍ପରିକ ସମ୍ମତି ସହିତ ଅଲଗା ହୋଇଯାଇଛନ୍ତି । ଛାଡ଼ପତ୍ର ଘୋଷଣା ପରେ ଦୁହେଁ ଏହା ପଛର କାରଣ ଜଣାଇନଥିବା ବେଳେ ଏବେ ନତାଶା ପ୍ରଥମ କରି ନିଜ ସମ୍ପର୍କକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ।

ଛାଡ଼ପତ୍ର ପରେ ସର୍ବିଆ ଚାଲିଯାଇଥିବା ନତାଶା ଏବେ ଭାରତ ଫେରି ପୁଣି ଥରେ ମ୍ୟୁଜିକ ଭିଡିଓରେ କାମ କରିବା ଆରମ୍ଭ କରିଛନ୍ତି । କାମ ସରିବା ପରେ ସେ ପୁଣି ସର୍ବିଆ ଫେରିଯିବେ କି ବୋଲି ପ୍ରଶ୍ନ କରାଯିବାରୁ ନତାଶା କହିଛନ୍ତି, ସହରରେ ଚର୍ଚ୍ଚା ହେଉଛି ଯେ ମୁଁ ସର୍ବିଆ ଫେରିଯିବି । ହେଲେ ମୁଁ କିପରି ଫେରିଯିବି ? ମୋର ଗୋଟିଏ ପୁଅ ଅଛି । ତା'ର ସ୍କୁଲ ଏଠି ଅଛି । ସର୍ବିଆ ଫେରିବାର କୌଣସି ଯୋଜନା ନାହିଁ । ଆମେ ଏବେ ବି ଏକ ପରିବାର ଆମର ଏକ ସନ୍ତାନ ଅଛି ଏବଂ ସେ ସର୍ବଦା ଆମକୁ ଏକ ପରିବାର କରି ରଖିବ । ଅଗସ୍ତ୍ୟ ତାଙ୍କ ପିତାମାତାଙ୍କ ସହିତ ରହିବା ଉଚିତ ଏବର୍ଷ କିଛି ନୂଆ ନଥିଲା । ମୁଁ ୧୦ବର୍ଷ ହେଲାଣି ପ୍ରତିବର୍ଷ ସମାନ ସମୟରେ ସର୍ବିଆ ବୁଲିବାକୁ ଯାଏ । ଛାଡ଼ପତ୍ର ସହିତ ସର୍ବିଆ ଯିବାର କେଣସି ସମ୍ପର୍କ ନାହିଁ । ମେ' ୨୦୨୦ରେ ନିରାଡମ୍ବର ଭାବେ ବିବାହ କରିବା ପରେ ଫେବୃଆରି ୨୦୨୩ରେ ହିନ୍ଦୁ ଏବଂ ଖ୍ରୀଷ୍ଟିଆନ ରୀତିନୀତି ଅନୁଯାୟୀ ବଡ଼ ଆଡମ୍ବରରେ ବିବାହ କରିଥିଲେ ହାର୍ଦ୍ଦିକ-ନତାଶା । ହେଲେ ଜୁଲାଇ ୨୦୨୪ରେ ସେମାନେ ଅଲଗା ହେଉଥିବା ନିଶ୍ଚିତ କରିଥିଲେ । ଛାଡ଼ପତ୍ର ବିଷୟରେ ଘୋଷଣା କରି ଦୁହେଁ ଲେଖିଥିଲେ, ପ୍ରାୟ ୪ ବର୍ଷ ପରେ ଆମେ ପାରସ୍ପରିକ ସହମତିରେ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ । ଆମେ ଦୁହେଁ ଏକାଠି ରହି ନିଜର ସର୍ବଶ୍ରେଷ୍ଠ ସମୟ ଦେଇଥିଲୁ କିନ୍ତୁ ବର୍ତ୍ତମାନ ଦୁହେଁ ସମାନ ନିଷ୍ପତ୍ତି ନେଇଛୁ । ଏହା ଆମ ପାଇଁ ବହୁତ କଷ୍ଟସାଧ ନିଷ୍ପତ୍ତି ଥିଲା ଅଗସ୍ତ୍ୟ ଆମର ଉଭୟ ଜୀବନର ଏକ ଅଂଶ ହୋଇ ରହିବ ଆମେ ଦୁହେଁ ତାଙ୍କୁ ସମସ୍ତ ଖୁସି ଦେବାକୁ ଚେଷ୍ଟା କରିବୁ ।



## ଟିପିଏସ୍ଓଡିଏଲ୍ ପଥପ୍ରାନ୍ତ ନାଟକ

**ଭୁବନେଶ୍ୱର,୯।୧୧(ଏଜେନ୍ସି):** ଭିଜିଲାନ୍ସ ସଚେତନତା ମାସ ପାଳନ ଅବସରରେ ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଏସ୍ଓଡିଏଲ୍) ପକ୍ଷରୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ନାଟକ ଓ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ଏହି କାର୍ଯ୍ୟକ୍ରମ ଦ୍ୱାରା ସଚ୍ଚୋଟତା, ସ୍ୱଚ୍ଛତା ଏବଂ ନୈତିକ ଶାସନର ମୂଲ୍ୟବୋଧକୁ ବଜାୟ ରଖିବା ପାଇଁ ବାର୍ତ୍ତା ଦିଆଯାଉଛି । ଏହି ପଦକ୍ଷେପ ଗୋଷ୍ଠୀ ସମ୍ପର୍କ ଏବଂ ସଚେତନତା ମାଧ୍ୟମରେ ଏକ ଦୁର୍ନୀତିମୁକ୍ତ ପରିବେଶ ସୃଷ୍ଟି କରିବା ଦିଗରେ ଟିପିଏସ୍ଓଡିଏଲର ପ୍ରତିବଦ୍ଧତାକୁ ଦର୍ଶାଉଛି । ଦକ୍ଷିଣ ଓଡ଼ିଶାର ୮ଟି ଜିଲ୍ଲାର ୬ଟି ସର୍କଲରେ ଭଞ୍ଜନଗର, ବୌଦ୍ଧ, ଆସିକା, ବ୍ରହ୍ମପୁର, ଫୁଲବାଣୀ, ଦିଗପହଣ୍ଡି ଓ ରାୟଗଡ଼ା ଭଳି ପ୍ରମୁଖ ସହର, ବ୍ଲକ୍ ସଦର ମହକୁମା ଓ ଗ୍ରାମାଞ୍ଚଳରେ ଏହି ନାଟକ ପରିବେଷଣ କରାଯାଇଥିଲା ।

## ବେଦାନ୍ତ ପକ୍ଷରୁ ଟେଲରିଂ ଏବଂ ସ୍ଲିପର ମେକିଂ ୟୁନିଟ ଉଦ୍ଘାଟିତ

**ଭୁବନେଶ୍ୱର,୯।୧୧(ଏଜେନ୍ସି):** ସ୍ଥାୟୀ ଜୀବିକା ମାଧ୍ୟମରେ ଗ୍ରାମୀଣ ମହିଳାଙ୍କୁ ସଶକ୍ତିକରଣ କରିବାର ପ୍ରତିବଦ୍ଧତାର ଏକ ଅଂଶ ଭାବରେ ବେଦାନ୍ତ ଆଇରନ ଓର୍ ଓଡ଼ିଶା (ଆଇଓଓ) ପ୍ରୋଜେକ୍ଟ ଜୀଭିକା ଅନ୍ତର୍ଗତ ଦୁଇଟି ନୂତନ ପଦକ୍ଷେପ ଆରମ୍ଭ କରିଛି । ନାଡିଡିହି ଗାଁର ବେଦାନ୍ତ ଟେଲରିଂ ଆଣ୍ଡ ଟ୍ରେନିଂ ସେଂଟର ଏବଂ ରେଙ୍ଗାଲବେଡାର ଇନ୍ଦିରା କଲୋନୀରେ ସ୍ଲିପର ମେକିଂ ୟୁନିଟ ଆରମ୍ଭ କରାଯାଇଛି । ଏହି ପଦକ୍ଷେପଗୁଡ଼ିକ ସ୍ଥାନୀୟ ମହିଳାମାନଙ୍କ ମଧ୍ୟରେ ଦକ୍ଷତା, ଉଦ୍ୟୋଗ ପ୍ରତିଷ୍ଠା ଏବଂ ଆତ୍ମନିର୍ଭରଶୀଳତାକୁ ପ୍ରୋତ୍ସାହିତ କରିବାକୁ ଲକ୍ଷ୍ୟ ରଖିଛି । ଏଥିରେ ଏବେ ୨୦ ଜଣ ମହିଳା ନାମ ଲେଖାଇଛନ୍ତି ଏବଂ ଏହି କାର୍ଯ୍ୟକ୍ରମଗୁଡିକରୁ ଉପକୃତ ହେଉଛନ୍ତି ।

ଉଦ୍ଘାଟନୀ ସମାରୋହରେ ସୁଶ୍ରୀ ଅନୀତା ସାହୁ, ସିଡିପିଓ କୋଏଡା, ସମ୍ବିତ ନାୟକ, ହେଡ ସିଏସଆର ଆଣ୍ଡ ଇଆର, ବେଦାନ୍ତ ଲୁହାପଥର ଓଡିଶା, ୱାର୍ଡ ସଦସ୍ୟ ତଥା ନାଡିଡିହି ଏବଂ ରେଙ୍ଗାଲବେଡାର ସ୍ଥାନୀୟ ଗୋଷ୍ଠୀର ସଦସ୍ୟମାନେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମଗୁଡ଼ିକ ଧନ୍ଦାମୂଳକ କୌଶଳ ବିକାଶ, ନିଯୁକ୍ତି ବୃଦ୍ଧି ଏବଂ ମହିଳାମାନଙ୍କ ପାଇଁ ସ୍ଥାୟୀ ଆୟ ସୃଷ୍ଟି ଏବଂ ସେମାନଙ୍କ ଗୋଷ୍ଠୀରେ ଆର୍ଥିକ ଦୃଷ୍ଟିରୁ ଅବଦାନ ପାଇଁ ଉପକରଣ ଯୋଗାଇବା ଉପରେ ଲକ୍ଷ୍ୟ ରଖାଯାଇଛି ।

ଟେଲରିଂ ଟ୍ରେନିଂ ପ୍ରୋଗ୍ରାମ ମହିଳାମାନଙ୍କୁ ନିଜର ଟେଲରିଂ ୟୁନିଟ ଖୋଲି ୨ ମାସ ମଧ୍ୟରେ ସେମାନଙ୍କୁ ଦକ୍ଷ କରିବାର ଲକ୍ଷ୍ୟ ରଖିଛି । ବେଦାନ୍ତ ମହିଳା ଏବଂ ଶିଶୁ ବିକାଶ ବିଭାଗ ଅଧୀନରେ ମିଶନ ଶକ୍ତି ଭଳି ସରକାରୀ ପଦକ୍ଷେପ ସହିତ ଯୋଗାଯୋଗକୁ ସହଜ କରି ଅଂଶଗ୍ରହଣକାରୀମାନଙ୍କୁ ସହାୟତା କରାଯିବ । ଏହି ଶିକ୍ଷା ପରେ ସେମାନଙ୍କୁ ନିଜର ବ୍ୟବସାୟ ଆରମ୍ଭ ତଥା ଏହାର ବୃଦ୍ଧି କରିବାରେ ସହାୟତା ମିଳିବ । ଉତ୍ପାଦନ କୌଶଳ ଏବଂ ମାର୍କେଟିଂ କୌଶଳରେ ହ୍ୟାଣ୍ଡ-ଅନ ଟ୍ରେନିଂ ପ୍ରଦାନ କରୁଥିବା ସ୍ଲିପର ତିଆରି ୟୁନିଟ ମାର୍ଗଦର୍ଶନ ଏବଂ ତାଲିମ ପରବର୍ତ୍ତୀ ସହାୟତା ସହିତ, ଅଂଶଗ୍ରହଣକାରୀମାନେ ମିଶନ ଶକ୍ତି ଏବଂ ସମାନ କାର୍ଯ୍ୟକ୍ରମ ସହିତ ଲିଙ୍କେଜ ଦ୍ୱାରା ଉପକୃତ ହେବେ । ସ୍ଲିପର ତିଆରି ୟୁନିଟ ଅଂଶଗ୍ରହଣକାରୀ ଏବଂ ସେମାନଙ୍କ ପରିବାରଙ୍କ ପାଇଁ ଅର୍ଥନୈତିକ ସ୍ୱାଧୀନତା ବୃଦ୍ଧି କରି ସ୍ୱୟଂ ସହାୟକ ଗୋଷ୍ଠୀ (ଏସଏଚଜି) ପାଇଁ ମାସିକ ପ୍ରାୟ ୨୦,୦୦୦ ଟଙ୍କା ଆୟ ହୋଇପାରିବ ବୋଲି ଆକଳନ କରାଯାଇଛି ।

# ଓଡ଼ିଶା ହକିର ନୂଆ ଚେହେରା: ସୁନେଲିତା

**ରାଉରକେଲା,୯।୧୧(ଏଜେନ୍ସି):** ନଭେମ୍ବର ୧୧ ରୁ ୨୦ ନଭେମ୍ବର ମଧ୍ୟରେ ରାଜଗିରରେ ଅନୁଷ୍ଠିତ ହେବାକୁ ଥିବା ବିହାର ମହିଳା ଏସୀୟ ଚାମ୍ପିଅନ୍ସ ଟ୍ରଫି ହକି ପ୍ରତିଯୋଗିତା ପାଇଁ ୧୮ ଜଣିଆ ଭାରତୀୟ ଦଳରେ ୧୭ ବର୍ଷୀୟ ସୁନେଲିତା ଟପ୍ପୋ ଏକମାତ୍ର ଓଡ଼ିଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି । ମିଡ୍ଫିଲ୍ଡର ହେଉ କି ଫରୱାର୍ଡ, ଦୁଇଟା ଯାକ ସ୍ଥାନରେ ସମାନ ଦକ୍ଷତା ସହ ଖେଳିବାରେ ସମର୍ଥ ସୁନେଲିତା କେତେ ପ୍ରତିଭାଶାଳୀ ଓ ପ୍ରଭାବଶାଳୀ ତା'ର ଏକ ନମୁନା ନିକଟରେ ହକି ଲିଗ ପାଇଁ ଅନୁଷ୍ଠିତ ନିଲାମିରେ ଦେଖିବାକୁ ମିଳିଥିଲା । ତାଙ୍କୁ ଦିଲ୍ଲୀ ଏସଜି ପାଇପର୍ସ ନିଜ ଦଳରେ ସାମିଲ ପାଇଁ ୨୪ ଲକ୍ଷ ଟଙ୍କା ଖର୍ଚ୍ଚ କରିଛି । ଓଡ଼ିଶା ମହିଳା ହକି ଖେଳାଳିଙ୍କ ମଧ୍ୟରେ ସେ ସବୁଠାରୁ ଦାମୀ ଖେଳାଳି ଭାବେ ବିକ୍ରି ହୋଇଛନ୍ତି ।

ସୁନ୍ଦରଗଡ଼ ଜିଲାର ସମୃଦ୍ଧ ହକି ପରମ୍ପରାକୁ ଆହୁରି ସୁଦୃଢ଼ କରି ଆଗକୁ ନେଉଥିବା ସୁନେଲିତାଙ୍କ ଜନ୍ମ ରାଜଗାଙ୍ଗପୁର ବ୍ଲକର କୁକୁଡ଼ା ଗ୍ରାମରେ ସୁରେଶ ଟପ୍ପୋ ଓ ନେଲି ସୁନିତା ଟପ୍ପୋ ଘରେ ୨୦୦୭ରେ ହୋଇଛି । ଏକ ଛୋଟିଆ ଗାଁ ହେଲେ ମଧ୍ୟ ହକି ଦୃଷ୍ଟିରୁ ବିଶାଳ ଗାଁ ଭାବେ ଖ୍ୟାତି ଅର୍ଜନ କରିଛି । ଏହି ଗାଁରୁ ଅନେକ ଅନ୍ତର୍ଜାତୀୟ ଖେଳାଳି ବାହାରି ସାରିଛନ୍ତି । ଏଣୁ ଏଇଠି ସମସ୍ତ ପିଲାଙ୍କ ପରି ସେ ମଧ୍ୟ ଆଠ ବର୍ଷ ବୟସରୁ ହକି ପ୍ରେମରେ ପଡ଼ି ଷ୍ଟିକ୍ ଧରି ଥିଲେ ।




ତାର ପ୍ରତିଭା ଶୀଘ୍ର ଲୋକଙ୍କ ଧ୍ୟାନ ଆକର୍ଷଣ କରିଥିଲା । ଏହି ଅଞ୍ଚଳର ଅନେକ ଯୁବ ଉଦୀୟମାନ ଖେଳାଳିଙ୍କ ପରି ସୁନେଲିତା ମଧ୍ୟ ଏକ ନିମ୍ନ ଆୟ ବର୍ଗ ପରିବାର ପୃଷ୍ଠଭୂମିରୁ ଆସିଛନ୍ତି । ତେଣୁ, ଜଣେ ବୃତ୍ତିଗତ ହକି ଖେଳାଳି ହେବାର ରାସ୍ତା ଯୁବ ଫରୱାର୍ଡଙ୍କ ପାଇଁ ସହଜ ନଥିଲା । ''ଆର୍ଥିକ ପ୍ରତିବନ୍ଧକ ହେତୁ ମୋତେ ଏକ ପେସାଦାର ହକି ଖେଳାଳି ହେବାର ଅନେକ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲା, କିନ୍ତୁ ମୋ ପରିବାର ମୋତେ ବିଶ୍ୱାସ ଓ ସମର୍ଥନ କରିବାରୁ ମୁଁ ଆଜି ଏହି ସ୍ତରରେ ପହଁଚି ପାରିଛି'' ବୋଲି ସୁନେଲିତା କହିଛନ୍ତି ।

ଗାଁ ମଇଦାନରେ ତିନି ବର୍ଷ ଅଭ୍ୟାସ ପରେ ୨୦୧୧ରେ ସେ ସୁନ୍ଦରଗଡ଼ର ସାଇ ତାଲିମ କେନ୍ଦ୍ର (ଏସ୍ଟିସି)ରେ ପ୍ରବେଶ ପାଇଥିଲେ । ସୁନ୍ଦରଗଡ଼ରେ ତିନି ବର୍ଷ ବିତାଇବା ପରେ ସୁନେଲିତାଙ୍କୁ ବେଙ୍ଗାଲୁରୁର ରାଷ୍ଟ୍ରୀୟ ଉତ୍କର୍ଷ କେନ୍ଦ୍ରକୁ ସ୍ଥାନାନ୍ତରିତ କରିଦିଆଯାଇଥିଲା, ଯେଉଁଠି ସେ ଏବେ ପ୍ରଶିକ୍ଷଣ ନେଉଛନ୍ତି । ଏଠାରେ ତାଙ୍କ ହକି କୌଶଳ ଦ୍ରୁତ ଗତିରେ ବିକଶିତ ହୋଇଛି । ଜାତୀୟ କନିଷ୍ଠ ହକିର ବିଭିନ୍ନ ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ ପରେ ୨୦୨୩ ଫେବୃଆରୀ ମାସରେ ତାଙ୍କୁ ଦକ୍ଷିଣ ଆଫ୍ରିକା ଗସ୍ତରେ ଯାଉଥିବା ଭାରତୀୟ କନିଷ୍ଠ ଦଳରେ ସାମିଲ କରାଯାଇଥିଲା ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ